بِسۡمِ اللّٰہِ الرَّحۡمٰنِ الرَّحِیۡمِ     نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ     وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3

ସାପ୍ତାହିକ

# ବଦର

The Weekly କାଦିଆନ

BADAR Qadian

ODIA

ସଂଖ୍ୟା 11

ବାର୍ଷିକ ଦେୟ: ୩୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

15 ମାର୍ଚ୍ଚ 2018     15 ଅମାନ୍ 1397 ହି.ଶ     26 ଜମାଦିସ୍ ସାନି 1439 ହି.କ

## ଅଲ୍ଲାଃତାଲାଙ୍କ ବାଣୀ

ୱଲିଲାହିଲ୍ ମଶ୍‌ରିକୁ ୱଲ୍ ମଗ୍‌ରିବୁ । ଫଅଇନମା ତୁୱଲ୍ଲୁ ଫସମ୍ମା ୱଜହୁଲ୍ଲାହି । ଇନ୍ନଲ୍ଲାହା ୱାସିଉନ୍ ଅଲିମ୍ ।

(ସୁରା ବକ୍‌ରାଃ : ୧୧୬)

**ଅନୁବାଦ** - ପୂର୍ବ ଏବଂ ପଶ୍ଚିମ ଅଲ୍ଲାଃଙ୍କର ଅଟେ । ସୁତରାଂ ତୁମେ ଯେଉଁ ଦିଗକୁ ମୁହଁ କରିବ ସେହି ଦିଗରେ ନିଶ୍ଚୟ ଅଲ୍ଲାଃଙ୍କର ଅସ୍ତିତ୍ୱ ପାଇବ । ବାସ୍ତବରେ ଅଲ୍ଲାଃ ହିଁ ସର୍ବବ୍ୟାପି ଓ ସର୍ବଜ୍ଞ ।

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି ।      (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର ଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍ରିହି ୱ ଅମ୍ରିହି ॥

**ମୁଁ ସର୍ବ ଶକ୍ତିମାନ୍ ଖୁଦାଙ୍କ କୃତଜ୍ଞତା ଜ୍ଞାପନ କରୁଛି ଯେ ମୋ ନିଦର୍ଶନ ଗୁଡିକର କେବଳ ମୁସଲ୍‌ମାନ୍‌ମାନେ ହିଁ ସାକ୍ଷୀ ନାହାନ୍ତି ବରଂ ଏ ସଂସାରରେ ଯେତେ ଜାତି ଅଛନ୍ତି ସମସ୍ତେ ମୋ ନିଦର୍ଶନ ଗୁଡିକର ସାକ୍ଷୀ ଅଛନ୍ତି । ଫ ଅଲ୍‌ହମ୍‌ଦୋ ଲିଲ୍ଲାହେ ଆଲା ଜାଲିକ୍ ।**

# ହଜରତ ମସିହ ମଉଦ ଆ.ସଙ୍କ ନୀତି ବାଣୀ

**୧୧୪ ତମ ନିଦର୍ଶନ** - ତାଉନ୍ (ପ୍ଲେଗ୍) ବ୍ୟାପିବା ସମ୍ବନ୍ଧରେ ମୋତେ ଏଲ୍‌ହାମ୍ ହେଲା *ଅଲ୍‌ଅମ୍‌ରାଜ୍ ତଶାଉ ୱନ୍ ନୁଫୁସୁ ତୁଜାଉ* । ଅର୍ଥାତ୍ ରୋଗ ପ୍ରସାର କରାଇଦିଆଯିବ । ଫଳତଃ ଜୀବନ କ୍ଷତି ହେବ । ଏବେ ଯେଉଁ ଲୋକ ଚାହିଁବେ ସେମାନେ ଦେଖିପାରିବେ ଯେ ମୁଁ ଏହି ଏଲ୍‌ହାମ୍‌କୁ ତାଉନ୍ ବ୍ୟାପିବା ପୂର୍ବରୁ ଅଖ୍‌ବାର୍ ଅଲ୍‌ହକମ୍ ଏବଂ ଅଲ୍‌ବଦର୍‌ରେ ଛପାଇ ଦେଇଥିଲି । ପୁଣି ଏହାପରେ ପଞ୍ଜାବ୍‌ରେ ଏଭଳି ତାଉନ୍‌ର ପ୍ରଭାବ ହେଲା ଯେ ହଜାର ହଜାର ଘର ମୃତ୍ୟୁ ଦ୍ୱାରା ଜନଶୂନ୍ୟ ହୋଇଗଲା ।

**୧୧୫ ତମ ନିଦର୍ଶନ** - ରିସାଲା (ପତ୍ରିକା) ସିରାଜେ ମୁନୀର୍‌ରେ ତାଉନ୍ ଆସିବା ସମ୍ପର୍କରେ ଗୋଟିଏ ପେଶ୍‌ଗୋଇ ଅଛି । *ୟା ମସିହଲ୍ ଖଲ୍‌କ୍ ଅଦୱାନା* । ଅର୍ଥାତ୍ ହେ ମସିହ୍ ଯିଏ ମଖ୍‌ଲୁକ୍ (ସୃଷ୍ଟଜ)ଙ୍କ ନିମନ୍ତେ ପ୍ରେରଣ କରାଯାଇଅଛ ଆମ ତାଉନ୍‌ର ଖବର ନିଅ । ଏହାପରେ ଭୀଷଣ ତାଉନ୍ ପଡ଼ିଲା ଓ ହଜାର ହଜାର ଖୁଦାଙ୍କ ଭକ୍ତ ତାଉନ୍ ଦ୍ୱାରା ଭୟଭୀତ ହୋଇ ମୋ ପାଖକୁ ଦୌଡ଼ିଲେ, ଯେପରି ସେମାନଙ୍କ ମୁଖରେ ଏ ବାକ୍ୟ ଥିଲା କି *ୟା ମସିହଲ୍ ଖଲ୍‌କ୍ ଅଦୱାନା* । ଓ ଏହି ପେଶ୍‌ଗୋଇଟି ଯେପରି ମୋ ପୁସ୍ତକ ସିରାଜେ ମୁନୀର୍‌ରେ ଦରଜ କରାଯାଇଛି ସେହିପରି ଶହ ଶହ ଲୋକଙ୍କୁ ଘଟଣା ଘଟିବା ପୂର୍ବରୁ ଏ ବିଷୟରେ ସୁଚାଇ ଦିଆଯାଇଥିଲା ।

**୧୧୬ ତମ ନିଦର୍ଶନ** - ଥରେ ସକାଳବେଳା ଅଲ୍ଲାଃଙ୍କ ୱହି ମୋ ମୁଖରେ ଜାରି ହେଲା । *ଅବ୍‌ଦୁଲ୍ଲାଃ ଖାନ୍ ଡ଼େରା ଇସ୍‌ମାଇଲ୍ ଖାନ୍* ଏବଂ ଏଥିରୁ ବୁଝା ପଡ଼ିଲା ଯେ ଏହି ନାମରେ ଜଣେ ବ୍ୟକ୍ତି ଆଜି କିଛି ଟଙ୍କା ପଠାଇବେ । କିଛି ହିନ୍ଦୁ ଯେଉଁମାନେ ୱହି ଜାରି ହେବାର ବିଷୟ ଅବିଶ୍ୱାସ କରନ୍ତି ଓ ବହୁତ କିଛି ବେଦ ଉପରେ ସେମାନେ ଆଧାର କରି ବସିଛନ୍ତି, ତାଙ୍କ ନିକଟକୁ ଏହି ଅଲ୍ଲାଃଙ୍କ ଏଲ୍‌ହାମ୍ ବିଷୟରେ ଚର୍ଚ୍ଚା କଲି । ଏବଂ ମୁଁ କହିଲି ଯେ ଯଦି ଆଜି ଏ ଟଙ୍କା ନଆସେ ତେବେ ମୁଁ ସତ୍ୟ ମାର୍ଗରେ ନାହିଁ । ସେମାନଙ୍କ ଭିତରୁ ଜଣେ ହିନ୍ଦୁ ହେଉଛନ୍ତି ବିଶନ୍ ଦାସ୍ ଯିଏ ଜାତିରେ ବ୍ରାହ୍ମଣ ଅଟନ୍ତି, ଯିଏ ଆଜିକାଲି ଗୋଟିଏ ଜାଗାରେ ପଟୁଆରି ଅଛନ୍ତି, ସେ କହିଲେ ଯେ ମଁ ଏକଥାର ପରୀକ୍ଷା କରିବି ଓ ସେଥିପାଇଁ ଡାକ ଘରକୁ ଯିବି । ସେତେବେଳେ କାଦିଆନ୍‌ରେ ଡାକ ଦୁଇ ପ୍ରହର ପରେ ଦିନ ୨ଟାରେ ଆସୁଥିଲା । ସେ ସେହି ସମୟରେ ଡାକ ଘରକୁ ଗଲା ଓ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ ଉତର ଆଣିଲା ଯେ ବାସ୍ତବରେ ଅବ୍‌ଦୁଲ୍ଲାଃ ଖାନ୍ ନାମକ ଜଣେ ବ୍ୟକ୍ତି ଯିଏ ଡେରା ଇସ୍‌ମାଇଲ୍ ଖାନ୍ ଠାରେ ଏକ୍ସ୍‌ଟ୍ରା ଆସିଷ୍ଟାଂଟ୍ ଅଛନ୍ତି, ସେ କିଛି ଟଙ୍କା ପଠାଇଛନ୍ତି । ଓ ସେହି ହିନ୍ଦୁ ଜଣକ ବହୁତ ଆଶ୍ଚର୍ଯ୍ୟାନ୍ୱିତ ହୋଇ ବାରମ୍ବାର ମୋତେ ଏକଥା ପଚାରୁଥିଲା ଯେ ଏ ବିଷୟରେ ଆପଣଙ୍କୁ କିଏ କହିଲା ଓ ତା ଚେହେରାରୁ ଆଶ୍ଚର୍ଯ୍ୟ ଓ ଆଚମ୍ବିତ ହେବାର ଚିହ୍ନ ପ୍ରକାଶ ହେଉଥିଲା । ମୁଁ ତାଙ୍କୁ କହିଲି ଯେ ସେ ମୋତେ ବତାଇଛି ଯିଏ ଲୁଚି ରହିଥିବା ଭେଦକୁ ଜାଣେ, ସେ ହେଉଛନ୍ତି ଖୁଦା (ପରମେଶ୍ୱର), ଯାହାର ଆମେ ଉପାସନା କରୁଅଛୁ, ଯେହେତୁ ହିନ୍ଦୁ ଲୋକମାନେ ସେହି ଜୀବନ୍ତ ଖୁଦା ବିଷୟରେ ପରିଚିତ ନାହାଁନ୍ତି ଯିଏ ସର୍ବଦା ନିଜର କୁଦ୍‌ରତ୍ ଏବଂ ଇସ୍‌ଲାମ୍ ନିମନ୍ତେ ସତ୍ୟତାର ନମୁନା ପ୍ରକାଶ କରିଥାଏ ତେଣୁ ସାଧାରଣତଃ ହିନ୍ଦୁ ମାନଙ୍କର ଏ ଅଭ୍ୟାସ ଯେ ପ୍ରଥମତଃ ଖୁଦାତାଲାଙ୍କ ଆଶ୍ଚର୍ଯ୍ୟ ନିଦର୍ଶନ ଗୁଡିକୁ ସେ ମାନନ୍ତି ନାହିଁ ଏବଂ ଯେବେବି ଏପରି ବ୍ୟକ୍ତି ତାଙ୍କୁ ମିଳିଯାଏ ଯାହାଙ୍କ ଦ୍ୱାରା ଶୂନ୍ୟରୁ ଲୁଚି ରହିଥିବା କଥା ତା ଦ୍ୱାରା ପ୍ରକାଶ ହୋଇଥାଏ ତେବେ ସେମାନେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି । ସେହିପରି ଲାଲା ଶରମ୍‌ପତ୍‌ଙ୍କର ମଧ୍ୟ ଅବସ୍ଥା ହୋଇଥିଲା, ଯେପରିକି ମୁଁ ପ୍ରଥମେ ଦେଖିସାରିଛି । ତା ଭାଇ ବିସମ୍ବର୍ ଦାସ୍ ଆଉଜଣେ ବ୍ୟକ୍ତି ଯାହାଙ୍କ ନାମ ଖୁସାହଲ୍ ଥିଲା, ସେମାନେ କୌଣସି ଅପରାଧ ଦ୍ୱାରା କଏଦୀ ହୋଇଯାଇଥିଲେ । ଏବଂ ଶରମ୍‌ପତ୍ ପରୀକ୍ଷା କରିବା ପାଇଁ ନା କୌଣସି ବିଶ୍ୱାସ ଦ୍ୱାରା ମୋତେ ପଚାରି ବୁଝିଥିଲା ଯେ ଏହି ମୋକଦ୍ଦମାର ଫଳ କଣ ହେବ ଓ ଦୁଆ କରିବା ପାଇଁ ମଧ୍ୟ ଅନୁରୋଧ କରିଥିଲା । ତେବେ ମୁଁ ଅନେକ ଦିନ ପର୍ଯ୍ୟନ୍ତ ତାଙ୍କ ପାଇଁ ଦୁଆ କରି ଚାଲିଲି । ପରିଶେଷରେ ସେହି ସର୍ବଜ୍ଞ ଖୁଦା ରାତ୍ରି ସମୟରେ ଲୁକ୍କାୟିତ କଥାକୁ ମୋ ଉପରେ ଖୋଲିଦେଲେ ଯେ ମୋକଦ୍ଦମାର ଫଳ ଏହା ହେବ କି ବିସମ୍ବର୍ ଦାସ୍‌ଙ୍କ ଦଣ୍ଡକୁ ଅଧା କୋହଳ କରିଦିଆଯିବ ଯେପରି ମୁଁ ମୋର କଶ୍‌ଫି ଅବସ୍ଥାରେ ଦେଖିଥିଲି ଯେ ତାର ଅଧା କଏଦୀ ଦଣ୍ଡ ନିଜେ ମୁଁ ମୋ କଲମ ଦ୍ୱାରା କାଟି ଦେଇଛି । କିନ୍ତୁ ମୋ ଉପରେ ପ୍ରକାଶ କରାଗଲା ଯେ ଖୁଶ୍‌ହାଲ୍ କୁ ସମ୍ପୂର୍ଣ୍ଣ କଏଦୀ ଦଣ୍ଡ ଭୋଗିବାକୁ ହେବ, ଗୋଟିଏ ଦିନ ମଧ୍ୟ କମିବ ନାହିଁ । ଓ ବିସମ୍ବର୍ ଦାସ୍‌ର ଅଧା କଏଦୀ ଦଣ୍ଡରେ ରହିବା କେବଳ ଦୁଆର ପ୍ରଭାବ ଦ୍ୱାରା ହେବ । କିନ୍ତୁ ଦୁଇଜଣଯାକ ମଧ୍ୟରୁ କେହି ମଧ୍ୟ ମୁକ୍ତି ପାଇବେ ନାହିଁ । ଏବଂ ଏହା ନିଶ୍ଚିତ ଯେ ମିସଲ୍ ଜିଲାକୁ ଫେରି ଆସିବ ଓ ଫଳ ତାହା ହେବ ଯାହା ବର୍ଣ୍ଣନା କରାଯାଇଛି । ମୋର ମନେ ଅଛି ଯେତେବେଳେ ସବୁ କଥା ପୁରା ହୋଇଗଲା ଶରମ୍‌ପତ୍ ଆଶ୍ଚର୍ଯ୍ୟ ହୋଇଗଲା ଏବଂ ଆମ ଖୁଦାଙ୍କ ଶକ୍ତି ତାକୁ ଭୀଷଣ ଆଚମ୍ବିତ କରିଦେଲା ଓ ସେ ମୋ ପାଖକୁ ଗୋଟିଏ ଚିଠି ଲେଖିଲା ଯେ ଏହି ସବୁ କଥା ଆପଣଙ୍କର ପୁଣ୍ୟ ଯୋଗୁ ହିଁ ପୁରା ହେଲା । କିନ୍ତୁ ଦୁଃଖର ବିଷୟ ସେ ପୁଣି ମଧ୍ୟ ଇସ୍‌ଲାମ୍‌ର ଜ୍ୟୋତିରୁ କିଛି ଲାଭ ଉଠାଇଲା ନାହିଁ ଓ ଆଜିକାଲି ସେ ଆର୍ଜ୍ୟ ହୋଇଛି । ହିଦାୟତ୍ ପାଇବା ଗୋଟିଏ ପଟେ । ମୋତେ ତ ସେମାନଙ୍କଠାରୁ ଏତିକି ବି ଆଶା ନାହିଁ ଯେ ସେମାନେ ସତ୍ୟ ସାକ୍ଷୀ ମଧ୍ୟ ଦେଇପାରିବେ । ଯଦିଚ ପ୍ରକାଶ୍ୟରେ ଏପରି କୁହାଯାଉଛି ଯେ ସତ୍ୟର ସହଯୋଗ କରିବା ଉଚିତ୍ ବୋଲି । କିନ୍ତୁ ଏହା ଉପରେ ଅମଳ ନାହିଁ । ହଁ ମୁଁ ଏ ବିଶ୍ୱାସ ରଖିଛି ଯେ ଏପରି ସାକ୍ଷୀ ଅର୍ଥାତ୍ ଯଦି ଶରମ୍‌ପତ୍‌କୁ ନିୟମ କରି କହିବା ପାଇଁ କୁହାଯାଏ ଓ ନିୟମ କରିବା ସମୟରେ ଯଦି ମିଛ କହିବେ ତେବେ ତାଙ୍କ ସନ୍ତାନଙ୍କ ଉପରେ ଏହାର ପ୍ରଭାବ ପଡ଼ିବ ବୋଲି ରାଣ ଖାଇବାକୁ କୁହାଯାଏ ତେବେ ସେ ନିଶ୍ଚିତ ରୂପେ ସତ୍ୟ କହିଦେବ । ମୋର ଅନେକ ପେଶ୍‌ଗୋଇର ସାକ୍ଷୀ ସେ ଅଛି । ସମ୍ଭବତଃ ବାହାନା କରି ଦୂରେଇ ଯିବା ପାଇଁ ସେ ଏହା କହିଦେବ ଯେ ମୋର ମନେ ନାହିଁ । କିନ୍ତୁ ହଲଫ୍ (ନିୟମ ଦେବା) ଏକ ଏପରି ଜିନିଷ ଅଟେ ଏହା ଦ୍ୱାରା ନିଶ୍ଚିତ ରୂପେ ତାକୁ ମନେ ପଡ଼ିଯିବ । ଆଉ ଯଦି ସେ ମିଛ କହିବ ତେବେ ନିଶ୍ଚିତ ରୂପେ ମନେରଖନ୍ତୁ ଯେ ମୋ ଖୁଦା ତାକୁ ଦଣ୍ଡ ଦେବ । ଓ ଏହା ମଧ୍ୟ ଗୋଟିଏ ନିଦର୍ଶନ ରୂପେ ପ୍ରକାଶ ହେବ । ସେ ଖୋଲା ଖୋଲା ନିଦର୍ଶନର ସାକ୍ଷୀ ଅଛି । ମୁଁ ସର୍ବ ଶକ୍ତିମାନ୍ ଖୁଦାଙ୍କ କୃତଜ୍ଞତା ଜ୍ଞାପନ କରୁଛି ଯେ ମୋ ନିଦର୍ଶନ ଗୁଡିକର କେବଳ ମୁସଲ୍‌ମାନ୍‌ମାନେ ହିଁ ସାକ୍ଷୀ ନାହାନ୍ତି ବରଂ ଏ ସଂସାରରେ ଯେତେ ଜାତି ଅଛି ସମସ୍ତେ ମୋ ନିଦର୍ଶନ ଗୁଡିକର ସାକ୍ଷୀ ଅଛନ୍ତି । ଫ ଅଲ୍‌ହମ୍‌ଦୋ ଲିଲ୍ଲାହେ ଆଲା ଜାଲିକ୍ ।

୧୧୭ ତମ ନିଦର୍ଶନ - ଥରେ ଯେତେବେଳେ ମୁଁ ଗୁର୍‌ଦାସ୍‌ପୁର୍‌ରେ ଗୋଟିଏ ଫୌଜଦାରୀ ମୋକଦ୍ଦମା ଯୋଗୁ (ଯାହାକୁ କରମ୍‌ଦୀନ୍ ଜେହେଲ୍‌ମୀ ମୋ ଉପରେ ଦାଏର୍ କରିଥିଲା) ଉପସ୍ଥିତି ଥିଲି ମୋତେ ଏଲ୍‌ହାମ୍ ହେଲା *ୟସ୍ ଅଲୁନକା ଅନ୍ ଶାନକା କୁଲ୍ ଅଲ୍ଲାହୁ ସୁମ୍ମା ଜର୍‌ହୁମ୍ ଫି ଖୌଜିହିମ୍ ୟଲ୍‌ଅବୁନ୍* । ଅର୍ଥାତ୍ ତୁମ ଶାନ୍ (ଯଶ) ବିଷୟରେ ପଚାରିବେ ଯେ ତୁମର ଯଶ କଣ ଓ ତୁମର ମର୍ଯ୍ୟାଦା କଣ । ତୁମେ କହିଦିଅ ସେହି ଖୁଦା ଅଟନ୍ତି, ଯିଏ ମୋତେ ଏହି ପଦମର୍ଯ୍ୟାଦା ପ୍ରଦାନ କରିଛନ୍ତି । ପୁଣି ସେମାନଙ୍କୁ ତାଙ୍କ ଆମୋଦ ପ୍ରମୋଦରେ ମାତିବା ପାଇଁ ଛାଡ଼ିଦିଅନ୍ତୁ । ସୁତରାଂ ମୁଁ ଏ ଏଲ୍‌ହାମଟିକୁ ମୋ ସାଥିରେ ଗୁର୍‌ଦାସ୍‌ପୁର୍ ଯାଇଥିବା ଲୋକମାନଙ୍କୁ ଶୁଣାଇବି । ସେମାନେ ସମସ୍ତେ ୪୦ ଜଣରୁ କମ୍ ହେବେନାହିଁ । ତାଙ୍କ ଭିତରେ ମୌଲବୀ ମୁହମ୍ମଦ୍ ଅଲ୍ଲୀ ସାହେବ୍ ଏମ.ଏ ଓ ଖ୍ୱାଜା କମାଲୁଦ୍ଦିନ୍ ସାହେବ୍ ବି.ଏ ପ୍ଲିଡର୍ ମଧ୍ୟ ଥିଲେ । ଏହାପରେ ଯେବେ ଆମେ କଚେରୀକୁ ଗଲୁ ଦ୍ୱିତୀୟ ପକ୍ଷର ଓକିଲ ମୋତେ ଏ ପ୍ରଶ୍ନ ପଚାରିଲେ କି କଣ ଆପଣଙ୍କର ଯଶ ଓ ପଦମର୍ଯାଦା ଏପରି ଅଟେ, ଯେପରି ତରିୟାକୁଲ୍ କୁଲୁବ୍ ପୁସ୍ତକରେ ଲେଖାଯାଇଅଛି । ମୁଁ ଉତର ଦେଲି ଯେ ହଁ ଖୁଦାଙ୍କ କରୁଣାରୁ ଏହା ହିଁ ମୋର ପଦମର୍ଯ୍ୟଦା ଅଟେ । ସେ ହିଁ ଏହି ପଦମର୍ଯ୍ୟାଦା ମୋତେ ପ୍ରଦାନ କରିଛନ୍ତି । ସେହି ଏଲ୍‌ହାମ୍‌ଟି ଯାହା ଖୁଦାଙ୍କ ତରଫରୁ ସକାଳେ ମତେ ହୋଇଥିଲା ତାହା ପାଖାପାଖି ଅସର୍ ବେଳକୁ ପୂରଣ ହୋଇଗଲା । ଓ ଆମର ଆମ ସମସ୍ତ ଲୋକଙ୍କ ନିମନ୍ତେ ବିଶ୍ୱାସବର୍ଦ୍ଧକ ହେବାର କାରଣ ହେଲା ।

**(ହକିକତୁଲ୍ ୱହି, ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୨୭୫)**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ...*

ୱେବ୍‌ସାଇଟ୍‌ରେ ରଖନ୍ତୁ । ଏପରି ଯୁବ ଗୋଷ୍ଠୀ ଏହାକୁ ପଢ଼ିପାରିବେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଇଶାଅତ୍ ବିଭାଗ ଏହାକୁ ପ୍ରଶ୍ନ ଉତର ଆକାରରେ ନିଜ ପତ୍ରିକାରେ ମଧ୍ୟ ଦିଅନ୍ତୁ । ପତ୍ରିକାର ଆରମ୍ଭ ପବିତ୍ର କୋରାନ୍‌ର ଆୟତ ଓ ଏହାର ଅନୁବାଦ ଓ ସଂକ୍ଷିପ୍ତ ବ୍ୟାଖ୍ୟା ଦ୍ୱାରା ହେବା ଉଚିତ୍ । ପୁଣି ହଦିସ୍ ଅଛି, ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଲେଖନୀର ପାରା ଅଛି ଓ ମୋର ଯେଉଁ ଖୁତ୍‌ବା ଗୁଡିକ ଅଛି ସେଥିରୁ ମଧ୍ୟ କିଛି ଲେଖା ନିଅନ୍ତୁ ।

ମୋହତ୍‌ମିମ୍ ତବ୍‌ଲିଗ୍ ନିଜର ରିପୋର୍ଟକୁ ଉପସ୍ଥାପନ କରି କହିଲେ ଯେ ଖୁଦ୍ଦାମ୍‌ଙ୍କ ଜରିଆରେ କୌଣସି ବୟତ ହୋଇନାହିଁ । ଆମେ ଫ୍ଲାୟାର୍ଜ୍ ବଂଟନ କରୁଛୁ । ଏହା ଆମର ଏକ ବହୁତ ବଡ଼ ତବ୍‌ଲିଗ୍ ପ୍ରୋଗ୍ରାମ୍ ଅଟେ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏ ଦୁଇଟି କାମ ଅଲଗା ଅଲଗା ହେବା ଉଚିତ୍ । ଫ୍ଲାୟାର୍ଜ୍ ବଂଟନ କାମ ଅଲଗା ହେଉ ଓ ତବ୍‌ଲିଗ୍ କାମ ଅଲଗା ହେଉ । ନିଜ ସାଙ୍ଗ ସାଥି ମାନଙ୍କୁ ତବ୍‌ଲିଗ୍ କରନ୍ତୁ । ନିଜ ପରିସର ମଧ୍ୟରେ ତବ୍‌ଲିଗ୍‌ର ଯୋଗାଯୋଗ ରଖନ୍ତୁ । ବିନା ତବ୍‌ଲିଗ୍ ପ୍ରୋଗ୍ରାମ୍‌ରେ କେବଳ ଫ୍ଲାୟାର୍ଜ୍‌ର ବଂଟନ କାର୍ଯ୍ୟ ଦ୍ୱାରା ତବ୍‌ଲିଗ୍‌ର କାର୍ଯ୍ୟ ସମ୍ପୂର୍ଣ୍ଣ ହେବନାହିଁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଆପଣଙ୍କ ଦେଶରେ ୫.୫ ମିଲିୟନ୍ ଜନସଂଖ୍ୟା ଅଛନ୍ତି । ସେଥିମଧ୍ୟରୁ ୨ଲକ୍ଷ୍ୟ ହେଉଛନ୍ତି ମୁସଲ୍‌ମାନ୍ । ପାକିସ୍ତାନି ଅଛନ୍ତି, ଆରବୀୟ ଅଛନ୍ତି, ପୂର୍ବ ୟୁରୋପୀୟ କୌମ୍ ଅଛନ୍ତି, ଅନ୍ୟାନ୍ୟ ୟୁରୋପୀୟ ଅଛନ୍ତି, ସ୍ଥାନୀୟ ଡେନିସ୍ ଲୋକେ ଅଛନ୍ତି । ଏହି ସମସ୍ତଙ୍କ ନିକଟରେ ଦାୱତେ ଇଲଲ୍ଲାଃର କାର୍ଯ୍ୟ କରିବା ପାଇଁ ନିଜର ଟିମ୍ ବନାନ୍ତୁ ଯିଏ ନିୟମିତ ଯୋଜନାବଦ୍ଧ ରୂପେ ତବ୍‌ଲିଗ୍ କରିବେ । ଯଦି ଆରମ୍ଭରେ ଆପଣଙ୍କର ଦଶ ପ୍ରତିଶତ ଖୁଦ୍ଦାମ୍ ମଧ୍ୟ ତବ୍‌ଲିଗ୍ କରିବା ପାଇଁ ବାହାରିବେ ତେବେ ବହୁତ ଭଲ ହେବ ।

ହଜୁର୍ ଅନୁୱର୍ କହିଲେ-ଏପରି ଖୁଦ୍ଦାମ୍ ଖୋଜନ୍ତୁ ଯେଉଁମାନେ ଦିନୀ ଇଲମ୍ ରଖିଥିବେ ବା ସେମାନଙ୍କୁ ଲିଟିରେଚର୍ ଯୋଗାଇଦେଇ ଦିନୀ ଇଲମ୍ (ଧାର୍ମିକ ଶିକ୍ଷା) ଦିଆଯାଉ, ଯଦ୍ୱାରା ସେମାନେ ନିଜର ସାଙ୍ଗ ସାଥିମାନଙ୍କୁ ତବ୍‌ଲିଗ୍ କରିପାରିବେ । ସେହିପରି ଯେଉଁ ଖୁଦାମ୍‌ମାନେ ଆକ୍ଟିଭ୍ ନାହାଁନ୍ତି ଯଦି ସେମାନଙ୍କୁ ନିକଟତର କରାଯିବ ସେମାନଙ୍କର ପୋଟେନ୍‌ସିଆଲ୍ ଏତେ ଅଛି ଯେ ତାକୁ ବ୍ୟବହାର କରାଯାଇପାରିବ । ତେବେ ତାଙ୍କ ଦ୍ୱାର ମଧ୍ୟ ତବ୍‌ଲିଗ୍‌ର କାମ ନିଅନ୍ତୁ । ଆବଶ୍ୟକ ଓ ଅବସ୍ଥାକୁ ଦେଖି ତବ୍‌ଲିଗ୍ କରିବା ପାଇଁ ରାସ୍ତା ବାହାର କରନ୍ତୁ ।

ମୋହତମିମ୍ ଉମୁରେ ତୋଲବା ନିଜର ରିପୋର୍ଟ୍ ଉପସ୍ଥାପନ କରି କହିଲେ ଯେ ଆମର ୭୦ ଜଣ ଖୁଦ୍ଦାମ୍ ଏପରି ଅଛନ୍ତି ସେମାନଙ୍କ ମଧ୍ୟରୁ ୧୮ ଜଣ ଖୁଦ୍ଦାମ୍ ମାଷ୍ଟର୍ ଡିଗ୍ରୀ ସମ୍ପୂର୍ଣ୍ଣ କରିସାରିଛନ୍ତି ।

ହଜୁର୍ ଅନୁୱର୍ କହିଲେ-ଆପଣଙ୍କ ପାଖରେ ସବୁ ରେକର୍ଡ୍ ରହିବା ଉଚିତ୍ ଯେ କେତେ ଖୁଦ୍ଦାମ୍ କଲେଜ୍‌ରେ ଅଛନ୍ତି ଓ କେତେ ଖୁଦ୍ଦାମ୍ ୟୁନିଭରସିଟି ଓ ହାଇସ୍କୁଲ୍‌ରେ ପଢୁଛନ୍ତି । ସେ ସମସ୍ତଙ୍କର ସୂଚୀ ତିଆରି କରନ୍ତୁ । ନିଜ ଷ୍ଟୁଡେଂଟ୍ ମାନଙ୍କୁ ସୁସଂଗଠିତ କରନ୍ତୁ ଏବଂ ସେମାନଙ୍କର ଫଙ୍କ୍‌ସନ୍ ମଧ୍ୟ କରାନ୍ତୁ ।

ମୋହତମିମ୍ ଅତ୍‌ଫାଲ୍ ବତାଇଲେ ଯେ ଏଠିକାର ଅତ୍‌ଫାଲ୍‌ଙ୍କର ତଜ୍‌ନିଦ୍ ହେଉଛି ୨୯ । ହଜୁର୍ ଅନୁୱର୍‌ଙ୍କ ପଚାରିବାରେ ମୋହତମିମ୍ ଅତ୍‌ଫାଲ୍ କହିଲେ ଯେ ଖୁଦାମୁଲ୍ ଅହେମଦୀୟାର ଇଜ୍‌ତିମା ସମୟରେ ଅତ୍‌ଫାଲ୍ ମାନଙ୍କର ଅଲଗା ପ୍ରୋଗ୍ରାମ୍ ଅନୁଷ୍ଠିତ ହେଉଛି । ଅର୍ଥାତ୍ ଅତ୍‌ଫାଲ୍ ମାନଙ୍କର ଅଲଗା ଇଜ୍‌ତିମା ହେଉଛି ଓ ହଲ୍‌ରେ ଅଲଗା ସ୍ଥାନରେ ଅତ୍‌ଫାଲ୍‌ଙ୍କର ପ୍ରୋଗ୍ରାମ୍ ଅନୁଷ୍ଠିତ ହେଉଛି । ଅତ୍‌ଫାଲ୍‌ଙ୍କର ବାର୍ଷିକ ଚାନ୍ଦା ହେଉଛି ୨୫ କ୍ରୋନର୍ ।

ହଜୁର୍ ଅନୁୱର୍ ଅ:ବ:ଅ ପଚାରି ବୁଝିଲେ ଯେ କେତେଜଣ ଅତ୍‌ଫାଲ୍ ଚାନ୍ଦା ଦେଉଛନ୍ତି । ଏଥିରେ ମୋହତ୍‌ମିମ୍ ଅତ୍‌ଫାଲ୍ ବତାଇଲେ ଯେ ୭-୮ ଜଣ ଅତ୍‌ଫାଲ୍ ଚାନ୍ଦା ଦେଉଛନ୍ତି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଆପଣ ବାକି ଅତ୍‌ଫାଲ୍‌ମାନଙ୍କ ଠାରୁ ମଧ୍ୟ ଚାନ୍ଦା ନିଅନ୍ତୁ ଓ ସେମାନଙ୍କର ଏପରି ତରବିୟତ୍ କରନ୍ତୁ ଯେ ସେମାନେ ନିଜେ ନିଜର ପକେଟ୍ ଖର୍ଚ୍ଚରୁ ଚାନ୍ଦା ଦେବେ । ଯେଉଁମାନେ ୨୫ କ୍ରୋନର୍ ଦେଇପାରୁନାହାଁନ୍ତି ସେମାନେ ୧୦ ବା ୫ କ୍ରୋନର୍ ଦିଅନ୍ତୁ । ଏହିପରି ସେମାନଙ୍କୁ ଚାନ୍ଦା ଦେବାର ଅଭ୍ୟାସ ହୋଇଯିବ ।

ହଜୁର୍ ଅନୁୱର୍ ହିଦାୟତ୍ ଦେଇ କହିଲେ ଯେ ସବୁ ଅତ୍‌ଫାଲଙ୍କୁ ଚାନ୍ଦା ୱକ୍‌ଫେ ଯଦିଦ୍‌ରେ ସାମିଲ୍ କରାନ୍ତୁ । ଓ ପ୍ରତ୍ୟେକ ତିଫଲ୍ (ପୁଅ ପିଲା) ଚାନ୍ଦା ୱକ୍‌ଫେ ଯଦିଦ୍‌ରେ ନିଶ୍ଚିତ ରୂପେ ସାମିଲ୍ ହୁଅନ୍ତୁ । ନିଜ ୱକ୍‌ଫେ ଯଦିଦ୍ ବିଭାଗକୁ ଆକ୍ଟିଭ୍ କରାନ୍ତୁ ।

ସଦର୍ ସାହେବ୍ ଖୁଦାମୁଲ୍ ଅହେମଦୀୟା ବତାଇଲେ ଯେ ଆମେ ଖୁଦ୍ଦାମ୍ ମାନଙ୍କର ଜାଏଜା ନେବାପାଇଁ ମାସିକ ଫର୍ମ୍ ତିଆରି କରିଛୁ, ଯେଉଁଥିରେ ନମାଜ ଓ ତିଲାୱତ୍ ବାବଦରେ ପଚରାଯାଇଛି । ଏ ସମ୍ପର୍କରେ କିଛି ଖୁଦ୍ଦାମ୍ କହୁଛନ୍ତି ଯେ ଏହା ହେଉଛି ସେମାନଙ୍କର ପର୍ସନାଲ୍ ମ୍ୟାଟର୍ ଅର୍ଥାତ୍ ନିଜସ୍ୱ ମାମଲା । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଆପଣ ନିଜର ପ୍ରଶ୍ନଗୁଡିକ ଏପରି କରନ୍ତୁ ଯେ କଣ ଏ ମାସରେ ଅଧିକାଂଶ ନମାଜ ବାଜମାତ୍ ପଢ଼ିଛନ୍ତି । କଣ ନମାଜ ପାଠ ନିମନ୍ତେ ଧ୍ୟାନ ରଖାଯାଇଛି । ତେଣୁ ନମାଜ ପାଠ କରନ୍ତୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ସୋସିଆଲ୍ ସାଇନ୍‌ସ୍ ପଢୁଥିବା ଲୋକଙ୍କ ନିକଟକୁ ଏଠିକାର ମାନସିକତା ମୁତାବକ ପ୍ରଶ୍ନାବଳୀ ତିଆରି କରି ପଠାଇ ଦିଅନ୍ତୁ । ପୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଆପଣମାନେ ନିଜର ଇଜ୍‌ତିମା ଗୁଡିକରେ ସାଧାରଣ ପ୍ରଶ୍ନୋତରର ପ୍ରୋଗ୍ରାମ୍ ଓ ମିଟିଂ ରଖନ୍ତୁ ଏବଂ ସେଠାରେ ଖୁଦ୍ଦାମ୍ ମାନଙ୍କୁ ପ୍ରଶ୍ନ କରନ୍ତୁ ଯେ ଆମକୁ ମର୍କଜ୍ ରିପୋର୍ଟ ପଠାଇବା ନିମନ୍ତେ ଅମୁକ ଅମୁକ ଇନ୍‌ଫରମେସନ୍ ଦରକାର୍ ହେଉଛି । ଆମେ କେଉଁ ପ୍ରକାରର ପ୍ରଶ୍ନାବଳୀ ତିଆରି କରିବୁ, ଯଦ୍ୱାରା ଆମେ ଏହାର ଉତର ଗୁଡିକୁ ସହଜରେ ଦେଇପାରିବୁ ଓ ନିଜର ରିପୋର୍ଟକୁ ମଧ୍ୟ ତା ମୁତାବକ ମର୍କଜ୍‌କୁ ପଠାଇପାରିବୁ ।

ସମସ୍ତଙ୍କର ରାୟ ନିଅନ୍ତୁ । ଓ ପୁଣି କୁହନ୍ତୁ ଯେ ରାୟ ନେବା ପରେ ଏପରି ରୂପ ପ୍ରସ୍ତୁତ ହୋଇଅଛି ବା ଏଥିରେ କୌଣସି ପରିବର୍ତନ ଅମୁକ ପ୍ରକାରରେ କରାଯାଉ । ଏହିଭଳି ସେମାନଙ୍କର ରାୟ ସହିତ ନିଜର ପ୍ରଶ୍ନାବଳୀକୁ ମଧ୍ୟ ଫାଇନାଲ୍ କରନ୍ତୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଯେଉଁଠାରେ ଏହିଭଳି ପରିସ୍ଥିତି ଉପୁଜେ ସେଠାରେ ବିଶ୍ୱାସରେ ନେବା ପାଇଁ ନୂଆ ନୂଆ ଶୈଳୀକୁ ଆପଣାନ୍ତୁ । ଏଠିକାର ଲୋକମାନଙ୍କୁ ଏକ ପ୍ରକାରର ସ୍ୱାଧୀନ ପରିବେଶ ମିଳିଯାଇଛି । ସେମାନଙ୍କର ଭାବନା ଅନ୍ୟପ୍ରକାର ହୋଇଯାଇଛି । ସେଠାରେ ସେମାନଙ୍କୁ ସମ୍ଭାଳିବା ପାଇଁ ଆମକୁ ନୂଆ ନୂଆ ଶୈଳୀ ଗ୍ରହଣ କରିବାକୁ ପଡ଼ିବ । ଯେଉଁଠାରେ ଆପତି ଅଭିଯୋଗ ହେଉଅଛି ସେଠାରେ ସେମାନଙ୍କୁ ସେମାନଙ୍କର ଗୁରୁତ୍ୱ ବାବଦରେ ଭାବନା ସୃଷ୍ଟି କରାଇ ପୁଣି ସେମାନଙ୍କୁ ବତାଯାଉ ଯେ ଆମକୁ କେଉଁ ପ୍ରକାରର ମାର୍ଗ ଗ୍ରହଣ କରିବାକୁ ହେବ । ଯେଉଁ ମୂଳଦୁଆ ଏବେ ପଡ଼ିଯିବ ତାହା ହିଁ ଭବିଷ୍ୟତରେ କାମରେ ଆସିବ ।

ପୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଏହିଭଳି ପ୍ରଶ୍ନ ତିଆରି କରାଯାଇପାରିବ ଯେ କଣ ଏ ସପ୍ତାହରେ ନମାଜ ନିୟମିତ ପଢ଼ିଛନ୍ତି । କଣ ଅଧିକାଂଶ ନମାଜ ବାଯମାତ୍ ପଢ଼ିଛନ୍ତି । କଣ ଚାନ୍ଦା ପଇଠ କରିସାରିଛନ୍ତି । ସେହିପରି ପୁସ୍ତକ ଅଧ୍ୟୟନ ପ୍ରସଙ୍ଗରେ ମଧ୍ୟ ପ୍ରଶ୍ନ ରଖାଯାଇପାରିବ । ହଜୁର୍ ଅନୁୱର୍ କହିଲେ-ଏଠିକାର ଶିକ୍ଷିତ ପିଲାମାନଙ୍କଠାରୁ ପ୍ରଶ୍ନ ବନାନ୍ତୁ ଓ ନିଜ ଇଜ୍‌ତିମା ଗୁଡିକରେ ଏହି ପ୍ରୋଗ୍ରାମ୍ ରଖନ୍ତୁ । ଫଲାହୁଦ୍ଦିନ୍ ସାହେବ ଏଠିକାର ମୁରବୀ ସିଲ୍‌ସିଲା ଅଛନ୍ତି । ପ୍ରଶ୍ନର ଉତର ପାଇଁ ତାଙ୍କୁ ମଧ୍ୟ ସମ୍ମୁଖରେ ବସାନ୍ତୁ । ପୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଆପଣମାନଙ୍କୁ ତରବିୟତ୍ କରିବା ନିମନ୍ତେ କୌଣସି ନା କୌଣସି ମାର୍ଗକୁ ଆପଣେଇବାକୁ ହେବ । ଆପଣମାନେ ନିଜର ଯୁବପିଢ଼ୀକୁ ନଷ୍ଟ ହେବାରୁ ବଂଚାଇବାକୁ ପଡ଼ିବ । ଆପଣଙ୍କର ଉଦ୍ଦେଶ୍ୟ ସବୁବେଳେ ଏହା ରହିବା ଉଚିତ୍ ଯେ ଆପଣ ସେମାନଙ୍କୁ କେଉଁ ପ୍ରକାରେ ବଂଚାଇବେ ଓ କେଉଁ ପ୍ରକାର ମାର୍ଗକୁ ଆପଣେଇ ପାରିବେ ।

ଲିଫ୍‌ଲେଟ୍‌ସ୍ ବଂଟନ ପ୍ରସଙ୍ଗରେ କଥା ଉଠିବାରୁ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ ମୁଁ ଜାମିଆ ଅହେମଦୀୟା ୟୁ.କେ ଓ ଜର୍ମାନୀରୁ ଉତୀର୍ଣ୍ଣ ହୋଇଥିବା ମୁରବୀ ମାନଙ୍କୁ ସ୍ପେନ୍ ପଠାଇଥିଲି ଓ ତାଙ୍କୁ ଗୋଟିଏ ମାସର ସମୟ ମଧ୍ୟ ଦେଇଥିଲି । ସେମାନେ ଏହି ଅବଧି ସମୟରେ ସାଢ଼େ ପାଂଚ ଲକ୍ଷ୍ୟରୁ ଅଧିକ ଲିଫ୍‌ଲେଟ୍‌ସ୍ ବଂଟନ କରିଛନ୍ତି । ସେଠିକାର ଲୋକମାନଙ୍କ ସହିତ ସମ୍ପର୍କ ଓ ଯୋଗାଯୋଗ ରଖିଛନ୍ତି ଓ ତାଙ୍କ ସହିତ କଥା ହୋଇଛନ୍ତି । ଏହାର ବହୁତ ବଡ଼ ଫିଡ୍‌ବ୍ୟାକ୍ ମଧ୍ୟ ମିଳିଛି । ପୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ଆପଣମାନେ ଏପରି ଭାବନା କାଏମ୍ କରିବେ ଯେ ଆମେ ହେଉଛୁ ଶାନ୍ତିପ୍ରିୟ ଲୋକ । ପୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ନିଜର ଟାର୍ଗେଟ୍‌କୁ ବଡ ରଖନ୍ତୁ । ଗୋଟିଏ ଦିନରେ ଦଶ ହଜାର୍ ଲିଫ୍‌ଲେଟ୍‌ସ ବାଂଟିବାର ଟାର୍ଗେଟ୍ ଠିକ୍ ହେବ ।

ମଜ୍‌ଲିସ୍ ଆମେଲା ଖୁଦାମୁଲ୍ ଅହେମଦୀୟା ଡେନ୍‌ମାର୍କ୍‌ର ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ହୋଇଥିବା ଏହି ମିଟିଂ ୦୨:୧୦ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ସମସ୍ତ ସଦସ୍ୟ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ଗ୍ରୁପ୍ ଫଟୋ ନେବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ମସ୍‌ଜିଦ୍ ନୁସ୍‌ରତ୍ ଯାହାଁରେ ପଦାର୍ପଣ କରି ଜୋହର୍ ଏବଂ ଅସର୍ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜର ଆବାସସ୍ଥଳୀକୁ ଚାଲିଗଲେ । କ୍ରମଶଃ... । (ବହୱାଲା ଅଖ୍‌ବାର୍ ବଦର୍ ୨ ଜୁନ୍ ୨୦୧୬)

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ ।**

**ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

# ଖୁତ୍‌ବା ଜୁମା

ଯେଉଁ ସେବକ, ବିଶ୍ୱସ୍ତତାର ସହିତ ନିଜ ୱ୍କଫ୍ (ଉତ୍ସର୍ଗ) ସମ୍ପାଦନକାରୀ ତଥା ଖିଲାଫତ୍‌ର ଆଜ୍ଞାକାରୀଙ୍କ ସମ୍ପର୍କରେ ମୁଁ ଚର୍ଚ୍ଚା କରିବାକୁ ଯାଉଛି ତାଙ୍କ ସମ୍ବନ୍ଧରେ ଏଭଳି ତଥ୍ୟ ଜମା ହୋଇଯାଇଛି କି କେବଳ ତାହା ହିଁ ବହୁ କଷ୍ଟରେ ଉପସ୍ଥାପନ କରିହେବ । ଏବଂ ସେଥି ମଧ୍ୟରୁ ବୋଧହୁଏ ପାଂଚଭାଗରୁ ଭାଗେ ମୁଁ ନେଇଛି ଓ ଯାହା ନେଇଛି ବୋଧେ ତାହା ମଧ୍ୟ ମୁଁ ବର୍ଣ୍ଣନା କରିପାରିବି ନାହିଁ । ଏହି ଘଟଣାବଳୀ ଜଣେ ୱ୍କିଫେ ଜିନ୍ଦେଗୀ (ଜୀବନ ଉତ୍ସର୍ଗକାରୀ) ପାଇଁ ଏବଂ ହଜରତ ମସିହ ମଉଦ ଆ.ସଙ୍କ ବଂଶଧର, କର୍ମକର୍ତା ଓ ଜମାଅତର ସଦସ୍ୟବୃନ୍ଦଙ୍କ ପାଇଁ ଅନେକ ରୂପରେ ମାର୍ଗଦର୍ଶୀ ତଥା ଅନୁକରଣ ଯୋଗ୍ୟ ଅଟେ ।

**ମୋକରମ ଓ ମୋହତରମ୍ ସାହେବ୍‌ଜାଦା ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍ ପୁତ୍ର**
**ହଜ୍‌ରତ୍ ସାହେବ୍‌ଜାଦା ମିର୍ଜା ଅଜିଜ୍ ଅହେମଦ୍ ସାହେବ୍ ର:ଅଙ୍କ ୱ୍‌ଫାତ୍ ।**

ଶ୍ରୀମାନ ମିର୍ଜା ଗୁଲାମ ଅହେମଦ ସାହେବ ହଜରତ ମସିହ ମଉଦ ଆ.ସଙ୍କର ଅଣନାତି ଓ ହଜରତ ମିର୍ଜା ସୁଲତାନ ଅହେମଦ ଯେ ହଜୁର ଆ.ସଙ୍କର ଜ୍ୟେଷ୍ଠ ପୁତ୍ର ଥିଲେ ତାଙ୍କର ନାତି ଏବଂ ମିର୍ଜା ଅଯିଯ୍ ଅହେମଦଙ୍କ ପୁତ୍ର ଥିଲେ । ହଜରତ ମିର୍ ମହମ୍ମଦ ଇସହାକ୍ ସାହେବଙ୍କ ନାତି ଏବଂ ମୋର ଭିଣେଇ ଥିଲେ ।

**ଅସଲରେ ଏହି ସମ୍ପର୍କ ଗୁଡିକକୁ ଯିଏ ଚର୍ଚ୍ଚାର ବିଷୟ ବନାଏ ତାହା ହେଉଛି ତାଙ୍କର ଗୁଣାବଳୀ ଯାହାକୁ ମୁଁ ଏବେ ବର୍ଣ୍ଣନା କରିବି ।**
**ମୋକରମ୍ ସାହେବ୍‌ଜାଦା ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍‌ଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ପାଠ ।**

ସୌଭାଗ୍ୟଶାଳୀ ହେଉଛନ୍ତି ସେହିଲୋକମାନେ ଯେଉଁମାନେ ଖୁଦାଙ୍କ ରଜା (ପ୍ରସନ୍ନତା)ନିମନ୍ତେ ନିଜର ଜୀବନକୁ ବିତାଇବା ପାଇଁ ଚେଷ୍ଟା କରିଥାନ୍ତି । ଅଲ୍ଲାଃତାଲା ତାଙ୍କର ପଦମର୍ଯ୍ୟାଦାକୁ ଉଚ୍ଚରୁ ଉଚ୍ଚତର କରନ୍ତୁ ଏବଂ ତାଙ୍କ ସନ୍ତାନମାନଙ୍କୁ ମଧ୍ୟ ତାଙ୍କ ପୁଣ୍ୟ କର୍ମ ଉପରେ ପ୍ରତିଷ୍ଠା ରହିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏବଂ ସମସ୍ତ ୱ୍କିଫିନେ ଜିନ୍ଦେଗୀ ଓ ୱ୍‌ହ୍‌ଦାଦାର୍‌ମାନଙ୍କ ନିମନ୍ତେ ମଧ୍ୟ ଏହ ଆବଶ୍ୟକ ଅଟେ ଯେ ଯେପରି ସେ ବିଶ୍ୱସ୍ତତାର ସହିତ ନିଜର ୱ୍କଫ୍‌କୁ ତୁଲାଇଲେ ଏବଂ ନିଜ ଦାୟିତ୍ୱରେ ଥିବା ସେବାକୁ ତୁଲାଇଲେ ସେମାନେ ମଧ୍ୟ ଏହା ଚେଷ୍ଟା କରନ୍ତୁ ଯେ ଅଲ୍ଲାଃତାଲା ତାଙ୍କୁ ମଧ୍ୟ ଶକ୍ତି ପ୍ରଦାନ କରନ୍ତୁ ଓ ଅନ୍ୟମାନଙ୍କୁ ମଧ୍ୟ ଏହା କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ଜମାତ୍‌କୁ ଆସନ୍ତାକୁ ମଧ୍ୟ ପୁନ୍ୟବାନ୍ ସ୍ୱାଲେହ୍, ନିଷ୍ଠାବାନ୍, ସମର୍ପିତ ଓ ପ୍ରେମର ସହିତ ସେବା କରୁଥିବା କାର୍‌କୁନ୍ (କର୍ମୀ) ଯୋଗାଇ ଦିଅନ୍ତୁ ।

ମୋକରମା ଦିପା ନୌଫରକ୍ ହୁଦ୍ ସାହିବାଙ୍କ ମୃତ୍ୟୁ ମରହୁମାଙ୍କର ଉତମ ଗୁଣାବଳୀ ଗୁଡିକର ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ପାଠ ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତ: ୦୯ ଫେବୃଆରୀ ୨୦୧୮ ଅନୁଯାୟୀ ୦୯ ତବ୍‌ଲିଗ୍ ୧୩୯୭ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ۔ بِسْمِ اللّٰهِ الرَّحْمٰنِ الرَّحِيمِ
اَلْحَمْدُ لِلّٰهِ رَبِّ الْعَالَمِينَ۔ اَلرَّحْمٰنِ الرَّحِيمِ۔ مٰلِكِ يَوْمِ الدِّينِ۔ إِيَّاكَ نَعْبُدُ وَإِيَّاكَ نَسْتَعِينُ۔
اِهْدِنَا الصِّرَاطَ الْمُسْتَقِيمَ۔ صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନୱ୍‌ର ଅ:ବ କହିଲେ- ହଜରତ ଆଏଶା ର.ଅ କୁହନ୍ତି ଯେଉଁ ମୁସଲମାନର ଜନାଯାଃ ୧୦୦ ଜଣ ମୁସଲମାନ ପାଠ କରନ୍ତି ଏବଂ ସେମାନେ ସମସ୍ତେ ତାହାର ମୋକ୍ଷ ପ୍ରାପ୍ତି ନିମନ୍ତେ ସୁପାରିଶ କରନ୍ତି ତେବେ ତାଙ୍କର ସୁପାରିଶ ସ୍ୱୀକୃତି ଲାଭ କରିଥାଏ । (ସହି ମୁସ୍‌ଲିମ୍ କିତାବୁଲ୍ ଜନାଇଜ୍.... ହଦିସ୍ ନଂ-୨୧୯୮)

ଆଉ ଏକ ବର୍ଣ୍ଣନା (ହଦିସ୍‌ରେ) ରହିଛି କି ଏକ ଜନାଯାଃ ଅତିକ୍ରମ କରିବା ପରେ ଲୋକେ ତାହାର ପ୍ରଶଂସା କରିବାରୁ ହଜୁର ସ.ଆ କହିଲେ ତାହା ପାଇଁ ବୈକୁଣ୍ଠ ଧାର୍ଯ୍ୟ ହୋଇଗଲା । (ସହି ବୁଖାରୀ କିତାବୁଲ୍ ଜନାଇଜ୍... ହଦିସ ନଂ-୧୩୬୭)

ଆଜି ମୋର ଆଶା ଥିଲା କି ଦୁଇ ଗୋଟି ଜନାଯାଃର ଘୋଷଣା କରିବା ଅନ୍ତେ ଜନାଯାଃ ଏବଂ ତଜ୍‌ହିଯ୍ ଓ ତକ୍‌ଫିନ୍ (ଅନ୍ତ୍ୟେଷ୍ଟିକ୍ରିୟା) ସମ୍ବନ୍ଧରେ କେତେକ ଆହାଦିସ୍ ଓ ହଜରତ ମସିହ ମଉଦ ଆ.ସଙ୍କ ନିର୍ଦ୍ଦେଶାନଳୀ ତଥା ଫିକା (ଇସଲାମୀୟ ନିୟମାବଳୀ)ର ତଥ୍ୟ ଆଲୋଚନା କରିବି । ତାପରେ ମୃତକଙ୍କ ଉତମ ଚରିତ୍ର ଚର୍ଚ୍ଚା କରିବି କିନ୍ତୁ ତାହା ସମ୍ଭବ ନୁହେଁ କାରଣ ଯେଉଁ ସେବକ, ବିଶ୍ୱସ୍ତତାର ସହିତ ନିଜ ୱ୍କଫ୍ (ଉତ୍ସର୍ଗ) ସମ୍ପାଦନକାରୀ ତଥା ଖିଲାଫତ୍‌ର ଆଜ୍ଞାକାରୀଙ୍କ ସମ୍ପର୍କରେ ମୁଁ ଚର୍ଚ୍ଚା କରିବାକୁ ଯାଉଛି ତାଙ୍କ ସମ୍ବନ୍ଧରେ ଏଭଳି ତଥ୍ୟ ଜମା ହୋଇଯାଇଛି କି କେବଳ ତାହା ହିଁ ବହୁ କଷ୍ଟରେ ଉପସ୍ଥାପନ କରିହେବ । ଏବଂ ସେଥି ମଧ୍ୟରୁ ବୋଧହୁଏ ପାଂଚଭାଗରୁ ଭାଗେ ମୁଁ ନେଇଛି ଓ ଯାହା ନେଇଛି ବୋଧେ ତାହା ମଧ୍ୟ ମୁଁ ବର୍ଣ୍ଣନା କରିପାରିବି ନାହିଁ । ଏହି ଘଟଣାବଳୀ ଜଣେ ୱ୍କିଫେ ଜିନ୍ଦେଗୀ (ଜୀବନ ଉତ୍ସର୍ଗକାରୀ) ପାଇଁ ଏବଂ ହଜରତ ମସିହ ମଉଦ ଆ.ସଙ୍କ ବଂଶଧର, କର୍ମକର୍ତା ଓ ଜମାଅତର ସଦସ୍ୟବୃନ୍ଦଙ୍କ ପାଇଁ ଅନେକ ରୂପରେ ମାର୍ଗଦର୍ଶୀ ତଥା ଅନୁକରଣ ଯୋଗ୍ୟ ଅଟେ ।

ଯେପରିକି ଆପଣମାନେ ଜାଣନ୍ତି ବିଗତ ଦିନରେ ଶ୍ରୀମାନ ମିର୍ଜା ଗୁଲାମ ଅହେମଦ ପୁତ୍ର ଶ୍ରୀମାନ ମିର୍ଜା ଅଯିଯ୍ ଅହେମଦ ସାହେବଙ୍କର ୭୮ ବର୍ଷ ବୟସରେ ହଠାତ୍ ହୃଦଘାତ ଯୋଗୁଁ ଦେହାନ୍ତ ଘଟିଲା । **ଇନ୍ନା ଲିଲ୍ଲାହି ୱ୍ ଇନ୍ନା ଇଲୈହି ରାଜେଉନ୍** । ତାଙ୍କର ମୃତ୍ୟୁ ଅଚାନକ ହୃଦ୍‌ଘାତ ହେବାଯୋଗୁ ହେଲା । ଯଦିଚ ବହୁଦିନ ହେବ ତାଙ୍କର ହୃଦୟରେ କଷ୍ଟ ଅନୁଭବ ହେଉଥିଲା କିନ୍ତୁ Cardiac Arrest ହେଲା । ସେଥିଯୋଗୁ ତତ୍‌କ୍ଷଣାତ୍ ଘରେ ମୃତ୍ୟୁ ହୋଇଗଲା ।

ଶ୍ରୀମାନ ମିର୍ଜା ଗୁଲାମ ଅହେମଦ ସାହେବ ହଜରତ ମସିହ ମଉଦ ଆ.ସଙ୍କର ଅଣନାତି ଓ ହଜରତ ମିର୍ଜା ସୁଲତାନ ଅହେମଦ ଯେ ହଜୁର ଆ.ସଙ୍କର ଜ୍ୟେଷ୍ଠ ପୁତ୍ର ଥିଲେ ତାଙ୍କର ନାତି ଏବଂ ମିର୍ଜା ଅଯିଯ୍ ଅହେମଦଙ୍କ ପୁତ୍ର ଥିଲେ । ହଜରତ ମିର୍ ମହମ୍ମଦ ଇସହାକ୍ ସାହେବଙ୍କ ନାତି ଏବଂ ମୋର ଭିଣେଇ ଥିଲେ । ତାଙ୍କ ମାତା ରାଜଯେମା ନସିରାଃ ବେଗମ୍ ହଜରତ ମିର୍ ମହମ୍ମଦ ଇସହାକ୍ ସାହେବ ର.ଅଙ୍କର ଜ୍ୟେଷ୍ଠ କନ୍ୟା ଥିଲେ । ଏହି ସବୁ ବନ୍ଧୁବାନ୍ଧବ ବିଷୟ ଏତେ ଚର୍ଚ୍ଚା ହେବାର ଯୋଗ୍ୟ ନୁହେଁ । ଅସଲରେ ଯାହା ଚର୍ଚ୍ଚାର ଯୋଗ୍ୟ କରାଏ ତାହା ହେଉଛି ତାଙ୍କର ଗୁଣ ଗାରିମା ଯାହାକୁ ମୁଁ ବର୍ତମାନ ବର୍ଣ୍ଣନା କରିବି । ହଜରତ ମିର୍ଜା ଗୁଲାମ ଅହେମଦ ସାହେବ ଜଣେ ଧର୍ମ ସେବକ ଓ ଉତ୍ସର୍ଗୀ ଥିଲେ । ଦୁର୍ବଳ ଓ ରୋଗାକ୍ରାନ୍ତ ପୁଣି ବଡ଼ ଭାଇର ଦେହାନ୍ତ ସତ୍ୱେ ଯେତେବେଳେ ମୁଁ ତାଙ୍କୁ ନାଜିରେ ଆଲାର ଭାର ପ୍ରଦାନ କଲି ଏବଂ ସେ ଉକ୍ତ ପଦର ସମସ୍ତ କର୍ତବ୍ୟ ମଧ୍ୟ ଅତି ସୁନ୍ଦର ଭାବରେ ନିର୍ବାହ କରିଥିଲେ । ନିଜ କାର୍ଯ୍ୟାଳୟରେ ଉପସ୍ଥିତ ରୁହନ୍ତି । ସେହିଭଳି ଫଙ୍କ୍‌ସନ୍ ଗୁଡିକରେ ମଧ୍ୟ ଯୋଗ ଦିଅନ୍ତି । ମୃତ୍ୟୁର ଗୋଟିଏ ଦିନ ପୂର୍ବରୁ ମଦରସତୁଲ୍ ହିଫ୍‌ଜ୍‌ର ଗୋଟିଏ ଫଙ୍କ୍‌ସନ୍ ଥିଲା । ହିଫ୍‌ଜ୍ କ୍ଲାସ୍‌ରେ ଯେଉଁମାନେ ଉତୀର୍ଣ୍ଣ ହୋଇଥିଲେ ସେମାନଙ୍କୁ ସାର୍ଟିଫିକେଟ୍ ବଂଟନ କରିବାର ଥିଲା । ତେଣୁ ସେଠାରୁ ସେ ଯାଇ ଯୋଗ ଦେଲେ । ସନ୍ଧ୍ୟାବେଳେ ଖୁଦାମୁଲ୍ ଅହେମଦୀୟାର ପ୍ରୋଗ୍ରାମ୍‌ରେ ସାମିଲ୍ ହେଲେ । ଯେଉଁଦିନ ମୃତ୍ୟୁ ହେବ ସେଇଦିନ ସକାଳେ ଅନେକ ଲୋକଙ୍କ ଘରକୁ ମଧ୍ୟ ଯାଇଛନ୍ତି । ରୋଗୀମାନଙ୍କୁ ଯାଇ ଦେଖିଆସିଛନ୍ତି । ପୁଣି ପାଂଚବେଳା ନମାଜ ମସ୍‌ଜିଦ୍ ମୁବାରକ୍‌ରେ ଯାଇ ପାଠ କରିଛନ୍ତି । ୱ୍କିଫେ ଜିନ୍ଦେଗୀ (ଜୀବନ ଉତ୍ସର୍ଗୀକାରୀ) ଭାବରେ ତାଙ୍କ ଜୀବନର ଆରମ୍ଭ ୧୯୬୨ ମସିହାରୁ ହୋଇଥିଲା । ସେ ସରକାରୀ କଲେଜ୍ ଲାହୋରରୁ M.A Poltical Science କରିଥିଲେ । ତାପରେ ସେ CCS ର ପରୀକ୍ଷା ଦେଇଥିଲେ, ଯେଉଁଥିରେ ସେ ଉତୀର୍ଣ୍ଣ ହୋଇଥିବାର ସ୍ୱୟଂ ମୋତେ କହିଥିଲେ ଏବଂ କହିଥିଲେ କି ମୁଁ ଏଥିପାଇଁ ପରୀକ୍ଷା ଦେଇଥିଲି କି ସେଥିରେ ଉତିର୍ଣ୍ଣ ହେବା ବେଶ୍ କଷ୍ଟକର ହୋଇଥାଏ । ମୁଁ ଚାହୁଁଥିଲି, ଏପରି ସାଂସାରିକ କ୍ଷେତ୍ରରେ କୃତକାର୍ଯ୍ୟ ହେବାପରେ ନିଜକୁ ଉତ୍ସର୍ଗ କରିବି ଯଦ୍ୱାରା କେହି ନକୁହନ୍ତୁ କି ଆଉ କୌଣସିଠାରେ କାମ ନମିଳିବାରୁ ଜମାଅତର ସେବା କରିବାକୁ ଆସିଗଲେ । ଏହି ସଫଳତା ପରେ ସରକାରୀ ଚାକାରୀ ଛାଡ଼ି ଜମାଅତ ପାଇଁ ଜୀବନ ଉତ୍ସର୍ଗ କରିଦେଲେ । ଯେପରିକି ମୁଁ କହିଲି ୧୯୬୨ ମସିହାରେ ସେ ନିଜ ଜୀବନ ଉତ୍ସର୍ଗ କଲେ । ଜମାଅତର ଦ୍ୱିତୀୟ ଖଲିଫା ତାଙ୍କୁ କହିଥିଲେ ସାଂସାରିକ ଶିକ୍ଷା ସହିତ ଯାହାକି ତୁମେ ହାସଲ କରିସାରିଲଣି, ଧାର୍ମିକ ଶିକ୍ଷା ମଧ୍ୟ ହାସଲ କର । ଅତଃ ସେ ସୟଦ୍ ମିର୍ ଦାଉଦ୍ ଅହେମଦ ସାହେବଙ୍କଠାରୁ ହଦିସ୍ ଓ ଧାର୍ମିକ ଶିକ୍ଷା ହାସଲ କଲେ । ହଜ୍‌ରତ୍ ମୀର୍ ଦାଉଦ୍ ଅହେମଦ୍ ସାହେବ୍ ରିଭ୍ୟୁ ଅଫ୍ ରିଲିଜିଅନ୍‌ସ୍‌ର ଏଡିଟର୍ ଥିଲେ । ବନ୍ଧୁରେ ସେ ତାଙ୍କର ମାମୁଁ ମଧ୍ୟ ଥିଲେ । ତାଙ୍କର ପ୍ରଥମ ନାମ ମିର୍ଜା ସଇଦ୍ ଅହେମଦ୍ ଥିଲା । ପରେ ହଜ୍‌ରତ୍ ମୁସ୍‌ଲେ ମଉଦ୍ ର:ଅ ତାଙ୍କର ମା'ଙ୍କ କହିବା ଯୋଗୁ, ତାଙ୍କର ନାମ ମିର୍ଜା ଅହେମଦ୍ ରଖିଲେ । ସେ ସିରତୁଲ୍ ମେହେଦୀରେ ଏପରି କୌଣସି ଘଟଣା ପଢ଼ିଥିଲେ । ତେଣୁ ସେଥିଯୋଗୁ ତାଙ୍କର ଏ ଭାବନା ଥିଲା ଯେ ମିର୍ଜା ସଇଦ୍ ଅହେମଦ୍ ନାମଟିକୁ ରଖାନଯାଉ । ମିର୍ଜା ସଇଦ୍ ଅହେମଦ୍ ତାଙ୍କ ପ୍ରଥମ ମାତାଙ୍କଠାରୁ ଜନ୍ମିତ ତାଙ୍କର ବଡ଼ ଭାଇ ଥିଲେ, ଯାହାଙ୍କର ଯୁବକ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା । ଏଠାରେ ୟୁ.କେ ମଧ୍ୟ ଆସି ନିଜର ପାଠପଢ଼ା ଜାରି ରଖିଲେ । ମିର୍ଜା ମୋଜଫର୍ ଅହେମଦ୍ ସାହେବ୍

ଇତ୍ୟାଦିଙ୍କର ସେ ସହପାଠୀ ଥିଲେ । ହଜରତ୍ ମୁସ୍ଲେହ୍ ମଉଦ୍ଙ୍କୁ ସେ ଏହା ମଧ୍ୟ କହିଥିଲେ ଯେ ଯଦି କୌଣସି ନାମ ବଦଳାଯାଏ ତେବେ ମିର୍ଜା ଅଜିଜ୍ ଅହେମଦ୍ ସାହେବ୍ଙ୍କୁ ଦୁଃଖ ହେବ । ତେଣୁ ଏପରି ନାମ ରଖନ୍ତୁ ଯଦ୍ୱାରା ତାଙ୍କୁ ମଧ୍ୟ ଶାନ୍ତ୍ୱନା ମିଳିଯିବ । ହଜରତ୍ ମୁସ୍ଲେହ୍ ମଉଦ୍ ର:ଅ ତାଙ୍କୁ କହିଲେ କି ତେବେ ଆମେ ଏପରି ନାମ ରଖିବା ଯଦ୍ୱାରା ତାଙ୍କ ବାପାଙ୍କୁ କୌଣସି ଦୁଃଖ ହେବନାହିଁ । ତେଣୁ ସେ ମିର୍ଜା ଗୁଲାମ୍ ଅହେମଦ୍ ନାମଟିକୁ ରଖିଲେ । ଏବଂ ତତ୍ ସହିତ୍ ହଜ୍ରତ୍ ମୁସ୍ଲେହ୍ ମଉଦ୍ ଏହା ମଧ୍ୟ କହିଲେ ଯେ ଆମେ ତାଙ୍କୁ ଅହେମଦ୍ କହି ଡାକିବୁ । କାରଣ ହଜ୍ରତ୍ ମସିହ୍ ମଉଦ୍ଙ୍କ ମୃତ୍ୟୁକୁ ଏତେ ସମୟ ହୋଇନାହିଁ । ତେଣୁ ମୋ ପାଇଁ ଏହା ବହୁତ କଷ୍ଟକର କଥା ଯେ ମୁଁ ଗୁଲାମ୍ ଅହେମଦ୍ ନାମଟିକୁ ମୁହଁରେ ଧରିବି । ୧୯୬୪ ମସିହାରେ ମୋ ବଡ଼ ଭଉଣୀଙ୍କ ସହିତ ତାଙ୍କର ବିବାହ ସମ୍ପର୍ଣ୍ଣ ହୋଇଥିଲା, ମୌଲାନା ଜଲାଲୁଦ୍ଦିନ୍ ସାହେବ ଶମସ୍ ତାଙ୍କର ନିକାଃ ପଢାଇଥିଲେ । ତାଙ୍କର ତିନି ଜଣ ପୁତ୍ର ଓ ଦୁଇ ଜଣ କନ୍ୟା ସନ୍ତାନ ଅଛନ୍ତି । ଦୁଇ ଜଣ ପୁତ୍ର ୱାକିଫେ ଜିନ୍ଦେଗୀ ଅଟନ୍ତି । ମିର୍ଜ ଫଜଲ୍ ଅହେମଦ୍ ରବ୍ୱାରେ ନାଜର୍ ତାଲିମ୍ ଅଛନ୍ତି ଓ ମିର୍ଜା ନାସିର୍ ଇନ୍ଆମ୍ ଏଠାରେ ୟୁକେ ରେ ଜାମିଆର ପ୍ରିନ୍ସିପାଲ୍ ଅଛନ୍ତି । ଏବଂ ମିର୍ଜା ଏହ୍ସାନ୍ ଅହେମଦ୍ ଯିଏ ହେଉଛନ୍ତି ତୃତୀୟ ପୁତ୍ର ସେ ଆମେରିକାରେ ସାଂସାରିକ ଚାକିରୀ କରିବା ସତ୍ୱେ ସେଠାରେ ଜମାଅତର ସେବା କାର୍ଯ୍ୟ ସମ୍ପାଦନ କରୁଛନ୍ତି । ସେ ନ୍ୟାସ୍ନାଲ୍ ମଜ୍ଲିସ୍ ଆମ୍ଲାରେ ସେକ୍ରେଟାରୀ ମାଲ୍ ଅଛନ୍ତି ଓ ଅଫିସର୍ ଜଲ୍ସାଗାଃ ମଧ୍ୟ ଅଛନ୍ତି । ତାଙ୍କର ଗୋଟିଏ ଝିଅ ଯାହାଙ୍କ ନାମ ହେଉଛି ଅମତୁଲ୍ ୱଲି ଜୁବେଦା ଓ ଦ୍ୱିତୀୟ ଝିଅଙ୍କ ନାମ ହେଉଛି ଅମତୁଲ୍ ଅଲୀ ଜହିରା ଯିଏ ମୀର୍ ମେହ୍ମୁଦ୍ ଅହେମଦ୍ ସାହେବ୍ଙ୍କ ସ୍ତ୍ରୀ ଅଟନ୍ତି । ଏବଂ ସେ ମଧ୍ୟ ୱାକିଫେ ଜିନ୍ଦେଗୀ ଅଛନ୍ତି । ଓ ଆଜିକାଲି ନାଜର୍ ସେହତ୍ ଅଛନ୍ତି ।

ହଜୁର ଅନୱର ଅ.ବ କହିଲେ- ମିର୍ଜା ଗୁଲାମ ଅହେମଦ୍ ସାହେବଙ୍କର ସେବା ଅବିସ୍ମରଣୀୟ ସେ ନାଜିରେ ତାଲିମ୍ ଭାବରେ କାମ କରିଛନ୍ତି, ଅତିରିକ୍ତ ସ୍ଥାନୀୟ ନାଜିରେ ଇସ୍ଲାଃ ଓ ଇରଶାଦ୍ ଭାବରେ କାମ କରିଛନ୍ତି, ୧୯୯୬ ମସିହାରୁ ଯେପର୍ଯ୍ୟନ୍ତ ନାଜିରେ ଆଲା ହୋଇନଥିଲେ ନାଜିରେ ଦିୱାନ ଭାବରେ କାର୍ଯ୍ୟ କରିଆସୁଥିଲେ । ୨୦୧୨ ରୁ ୨୦୧୮ ମସିହା ପର୍ଯ୍ୟନ୍ତ ସଦର ମଜଲିସ୍ କାରପର୍ଦାଯ୍ ଭାବରେ ମଧ୍ୟ ମୁତୟନ ଥିଲେ । ମିର୍ଜା ଖୁରଶିଦ୍ ଅହେମଦ ସାହେବଙ୍କ ଦେହାନ୍ତ ପରେ ତାଙ୍କୁ ମୁଁ ନାଜିରେ ଆଲା ଓ ଅମିର ମୁକାମି ତଥା ସଦର, ସଦର ଅଞ୍ଜୁମନ୍ର ଦାୟିତ୍ୱରେ ମୁତୟନ କରିଥିଲି । ଚତୁର୍ଥ ଖଲିଫାଙ୍କ ସମୟ କାଳରେ ଅନେକ ଥର ସେ କାୟମ ମୁକାମ୍ ନାଜିରେ ଆଲା ଓ କାୟମ ମୁକାମ୍ ଅମିର ମୁକାମି ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ସେହିପରି ମଜଲିସ୍ ୱକଫେ୍ ଜଦିଦ୍ର ସଦସ୍ୟ ମଧ୍ୟ ଥିଲେ ୨୦୧୬ ରୁ ୨୦୧୮ ମସିହା ପର୍ଯ୍ୟନ୍ତ ସଦର ମଜଲିସ୍ ୱକ୍ଫେ ଜଦିଦ୍ ମଧ୍ୟ ରହିଥିଲେ । ଅନ୍ସାରୁଲ୍ଲାଃର ନେତୃତ୍ୱ ନେଇ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିଛନ୍ତି ଏବଂ ନାୟବ୍ ସଦର ସଫେ ଦୋମ୍ ମଧ୍ୟ ରହିଥିଲେ । ତାପରେ ନାୟବ୍ ସଦର ହେଲେ, ପୁଣି ୨୦୦୪ ରୁ ୨୦୦୯ ମସିହା ପର୍ଯ୍ୟନ୍ତ ସଦର ଅନ୍ସାରୁଲ୍ଲାଃ ପାକିସ୍ତାନ ଭାବରେ କାର୍ଯ୍ୟ କରିବାର ତାଙ୍କୁ ଅବସର ମିଳିଥିଲା । ଖୁଦ୍ଦାମୁଲ୍ ଅହେମଦିୟାରେ ମଧ୍ୟ ମୋହତମିମ୍ ଭାବରେ କାର୍ଯ୍ୟ କରିବାର, ପୁଣି ନାଏବ୍ ସଦର ଖୁଦ୍ଦାମୁଲ୍ ଅହେମଦିୟା ମରକଯିୟା ଭାବରେ କାର୍ଯ୍ୟ ସମ୍ପାଦନ କରିବାପରେ ୧୯୭୫-୭୯ ପର୍ଯ୍ୟନ୍ତ ସଦର ଖୁଦ୍ଦାମୁଲ୍ ଅହେମଦୟା ମର୍କଯିୟାର ଭାର ବହନ କରିଥିଲେ । ମୀର୍ ଦାଉଦ୍ ଅହେମଦ୍ ସାହେବ୍ଙ୍କ ପରେ Editor Review of Riligion ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି । ସେ ତୃତୀୟ ଖଲିଫାଙ୍କ ବ୍ୟକ୍ତିଗତ ସେକ୍ରେଟାରୀ, ଖିଲାଫତ୍ ଲାଇବ୍ରେରୀ କମିଟିର ସଦର, ବୟତୁଲ୍ ହମଦ୍ ସୋସାଇଟି ରବୱାର ସଦର୍, ଫଜ୍ଲେ ଉମର ଫାଉଣ୍ଡେଶନ୍ର Director, ସେହିପରି ଯେପର୍ଯ୍ୟନ୍ତ ରବୱାରେ ବାର୍ଷିକ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହେଉଥିଲା ତାଙ୍କୁ ଅନେକ ବର୍ଷ ପର୍ଯ୍ୟନ୍ତ ଅତିରିକ୍ତ ଅଫସର୍ ଜଲସା ସାଲାନା, ନାଜିମେ ମେହନତ୍ ଭାବରେ ସେବା କରିବାର ଅବସର ମିଳିଥିଲା । ନାଜିମ୍ ମେହ୍ନତ୍ର କାର୍ଯ୍ୟ ବହୁତ କଷ୍ଟକର କାର୍ଯ୍ୟ ଅଟେ । ଏବଂ ଏଭଳି ଶ୍ରମିକ ମାନଙ୍କ ସହିତ କାର୍ଯ୍ୟ କରିବାକୁ ପଡ଼ିଥାଏ, ଯେଉଁମାନେ ହେଉଛନ୍ତି ଗଏର୍ ଅହେମଦୀ ଓ ରୋଟି ତିଆରି କରିବା ବାଲା ନାନ୍ବାଇ ଏବଂ ଏପରି କିଛି ମୁର୍ଖ ଲୋକ ମଧ୍ୟ ତାଙ୍କ ଭିତରେ ଥାଆନ୍ତି । ସେମାନଙ୍କୁ ସଠିକ୍ ରୂପେ ଆୟତ କରି ଜଲ୍ସାର ବହୁତ କାର୍ଯ୍ୟ କରାଇବାକୁ ପଡ଼ିଥାଏ । ଅଲ୍ଲାଃତାଲାଙ୍କ ଫଜଲ୍ରୁ ସେ ସେମାନଙ୍କୁ ବହୁତ ଉତମ ରୂପେ କାର୍ଯ୍ୟରେ ଲଗାଉଥିଲେ । ତବରୁକାତ୍ କମିଟିର ସଦର ଥିଲେ। ହଜରତ ମସିହ ମଉଦ ଆ.ସଙ୍କ ସାହାବାଙ୍କ ରେଜିଷ୍ଟର ରେୱାୟାତ୍ କମିଟିର ସଦସ୍ୟ ଥିଲେ, ମଜଲିସ୍ ଇଫ୍ତାର ମଧ୍ୟ ସଦସ୍ୟ ଥିଲେ। ତାରିଖେ ଅହେମଦିୟତ୍ କମିଟିର ସଦସ୍ୟ ଥିଲେ, ସେକ୍ରେଟାରୀ ଖିଲାଫତ୍ କମିଟି ଥିଲେ, ଶିରକତୁଲ୍ ଇସ୍ଲାମିୟାର Managing Director ମଧ୍ୟ ଥିଲେ । ନଜାରତ୍ ସହିତ ବହୁତ ଗୁଡିକ କାର୍ଯ୍ୟ ଓ ଅନେକ କମିଟିର ଦାୟିତ୍ୱରେ ସେ ମଧ୍ୟ ଥିଲେ । ୧୯୮୯ ମସିହାରେ ତାଙ୍କୁ ଓ ମିର୍ଜା ଖୁରଶିଦ୍ ଅହେମଦ ସାହେବଙ୍କୁ ଏବଂ ଜମାଅତର ଦୁଇ ଜଣ ସଦସ୍ୟଙ୍କୁ 298C (ଧାରା ଅନ୍ତର୍ଗତ)ରେ କିଛି ଦିନ କାରାବରଣ ଭୋଗ କରିବାର ସୌଭାଗ୍ୟ ଲାଭ ହୋଇଥିଲା ।

୨୮ ମଇ ୨୦୧୦ମସିହାରେ ଲାହୋରରେ ଯେଉଁ ହୃଦୟବିଦାରକ ଘଟଣା ଘଟିଥିଲା, ଯେଉଁଥିରେ ଅନେକ ଅହେମଦି ଶହିଦ୍ ହୋଇଥିଲେ ସେତେବେଳେ ସେଠାକୁ ନାଜିରେ ଆଲା ସାହେବ, ଲାହୋର ଜମାଅତକୁ ଶାନ୍ତ୍ୱନା ଦେବା, ଚିକିତ୍ସାଧୀନ ଲୋକମାନଙ୍କୁ ସାକ୍ଷାତ କରିବା ଓ ଶହିଦ୍ମାନଙ୍କ ସମ୍ପର୍କୀୟଙ୍କୁ ଶାକ୍ଷାତ କରିବା ନିମନ୍ତେ ଯେଉଁ ଦଳକୁ ପ୍ରେରଣ କରିଥିଲେ, ସେହି ଦଳର ଅମିର ମିର୍ଜା ଗୁଲାମ ଅହେମଦଙ୍କୁ କରି ପ୍ରେରଣ କରିଥିଲେ । ଶହିଦ୍ମାନଙ୍କୁ ଚିକିତ୍ସାଳୟ ନେଉଥିବା ସମୟରେ ସେ ସେଠାରେ ପହଂଚିଲେ ଏବଂ ପାଖାପାଖି ଦୁଇ ସପ୍ତାହ ରହି ସମସ୍ତ ବ୍ୟବସ୍ଥା ନିଜ ତତ୍ତ୍ୱାବଧାନରେ କରାଇଲେ । ଦାରୁଜିକର୍ ଯେ ଏହି ପ୍ରତିନିଧି ମଣ୍ଡଳ ପହଂଚିଲା ଏବଂ ବହୁତ ପରିଶ୍ରମ, ଦୁରଦୃଷ୍ଟି ସମ୍ପନ୍ନ କାର୍ଯ୍ୟଗୁଡିକୁ ସମ୍ପାଦନ କଲା । ଏବଂ ଖଣ୍ଡିଆ ଖାବରା ହୋଇଥିବା ଲୋକମାନଙ୍କର ଅନୁଧ୍ୟାନ କଲେ ଓ ଶହିଦ୍ ହୋଇଥିବା ପରିବାରଙ୍କ ସହିତ ସାକ୍ଷାତ୍ ପାଇଁ ସେମାନଙ୍କ ଘରକୁ ମଧ୍ୟ ଗଲେ । ଦାରୁଲ୍ଜିକର୍ ଠାରେ ସେହିଦିନ ଆମେଲାର ମିଟିଂ ଡାକିଲେ ଏବଂ ନୁଆ ଅମୀର୍ର ଘୋଷଣା ମଧ୍ୟ କରାଇଲେ । ମଗ୍ରିବ୍ ଓ ଇଶା ନମାଜ ଆପଣ ସେଠାରେ ନିଜେ ପଢ଼ାଇଲେ । ଯଦ୍ୱାରା ଲୋକମାନଙ୍କୁ ଏ ସାହସ ମିଳିବ ଯେ ଏ ଘଟଣା ଘଟିବା ପରେ ମସ୍ଜିଦ୍କୁ ଖାଲି ଛାଡ଼ିଦେବା ଉଚିତ୍ ନୁହେଁ । ଓ ଯେତେବେଳେ ଡାକ୍ତରଖାନାରେ ରୋଗୀମାନଙ୍କର ଅବସ୍ଥା ବିଷୟରେ ପଚାରିବା ପାଇଁ ଯାଇଥିଲେ ସେ ସମୟରେ ସେଠିକାର ଗଭର୍ନର୍ ସଲମାନ୍ ତାସିର୍ ସାହେବ ସେଠାରେ ଉପସ୍ଥିତ ଥିଲେ, ତାଙ୍କ ସହ ସାକ୍ଷାତ କରି ମିର୍ଜା ଗୁଲାମ ଅହେମଦ ସାହେବ ତାଙ୍କର ଧ୍ୟାନ ଏଥିପ୍ରତି ଆକର୍ଷିତ କଲେ କି ଯେଉଁ ଆକ୍ରମଣ ହୋଇଛି ତାହା ଏଥିପାଇଁ କି ଜମାଅତ ଅହେମଦିୟା ବିରୋଧରେ ଘୃଣା ଭାବନାକୁ ପ୍ରସାରିତ କରାଯାଉ ଏବଂ ଜଣେ ଗଭର୍ନର୍ ଭାବରେ ଆପଣଙ୍କ କର୍ତବ୍ୟ ଅଟେ ଯେ ଆପଣ ଏଥିପ୍ରତି ଧ୍ୟାନ ଦିଅନ୍ତୁ । ଏହିପରି ରାଜ୍ୟର ସଂଖ୍ୟା ଲଘୁ ମନ୍ତ୍ରୀ ଜାବେଦ୍ ମାଇକେଲ୍ ସାହେବ ମଧ୍ୟ ଶୋକବ୍ୟକ୍ତ ଓ ସମବେଦନା ଜଣାଇବାକୁ ସେଠାକୁ ଆସିଥିଲେ । ସେ ମୂଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅତ୍ୟନ୍ତ ସାହସିକତାର ସହିତ କହିଲେ ଆପଣ ଶୋକବ୍ୟକ୍ତ କରିବାକୁ ଆସିଥିବାରୁ ଆମେ ଆପଣଙ୍କର କୃତଜ୍ଞ କିନ୍ତୁ ଏକଥା ଜାଣିରଖନ୍ତୁ ଯେ, ଆମେ କଦାପି ନିଜକୁ ସଂଖ୍ୟାଲଘୁ ସ୍ୱୀକାର କରିବୁ ନାହୁଁ, ଆମେ ମୁସଲମାନ ଅଟୁ । ଏଥିରେ ମନ୍ତ୍ରୀ ସାହେବ୍ କହିଲେ ବାସ୍ତବରେ ମୁଁ ମାନବିକ ଅଧିକାର ମନ୍ତ୍ରୀ ଅଟେ । ସେଥିଯୋଗୁ ମୁଁ ଏଠାକୁ ଆସିଛି । ସେ ତାଙ୍କୁ ଆହୁରି କହିଲେ କି କ୍ୟାବିନେଟ୍ରେ ଆପଣଙ୍କୁ ସ୍ୱର ଉତୋଳନ କରିବା ଉଚିତ୍ ଏବଂ ଜମାଅତ ବିରୁଦ୍ଧରେ ଯେଉଁ ଲଢେଇ ଛାଲିଛି, ପ୍ରଶାସନକୁ ତାହାକୁ ସମାପ୍ତ କରିବା ଉଚିତ୍ । କିନ୍ତୁ ସେ ଯାହାହେଉ ଏହା ତ ସେମାନଙ୍କର କର୍ତବ୍ୟ ଥିଲା ଯାହା ପ୍ରତି ସେ ଧ୍ୟାନ ଆକର୍ଷଣ କରାଇଥିଲେ । ଅସଲ କଥା ହେଉଛି ଆମର ଦୃଷ୍ଟି ସବୁବେଳେ ଅଲ୍ଲାଃତାଲାଙ୍କ ଉପରେ ରହିବା ଉଚିତ୍ ଓ ସେ ହିଁ ଏହି ସବୁ ଅବସ୍ଥାକୁ ଠିକ୍ କରିଦେବ । ଇନ୍ଶାଅଲ୍ଲାଃ । ମଇ ୨୯ ଏବଂ ୩୦ ତାରିଖରେ ସେଠାରେ ସେ Press Conference କଲେ । ୨ ଜୁନ୍ ର ଏକ୍ସ୍ପ୍ରେସ୍ ନ୍ୟୁଜ୍ରେ ଯେଉଁ ଲାଇଭ୍ ପ୍ରୋଗ୍ରାମ୍ ପ୍ରସାରଣ କରାଗଲା ତା ନାମ ହେଉଛି ପଏଂଟ୍ ବ୍ଲେକ୍ । ସେଥିରେ ରାତି ୧୧ ରୁ ୧୨ ଟା ପର୍ଯ୍ୟନ୍ତ ଯୋଗ ଦେଲେ । ସୁୱେସ୍ ନ୍ୟାସନଲ୍ ଟି.ଭି, BBC, Voice of America, Sahara T.V Channel ଏବଂ ଦୁନିୟା ଟି.ଭି ଇତ୍ୟାଦି ସମସ୍ତଙ୍କୁ Interview ଦେଇଥିଲେ । ଏହି ୱଫଦ୍ ୧୨ ଜୁନ୍ ପର୍ଯ୍ୟନ୍ତ ସେଠାରେ ରହିଲା ଏବଂ ତା ପରେ ଫେରି ଆସିଲା । ସେଥିରେ ସେ ସେମାନଙ୍କୁ ସ୍ୱଷ୍ଟ ଭାବରେ କହିଥିଲେ କି ଆମେ ମୁସଲମାନ ଅଟୁ ଓ ଆମକୁ ଆମର ମୁସଲମାନ ହେବାରୁ କେହି ଛଡ଼େଇ ନେଇପାରିବେ ନାହିଁ ।

ଚତୁର୍ଥ ଖଲିଫା ଏକଦା ନିଜ ଖୁତବାରେ ନିଜର ସ୍ୱପ୍ନର ଚର୍ଚ୍ଚା କରି କହିଲେ ମୁଁ ଚିନ୍ତା କରୁଥିଲି କି ମୋତେ ନିଜର କାର୍ଯ୍ୟ ବ୍ୟସ୍ତତା ବଢାଇବା ଉଚିତ୍ ସେହି ଦିନ ରାତିରେ ମୁଁ ମିଆଁ ଅହେମଦଙ୍କୁ ଦେଖିଲି । ଯେ ସର୍ବଦା ଉପଯୁକ୍ତ ପରାମର୍ଶ ଦେଇଥାନ୍ତି ଚତୁର୍ଥ ଖଲିଫା କୁହନ୍ତି ପବିତ୍ର କୋରାନ ସମ୍ବନ୍ଧରେ ମଧ୍ୟ ତାଙ୍କର ମତ ଥିଲା କି ତଫସିର୍ ସଗିର୍ ପଛରେ ନୋଟ୍ ଲେଖିବା ପରିବର୍ତେ ନିଜର ଅନୁବାଦ କରନ୍ତୁ ଏବଂ ହଜୁର ର.ଅ କହିଥିଲେ କି **ଅଲ୍ହମଦୋଲିଲ୍ଲାଃ** ଅଲ୍ଲାଃତାଲ ମୋତେ ଏହି ଅନୁବାଦ କରିବାର ଶକ୍ତି ପ୍ରଦାନ କଲେ ଏବଂ ଅନେକ ସମସ୍ୟାର ସମାଧାନ ହୋଇଗଲା । ବାକି ସ୍ୱପ୍ନ ବେଶ୍ ଲମ୍ବା ଥିଲା ଯେଉଁଥିରେ ମିଆଁ ଅହେମଦଙ୍କ ମତାମତର ଚର୍ଚ୍ଚା ରହିଛି । ଏହିପରି ସେ ବିଭାଘର ଇତ୍ୟାଦି ବିଷୟରେ ଓ ପିଲାମାନଙ୍କର ରୋଜଗାର ନିମନ୍ତେ ବହୁତ ଗୁଡିଏ ପରାମର୍ଶ ଦେଇ କହିଲେ ଯେ ଏପରି ହେବା ଉଚିତ୍ । ସ୍ୱପ୍ନରେ ମିଆଁ ଅହେମଦ୍ ହଜ୍ରତ୍ ଖଲିଫତୁଲ୍ ମସିହ୍ ରାବେଙ୍କୁ ସେ ସବୁକିଛି ବତାଇଲେ ଯେ ଆପଣ ଏଥିରେ ସାହାଯ୍ୟ କରିପାରିବେ ।

(ଉଦ୍ଧୃତ ଅଲ୍ଫଜଲ୍ ଇଂଟର୍ ନ୍ୟାସନାଲ୍ ୧୯-୨୫ ଜାନୁଆରୀ ୨୦୦୧, ପୃଷ୍ଠା-୫, ଖୁତ୍ବାଜୁମା ପ୍ରଦତ ୧୫ ଡିସେମ୍ବର ୨୦୦୦)

ଗୋଟିଏ ପତ୍ରରେ ଚତୁର୍ଥ ଖଲିଫା ତାଙ୍କୁ ଲେଖିଥିଲେ କି ପ୍ରିୟ ଅହେମଦ **ସଲମହୁଲ୍ଲାହୁ ଅସ୍ସଲାମୋ ଆଲେକୁମ୍** ଆପଣଙ୍କ ପତ୍ର ମିଳିଲା ଆପଣଙ୍କ ପାଇଁ ବ୍ୟାକୁଳ ହୋଇ ଦୁଆ କରୁଅଛି । ଆପଣଙ୍କ ସ୍ୱଭାବରେ ଅଲ୍ଲାଃ ସତ୍ୟ ଓ ପୁନ୍ୟବାନ୍ ହେବାର (ଗୁଣ) ରଖିଛନ୍ତି । ଯେ ଏହି ଉଭୟ ଗୁଣର ଅଧିକାରୀ ଅଲ୍ଲାଃତାଲା ତାହାକୁ କଦାପି ନଷ୍ଟ ହେବାକୁ ଦେଇନଥାନ୍ତି । ଅଲ୍ଲାଃ ଆପଣଙ୍କୁ ଅସରନ୍ତି ଆଧ୍ୟାତ୍ମିକ ଉନ୍ନତି ପ୍ରଦାନ କରନ୍ତୁ ଓ ଆପଣଙ୍କ ହୃଦୟକୁ ବୈକୁଣ୍ଠର ଶାନ୍ତି ପ୍ରଦାନ କରନ୍ତୁ ।

ସେହିଭଳି ଆଉ ଏକ ଚିଠିରେ ସେ କହିଲେ ଯେ ନିଜ ପ୍ରାର୍ଥନାରେ ମୁଁ ମନ ରଖୁଛି, ଆପଣ ସମସ୍ତଙ୍କର ହକ୍ ମଧ୍ୟ ଅଛି । ଦୀନ୍ର ସେବା କରିବାର ମଧ୍ୟ ମୋର ବଡ଼ ସାହାଯ୍ୟକାରୀ ଅଟ । ଅଲ୍ଲାଃତାଲା ଆପଣଙ୍କୁ ସବୁବେଳେ ନିଜ ସୁରକ୍ଷାରେ ରଖନ୍ତୁ । ଉତମ ସ୍ୱାସ୍ଥ୍ୟ ପ୍ରଦାନ କରନ୍ତୁ । କଦାପି କୌଣସି ଚିନ୍ତା ଓ ଦୁଃଖ ନହେଉ । ଏହାପରେ ପୁଣି ଲେଖିଲେ କି ମୋତେ ମଧ୍ୟ ନିଜ ପ୍ରାର୍ଥନାରେ ମନେ ରଖିବେ । ମୋର ଭୀଷଣ ଇଛା ଯେ ଅହେମଦୀୟତ୍କୁ ଲୋକମାନେ ଯଥାଶିଘ୍ର ଗ୍ରହଣ କରନ୍ତୁ । ପୁଣି କହିଲେ କି ଏମ୍.ଟି.ଏ ର ଅସ୍ତ୍ର ମଧ୍ୟ ସାରା ଦୁନିଆରେ ଚଲୁଅଛି । ଓ ମୋ ଇଛା ଗୁଡିକୁ କାର୍ଯ୍ୟରେ ପରିଣତ କରୁଅଛି । ଭଲ ଭଲ ପ୍ରୋଗ୍ରାମ୍ ପଠାନ୍ତୁ । ଯଦ୍ୱାରା ଜ୍ୟୋତି ହିଁ ଜ୍ୟୋତି ହୋଇଯିବ । ସଇତାନି ଶକ୍ତି ଓ ଖଳ ପ୍ରକୃତିକୁ ରମ୍ଜାନ୍ ମାସରେ ସମ୍ପୁର୍ଣ୍ଣ ରୂପେ ବାନ୍ଧି ଦିଆଯାଏ ।

ତାଙ୍କ ପତ୍ନୀ ଅମତୁଲ୍ କୁଦ୍ଦୁସ ସାହେବାଃ କୁହନ୍ତି ଦ୍ୱିତୀୟ ଖଲିଫା ଯେତେବେଳେ ରୋଗରେ ପଡ଼ିଥିଲେ ସେ ପ୍ରତିଦିନ ରାତିରେ ଯାଇ ତାଙ୍କ ପାଖରେ ଡ଼ିୟୁଟି ଦିଅନ୍ତି ସେହିପରି ତୃତୀୟ ଖଲିଫାଙ୍କ ସହ ଆପଣଙ୍କ ସମ୍ପର୍କ ଅତି ନିବିଡ଼ ଥିଲା । ହଜୁର ମଧ୍ୟ ତାଙ୍କୁ ବହୁତ ବିଶ୍ୱାସ କରୁଥିଲେ ୧୯୭୪ ମସିହାରେ ଆପଣ ଓ ମିର୍ଜା ଖୁରଶିଦ୍ ଅହେମଦ ସାହେବ ଅନେକ ଦିବାରାତ୍ର ତାଙ୍କ ନିକଟରେ ରହିଥିଲେ ଏବଂ ତାଙ୍କୁ ଘରକୁ ଯିବାକୁ ଅନୁମତି ନଥିଲା ।

୧୯୭୩ ଏବଂ ୧୯୭୪ ମସିହାରେ ବିଶେଷ ରୂପେ ଏବଂ ଏହାପରେ ସେ ଯେତେବେଳେ ଖୁଦାମୁଲ୍ ଅହେମଦୀୟାର ସଦର୍ ଥିଲେ ସେ ସମୟରେ ମଧ୍ୟ ହଜୁର୍ଙ୍କ ସହିତ କାମ କରୁଥିଲେ । ବହୁତ ଦିନ ପର୍ଯ୍ୟନ୍ତ ଘରକୁ ଆସୁନଥିଲେ । ଏହା ପୂର୍ବରୁ ମଧ୍ୟ ଘରୁ ସକାଳୁ ବାହାରି ରାତି ୧୦ଟାରେ ପାଖାପାଖି ଘରକୁ ଫେରୁଥିଲେ । ତୃତୀୟ ଖଲିଫା ତାଙ୍କୁ ଏକ ସମ୍ମାନ ପ୍ରଦାନ କରିଥିଲେ କି ଏକଦା ଇଜ୍ତେମାର ଅବସରରେ ସେ ହଜୁର ର.ଅଙ୍କୁ ନିବେଦନ କଲେ କି ଅହେଦ୍ (ପ୍ରତିଜ୍ଞା) ଦୋହରେଇ ଦିଅନ୍ତୁ ସେତେବେଳେ ତୃତୀୟ ଖଲିଫା ତାଙ୍କୁ କହିଲେ ତୁମେ ଦୋହରାଅ ଏବଂ ଏହାର ଆଦେଶ ଦେଲେ ଓ **ସ୍ୱୟଂ ଅନ୍ୟ ଖୁଦ୍ଦାମମାନଙ୍କ ପରି ଛିଡ଼ା ହୋଇ ତାଙ୍କ ପଛରେ ଅହେଦ୍ ଦୋହରାଇ ଥିଲେ** । ମିର୍ଜା ଖୁର୍ଶିଦ୍ ଅହେମଦ୍ ସାହେବ୍ଙ୍କ ମୃତ୍ୟୁ ପରେ ମୁଁ ଏହା କହିଥିଲି ଯେ ହଜ୍ରତ୍ ଖଲିଫତୁଲ୍ ମସିହ୍ ରାବେ ଏହା କହିଥିଲେ ଯେ ଏହି ଯେଉଁ ଦୁଇଜଣ ବ୍ୟକ୍ତି ଅଛନ୍ତି ଏମାନେ ମୋର ବଡ଼ ବିଶ୍ୱସ୍ତ ତଥା ପ୍ରତ୍ୟେକ ଖଲିଫାଙ୍କ ବିଶ୍ୱସ୍ତ ଅଟନ୍ତି । ସେ ମୋତେ ଲେଖିଥିଲେ କିନ୍ତୁ ମୋତେ ସେ ନିଜେ କହିଥିଲେ ମଧ୍ୟ । ସେ ସମୟରେ ଯେହେତୁ ତାଙ୍କୁ ଟିକିଏ ସଙ୍କା ଥିଲା । ତେଣୁ ନିଜର ନାମ ଲେଖିନଥିଲେ । ସେଥିଯୋଗୁ ମୁଁ ମଧ୍ୟ ଜୁମାରେ କହିଲି ନାହିଁ । କେବଳ ମିର୍ଜା ଖୁର୍ଶିଦ୍ ଅହେମଦ୍ଙ୍କ ନାମ ହିଁ କହିଲି । ବାସ୍ତବରେ ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍ ଏବଂ ମିର୍ଜା ଖୁର୍ଶିଦ୍ ଅହେମଦ୍ ସାହେବଙ୍କ ବିଷୟରେ ହଜ୍ରତ୍ ଖଲିଫତୁଲ୍ ମସିହ୍ ରାବେ ର:ଅ କହିଥିଲେ ଯେ ଏମାନେ ସମସ୍ତ ଖିଲାଫତ୍ର ବିଶ୍ୱସ୍ତ ଅଟନ୍ତି ଓ ମୋର ମଧ୍ୟ ବିଶ୍ୱସ୍ତ ଅଟନ୍ତି । ଯେବେ ହଜୁର୍ଙ୍କର ମୁଦିଟି

ହଜିଯାଇଥିଲା, ସେଇଟିକୁ ଖୋଜିବା ପାଇଁ ହଜୁର୍ ତାଙ୍କୁ ଡାକିଥିଲେ ଏବଂ ଏହା ତାକୁ କହୁଥିଲେ ଯେ ପ୍ରଥମେ ହଜରତ୍ ଖଲିଫତୁଲ୍ ମସିହ୍ ରାବେ ମୋ ନାମ ନେଇଛନ୍ତି । ଅହେମଦ୍ ଓ ପୁଣି ଖୁରଶିଦ୍ । ଏହି ଦୁଇଜଣ ମୋର ବିଶ୍ୱସ୍ତ ଏବଂ ସବୁ ଖିଲାଫତ୍‌ର ବିଶ୍ୱସ୍ତ ମାନଙ୍କ ମଧ୍ୟରୁ ଅଟନ୍ତି ।

ତାଙ୍କ ପତ୍ନୀ କୁହନ୍ତି ସେ ରାତିରେ ନଫ୍‌ଲ୍ ନମାଜ ଏଭଳି ବ୍ୟାକୁଳ ହୋଇ ପାଠ କରନ୍ତି କି ସମ୍ପୂର୍ଣ୍ଣ ଘର ଗୁଞ୍ଜରିତ ହୋଇଉଠେ ଯେଉଁଥିରେ ହଜରତ ମହମ୍ମଦ ସ.ଆ, ହଜରତ ମସିହ ମଉଦ ଆ.ସ, ଖଲିଫା, ଜମାଅତ ପାଇଁ ନିଜ ମାତାପିତା, ଭାଇଭଉଣୀ ତଥା ନିଜ ଝିଅପିଲା ଓ ସମ୍ପର୍କୀୟଙ୍କ ପାଇଁ ଦୁଆ କରିବା ଏବଂ ସୁରେ ପାତିହାର କେତେକ ଆୟାତ୍ ବାରମ୍ବାର ପୁନରାବୃତି କରନ୍ତି । ସେ କହୁଛନ୍ତି ନିଜ ବାପା ମା', ଭାଇ ଭଉଣୀଙ୍କ ସହିତ ବହୁତ ଅଧିକ ସୁସମ୍ପର୍କ ଥିଲା । କିନ୍ତୁ କୌଣସି ପ୍ରକାର ଅନ୍ୟାୟ ସହୁନଥିଲେ । ନିଜ ଘର ଲୋକଙ୍କ ଦ୍ୱାରା ସ୍ତ୍ରୀଙ୍କର ସମ୍ମାନ କରାଇଲେ ଓ ସ୍ତ୍ରୀ ଙ୍କର ସମ୍ପର୍କକୁ ଘରଲୋକଙ୍କ ସହିତ ସ୍ଥାପନ କରାଇଲେ । ଅର୍ଥାତ୍ ଦୁଇଟିଯାକ ବନ୍ଧୁ ମଧ୍ୟରେ ଗୋଟିଏ ସମାନତା ସ୍ଥାପନ କରିଥିଲେ । **କେହି ତାଙ୍କୁ ଛୋଟରୁ ଛୋଟ ଉପହାର ଦେଲେ ସେ ତାହାର କୃତଜ୍ଞତା ଜ୍ଞାପନ କରନ୍ତି ।** ତାହାକୁ ଉପହାର ସ୍ୱରୂପ କିଛି ପ୍ରଦାନ କରନ୍ତି ନଚେତ୍ ତାହା ଘରକୁ ଯାଇ କିମ୍ବା ଚିଠି ଲେଖି କୃତଜ୍ଞତା ଜ୍ଞାପନ କରନ୍ତି । ତାଙ୍କର ଆଉ ଏକ ସୁଗୁଣ ଏହା ଥିଲା କି କୌଣସି ଦାୟିତ୍ୱ ପ୍ରଦାନ କରାଗଲେ ଯେପର୍ଯ୍ୟନ୍ତ ତାହାକୁ ସମ୍ପାଦନ କରିଦେଉ ନଥିଲେ ଶାନ୍ତିରେ ବସୁନଥିଲେ । ସେ ମାହାନ ଜ୍ଞାନୀ ଥିଲେ ଏବଂ ତାଙ୍କର ସ୍ମରଣ ଶକ୍ତି ମଧ୍ୟ ପ୍ରଖର ଥିଲା । କୌଣସି ତଥ୍ୟ ହେଉ କିମ୍ବା ପୁରୁଣା ବନ୍ଧୁଙ୍କ ସମ୍ବନ୍ଧରେ ତାଙ୍କୁ ପଚାରିଲେ ସେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରୁଥିଲେ । ପୁଣି ସେ କହୁଛନ୍ତି ଯେ ମୋତେ ବୁଲାବୁଲି କରିବାର ବହୁତ ସଉକ୍ ଥିଲା । ତେଣୁ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ଥାଉ ବା ନଥାଉ, ତାଙ୍କର ସ୍ୱାସ୍ଥ୍ୟ ଠିକ୍ ଥାଉ ବା ନଥାଉ ସ୍ତ୍ରୀର ଅଧିକାର ପ୍ରଦାନ କରିବା ପାଇଁ ବୁଲାବୁଲି କରାଇବା ନିମନ୍ତେ ନିଶ୍ଚିତରୂପେ ମୋତେ ବୁଲାଇବାକୁ ନେଇଯାଉଥିଲେ । ପୁଣି ମୋ ଭଉଣୀ ଲେଖୁଛନ୍ତି ଯେ ଅବ୍‌ଦୁର୍ ରହ୍‌ମାନ୍ ଅନ୍‌ଓ୍ୱର୍ ସାହେବ୍‌ଙ୍କ ସ୍ତ୍ରୀ ବତାଇଛନ୍ତି ଯେ ଅବ୍‌ଦୁର୍ ରହ୍‌ମାନ୍ ଅନ୍‌ଓ୍ୱର୍ ସାହେବ୍ ସ୍ୱପ୍ନରେ ଦେଖିଛନ୍ତି କି ତାଙ୍କ ମା'ଙ୍କ ଘର ଦରଜାରେ ଗୋଲାପର ବହୁତ ସୁନ୍ଦର ସୁନ୍ଦର ଡାଳ ମାଡ଼ିହୋଇ ରହିଛି । ଓ ସେଥିରେ ବହୁତ ସୁନ୍ଦର ଫୁଲ ଫୁଟିଛି । ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଏ ସ୍ୱପ୍ନ ତ ସତ୍ୟ ହେଲା । ପୁଣି ତାଙ୍କ ସ୍ତ୍ରୀ ଲେଖୁଛନ୍ତି ଯେ ପ୍ରତ୍ୟେକ ଆମଦାନୀରେ ସର୍ବ ପ୍ରଥମେ ଚାନ୍ଦା ପ୍ରଦାନ କରୁଥିଲେ ତାପରେ ତାହାକୁ ଆବଶ୍ୟକତା ପୂରଣ କରିବାରେ ଖର୍ଚ୍ଚ କରୁଥିଲେ । ତାଙ୍କ ସ୍ତ୍ରୀ କୁ ମଧ୍ୟ ଆମ ମା' ଙ୍କ ତରଫରୁ ବା ବାପାଙ୍କ ତରଫରୁ ଯାହାକିଛି ସମ୍ପତିର ଭାଗ ମିଳିଲା ସେଥିରୁ ସେ ସର୍ବପ୍ରଥମେ ୱସିୟତ୍ ପ୍ରଦାନ କଲେ, ହିସା ଜାଏଦାଦ୍ ପ୍ରଦାନ କଲେ । ଏବଂ ସେଥିରୁ ଯାହା କିଛି ଆମଦାନୀ ହେଉଥିଲା ତାର ମଧ୍ୟ ହିସା ଜାଏଦାଦ୍ ପ୍ରଦାନ କରୁଥିଲେ । ଓ ପୁଣି ମୋତେ ଆସି କହୁଥିଲେ ଯେ ମୁଁ ସେ ସବୁର ଚାନ୍ଦା ପଇଠ କରି ଆସିଛି । ଏହିପରି ସେ ମୋ ସମସ୍ତ ସମ୍ପତିର ଚାନ୍ଦା ପଇଠ କରିଦେଇଛନ୍ତି ଓ ମୋ ଉପରେ କୌଣସି ବୋଝ ରଖିନାହାଁନ୍ତି । ବଡ଼ ଝିଅକୁ ଘର ତିଆରି କରିଦେଲେ ଓ ତାଙ୍କର ୱସିୟତ୍ ମଧ୍ୟ ନିଜେ ପଇଠ କରିଦେଲେ ।

ମୋ ପାଖକୁ ଚିଠି ଲେଖୁଥିବା ଲୋକମାନଙ୍କ ମଧ୍ୟରୁ ଅନେକ ମୋତେ ଲେଖିଛନ୍ତି ଓ ମୁଁ ମଧ୍ୟ ଦେଖିଛି ସେ ସର୍ବଦା ଏକାଠି ରହନ୍ତି । ଆମ ବଡ଼ ଭଉଣୀ ଲେଖିଛନ୍ତି ମିର୍ଜା ଦାଉଦ ଅହେମଦ ସାହେବଙ୍କ ପତ୍ନୀ କୁହନ୍ତି ଯଦି ମୁଁ ଅହେମଦ୍ ଓ ଖୁରଶିଦ୍‌ଙ୍କୁ ଏକାଠି କୁଆଡ଼େ ଯିବାର ଦେଖେ ତେବେ ମୋତେ ଅନୁଭବ ହୁଏ କି କୌଣସି ଜମଅତି ସମସ୍ୟା ଉପୁଜିଛି । ପ୍ରତ୍ୟେକ (ପ୍ରାକୃତିକ) ବିପର୍ଯ୍ୟୟ ସମୟରେ ଅତ୍ୟନ୍ତ ସାହସ, ବୀରତ୍ୱ ଓ ବୁଦ୍ଧିମତାର ସହିତ କାର୍ଯ୍ୟ କରୁଥିଲେ । ଖିଲାଫତ୍‌ର ଆଜ୍ଞାକାରୀ ତ ଥିଲେ । ଏଠାକୁ ଗତ ଜଲସାକୁ ଆସିଥିଲେ, ଅତ୍ୟନ୍ତ ଦୁର୍ବଳ ଥିଲେ । ତାଙ୍କୁ ମୁଁ ବାଙ୍କୁଲିବାଡ଼ି ନେବାକୁ କହିବାରୁ ସେ ସଙ୍ଗେସଙ୍ଗେ ନେଇଗଲେ କି ବର୍ତମାନ ତ ଆଦେଶ ମିଳିଗଲା ତେଣୁ ନେବାକୁ ପଡ଼ିବ ।

କିଛି ବର୍ଷ ପୂର୍ବେ ମୁଁ କହିଥିଲି ନାଜିରାନ୍ (ସମସ୍ତ ନାଜିର୍) ସବୁ ଜମାଅତମାନଙ୍କୁ ଯାଇ ମୋର ସଲାମ ପହଂଚାଇଦେବେ । ତାଙ୍କ ଭାଗରେ ସିନ୍ଧ୍ (ଅଂଚଳ) ପଡ଼ିଥିଲା । ତାଙ୍କ ପତ୍ନୀ କୁହନ୍ତି ସିନ୍ଧ୍‌ରୁ ଫେରିବା ବେଳେ ଛୋଟେଇ ଛୋଟେଇ ଚାଲୁଥିଲେ, ପଚାରିବାରୁ କହିଲେ ଗୋଟିଏ ଘର ସିଡ଼ିରୁ ପଡ଼ି ଯାଇଥିଲି । ଯେତେବେଳେ ଫଜ୍‌ଲେ ଉମର୍ ଚିକିତ୍ସାଳୟରେ ଦେଖାଇଲୁ ଜଣାଗଲା ପାଦର ଛୋଟ ଆଙ୍ଗୁଳିରେ crack ଥିଲା । ଏବଂ ଅନ୍ୟ ଗୋଡ଼ର ଗୋଇଠିରେ ମଧ୍ୟ ଅଳ୍ପ ଟିକିଏ crack ଥିଲା ବା ଆଘାତ ଲାଗିଥିଲା । ସାଧାରଣ ଫ୍ୟାକ୍‌ଚର୍ ହୋଇଥିଲା । ସେ କହୁଛନ୍ତି-ମୁଁ ତାଙ୍କୁ ପଚାରିଲି କି କଣ ଆପଣଙ୍କୁ କଷ୍ଟ ହେଉନଥିଲା । ସେ ମୋତେ କହିଲେ-କଷ୍ଟ ତ ଅନୁଭବ ହେଉଥିଲା କିନ୍ତୁ **ଯେହେତୁ ଖଲିଫାଙ୍କ ନିର୍ଦ୍ଦେଶ ଥିଲା କି ପ୍ରତ୍ୟେକ ଘରେ ପହଂଚିବାର ଅଛି ତେଣୁ ୧୧ ଦିନ ପର୍ଯ୍ୟନ୍ତ ସେହି କଷ୍ଟ ସହ୍ୟ କରି ନିଜର କର୍ତବ୍ୟ ସମ୍ପାଦନ କରି ଫେରିଥିଲେ ।** ତାଙ୍କର ଜ୍ୟେଷ୍ଠ ପୁତ୍ର କୁହନ୍ତି ଚତୁର୍ଥ ଖଲିଫାଙ୍କ ହିଜରତ୍ ପରେ ହଜୁରଙ୍କର ଖୁତବା ଜୁମାର କ୍ୟାସେଟ୍ ସର୍ବପ୍ରଥମେ ଆପଣଙ୍କ ନିକଟକୁ ଆସୁଥିଲା ଏବଂ ସେ ପୂର୍ଣ୍ଣ ଆୟୋଜନର ସହିତ ସମସ୍ତଙ୍କୁ ଏକାଠି କରି ଖୁତବା ଶୁଣାଉଥିଲେ । M.T.A ଆସିବା ପରେ ଖୁତବା ଶୁଣିବାର ମଧ୍ୟ ବିଶେଷ ପ୍ରବନ୍ଧ କରୁଥିଲେ ଏବଂ ଘରର ସମସ୍ତ ସଦସ୍ୟ କିପରି ଖୁତବା ଶୁଣିନେବେ ସେଥିପ୍ରତି ସର୍ବଦା ଯତ୍ନବାନ ଥିଲେ । ଏପରିକି ଯେଉଁ ଘରମାନଙ୍କରେ କର୍ମଜୀବୀ ଓ ବାହାରେ ଚାକିରୀ କରୁଥିବା ଲୋକମାନେ ରହୁଥିଲେ ସେମାନଙ୍କ ପାଇଁ ମଧ୍ୟ ଖୁତବା ଶୁଣିବାର ବିଶେଷ ଆୟୋଜନ କରୁଥିଲେ । ଲାଉଡ୍ ସ୍ପିକର୍ ଲଗାଇ ବା ଟିଭିର ବନ୍ଦୋବସ୍ତ କରିଦେଉଥିଲେ । ଯେତେବେଳେ ସେ ଲାହୋର୍ ଗଲେ ସେଠିକାର ଗୋଟିଏ ଘଟଣା ବିଷୟରେ ତାଙ୍କର ପୁତ୍ର ଲେଖୁଛନ୍ତି ଯେ ଯେତେବେଳେ ରାତିରେ ଡାକ୍ତରଖାନା ଗଲେ ସେଠାରେ ବହୁତ ଭିଡ ଥିଲା ଓ ଆମ୍ବୁଲାନ୍‌ସ୍ ଗାଡ଼ିବାଲା ମାନେ ମନ ଇଚ୍ଛା ଟଙ୍କା ମାଗୁଥିଲେ । ସେଠାରେ ସେ ବହୁତ ଉଚ୍ଚ ସ୍ୱରରେ ଏ ଘୋଷଣା କଲେ ଯେ ସମସ୍ତ ବ୍ୟବସ୍ଥା ସଦର୍ ଅଞ୍ଜୁମନ୍ ଅହେମଦୀୟା କରିବ । ସମସ୍ତଙ୍କର ତଦ୍‌ଫିନ୍ (କବର ଦେବାର ବ୍ୟବସ୍ଥା) ରବ୍‌ୱାରେ ହେବ । ସବୁ ଯନାଜାଃ ସେଠାକୁ ନିଆଯିବ । ଇନ୍‌ଶାଅଲ୍ଲାଃ । ଯଦି କେହି ନିଜର ପିତୃସ୍ଥାନକୁ ନେବାକୁ ଚାହାଁନ୍ତି ତେବେ ତାଙ୍କ ପାଇଁ ଅନୁମତି ଅଛି । ଏପରି କହିବା ଦ୍ୱାରା ଲୋକମାନଙ୍କୁ ବହୁତ ଶାନ୍ତ୍ୱନା ମିଳିଲା । ପ୍ରତ୍ୟେକ ପିଡୀତଙ୍କ ଘରକୁ ଗଲେ, ଶହୀଦ୍‌ମାନଙ୍କ ଘରକୁ ଗଲେ । ସେମାନଙ୍କ ଘରେ ଖାଦ୍ୟର ବ୍ୟବସ୍ଥା କରାଇଲେ । ଯଦି କିଏ ରୋଜଗାରକ୍ଷମ ନଥିଲା ତେବେ ତାଙ୍କ ପାଇଁ ସେ ସବୁ ବ୍ୟବସ୍ଥା କରାଇଲେ । ସେ ସମୟରେ ବିଶେଷ ସୂତ୍ରରୁ ଏ ସୁଚନା ମିଳିଥିଲା ଯେ କିଛି ଲୋକ ତାଙ୍କ ପଛରେ ପଡ଼ିଛନ୍ତି । ତେଣୁ ତାଙ୍କର ଜୀବନକୁ ବିପଦ ଅଛି । ସେଥିଯୋଗୁ ତାଙ୍କୁ ସେଠାରୁ ଡକାଇ ନିଆଗଲା । କିନ୍ତୁ ୨୮ ମଇ ଅର୍ଥାତ୍ ଆସନ୍ତା ଯେଉଁ ଜୁମା ଥିଲା ସେ ସେଠାକୁ ପୁଣି ଗଲେ ଏବଂ ଦାରୁଲ୍ ଜିକର୍‌ରେ ଯାଇ ସେ ନିଜେ ଜୁମା ପଢ଼ାଇଲେ । ଯଦ୍ୱାରା ଲୋକମାନଙ୍କର ସାହସ ବଢ଼ିବ । ଗରିବା ଲୋକମାନଙ୍କର ବହୁତ ଧ୍ୟାନ ରଖୁଥିଲେ । ପୁରୁଣା ବନ୍ଧୁମାନଙ୍କର ବହୁତ ମଧ୍ୟ ଧ୍ୟାନ ରଖୁଥିଲେ । ତାଙ୍କ ପିଲାଦିନର ଜଣେ ସହପାଠୀ ଥିଲେ ଯିଏ ତାଙ୍କର ପାଠ ପଢ଼ାକୁ ସମ୍ପୂର୍ଣ୍ଣ କରିପାରିନଥିଲେ ଓ ଘରଘର ଯାଇ ରଙ୍ଗ ଲଗାଇବା ଓ ପେଂଟ୍ କରିବାର କାର୍ଯ୍ୟ ଆରମ୍ଭ କରିଦେଇଥିଲେ, ତାଙ୍କର ମଧ୍ୟ ବହୁତ ଧ୍ୟାନ ରଖୁଥିଲେ । ତାଙ୍କ ମୃତ୍ୟୁପରେ ତାଙ୍କ ପିଲାମାନଙ୍କର ମଧ୍ୟ ଧ୍ୟାନ ରଖିଲେ । ୧୯୮୯ ମସିହାରେ ଯେବେ ସେ ବନ୍ଦୀ ହେଲେ ତାର କାରଣ ଏହା ଥିଲା ଯେ ଖୁଦାମୁଲ୍ ଅହେମଦୀୟାର ଇଜ୍‌ତିମା ହେଉଥିଲା ଓ ସେ ସମୟରେ ମିର୍ଜା ଖୁରଶିଦ୍ ଅହେମଦ୍ ସାହେବ୍ ନାଜିରେ ଉମୁରେ ଆମା ଥିଲେ ଓ ରବ୍‌ୱାରୁ ବାହାରକୁ ଯାଇଥିଲେ । ସେ ସମୟରେ ମିର୍ଜା ଗୁଲାମ୍ ଅହେମଦ୍ ତାଙ୍କର କାଏମ୍ ମକାମ୍ (ଅସ୍ଥାୟୀ କାର୍ଯ୍ୟ ନିର୍ବାହୀ) ଥିଲେ । ମାଜିଷ୍ଟ୍ରେଟ୍ ତାଙ୍କୁ ଡାକି ନିର୍ଦ୍ଦେଶ୍ ଦେଲେ ଯେ ଇଜ୍‌ତିମା ବନ୍ଦ କରିଦିଅନ୍ତୁ । ଏଥିରେ ସେ କହିଲେ- ଆପଣମାନେ ଆମକୁ ଇଜ୍‌ତେମା କରିବା ନିମନ୍ତେ ଲିଖିତ ଅନୁମତି ଦେଇଥିଲେ । ତେଣୁ ଏବେ ଏହାକୁ ବନ୍ଦ କରିବା ପାଇଁ ଲିଖିତ ରୂପେ ଆମକୁ ଦିଅନ୍ତୁ, ଆମେ ବନ୍ଦ କରିଦେବୁ । ଏଥିରେ ମାଜିଷ୍ଟ୍ରେଟ୍ କହିଲେ- ଏହା ମୌଖିକ ନିର୍ଦ୍ଦେଶ ଅଟେ ଯେ ତୁମେ ବନ୍ଦ କର । ସେ କହିଲେ ଯଦି ଏହା ମୌଖିକ ତାହାଲେ ଆମେ ବନ୍ଦ କରିବୁ ନାହିଁ । ସନ୍ଧ୍ୟାବେଳକୁ ମିର୍ଜା ଖୁରଶିଦ୍ ଅହେମଦ୍ ସାହେବ୍ ପହଂଚିଗଲେ । ତାଙ୍କୁ ଡକାଗଲା । ସେ ମଧ୍ୟ ଏହି ଉତର ଦେଲେ । ଫଳତଃ ଯେପରିକି ମୁଁ କହିସାରିଛି ସେମାନେ କିଛିଦିନ ପାଇଁ ଜେଲରେ ବନ୍ଦୀ ହୋଇ ରହିଲେ । ତାଙ୍କ ଝିଅ କହୁଛନ୍ତି ଯେ ଆମ ଅବା ସମ୍ପୂର୍ଣ୍ଣ ରୂପେ ଚେଷ୍ଟା କରିଛନ୍ତି କି କିଭଳି ଖିଲାଫତ୍ ସହିତ ବିଶ୍ୱସ୍ତ ହୋଇରହିବେ ଓ ଆମକୁ ମଧ୍ୟ ଏହି ଶିକ୍ଷା ଦେଇଛନ୍ତି । ସେ ପୁଣି କହୁଛନ୍ତି-ଥରେ ଅବା ମୋତେ ବହୁତ ବ୍ୟାକୁଳତାର ସହିତ ଦୁଆ କରିବା ପାଇଁ କହିଲେ ଓ ଅନେକ ଦିନ ପର୍ଯ୍ୟନ୍ତ ମଧ୍ୟ କହି ଚାଲିଲେ । ମୁଁ ଜାଣିନଥିଲି ଯେ ଏହାର କାରଣ କଣ? କିନ୍ତୁ ମୁଁ ଏହା ଅଳ୍ପ କିଛି ଅନୁଭବ କରୁଥିଲି ଯେ ଖଲିଫାଙ୍କ ତରଫରୁ ଅଳ୍ପ ମାତ୍ରାରେ କିଛି ଅପ୍ରସନ୍ନତାର ମାମଲା ଅଛି, ସେଥିଯୋଗୁ ଅବାଙ୍କ ନମାଜରେ ଏତେ ବ୍ୟାକୁଳତା ଦେଖାଯାଉଥିଲା । ସେଗୁଡିକ ମୋ ଉପରେ ବହୁତ ପ୍ରଭାବ ପକାଇଛି । ତେଣୁ ମୋର ଅବସ୍ଥା ମଧ୍ୟ ସେପରି ହୋଇଗଲା ।

ଯେତେବେଳେ ଚତୁର୍ଥ ଖଲିଫାଙ୍କ ହିଜରତ୍ ହେଲା ସେତେବେଳେ ତାଙ୍କ ମାତା ଶ୍ରୀମତି ସୟଦାଃ ନସିରାଃ ବେଗମ୍ ସାହେବାଃ ଘୋର ରୋଗରେ ଆକ୍ରାନ୍ତ ହୋଇଗଲେ ଅବସ୍ଥା ସଂଙ୍କଟାପର୍ଣ୍ଣ ହୋଇଗଲା ଏବଂ ଯେଉଁ ଦିନ ରାତିରେ ହଜୁରଙ୍କ ହିଜ୍‌ରତ ହେବା ଧାର୍ଯ୍ୟ ଥିଲା ସେହିଦିନ ତାଙ୍କର ତାହା ଅନ୍ତିମ ରାତି ପରି ମନେହେଉଥିଲା । ଏପଟେ ସେ ଜମାଅତର ମାମଲାରେ ବ୍ୟସ୍ତ ଥିବା ଯୋଗୁଁ ନିଜ ମାତାଙ୍କୁ ଦେଖିବାକୁ ମଧ୍ୟ ପହଂଚି ପାରିନଥିଲେ ।

ସେହିପରି ପଂଚମ ଖିଲାଫତ୍ ସମୟରେ ଅର୍ଥାତ୍ ମୋ ସହିତ ମଧ୍ୟ ସର୍ବଦା ଆଜ୍ଞାବହ ଓ ବିଶ୍ୱସ୍ତତାର ସମ୍ପର୍କ ବାନ୍ଧି ରଖିଥିଲେ । ବରଂ ତାଙ୍କ ପୁଅ ତାଙ୍କୁ ପଚାରିବାରୁ ସେ ଏହା କହିଲେ ଯେ ତୁମେ ଦେଖୁନାହଁ ଖିଲାଫତ୍‌ର ସତ୍ୟତାକୁ । ଯେ କିଭଳି ଅଲ୍ଲାଃତାଲାଙ୍କ ସାହାଯ୍ୟ ଓ ସହଯୋଗ ପଂଚମ ଖଲିଫାଙ୍କ ସହିତ ରହିଛି । ତାଙ୍କର ଆଉଜଣେ ପୁତ୍ର ଲେଖୁଛନ୍ତି ଯେ ଆମକୁ ନମାଜ ପାଇଁ ଜଗାଉଥିଲେ । ସାଧାରଣତଃ ଟିକେ କଡ଼ା ମିଜାଜ୍‌ର ଥିଲେ । କିନ୍ତୁ ଶେଷ ଦିବସ ଗୁଡିକରେ ଏତେ ଦରଦର ସହିତ ଜଗାଉଥିଲେ ଯେ ପ୍ରେମ ଭାବ ସ୍ପଷ୍ଟ ବାରିହୋଇଯାଉଥିଲା । ତାଙ୍କ ପାଖକୁ ଏବଂ ତାଙ୍କ ସ୍ତ୍ରୀ ଙ୍କ ପାଖକୁ ଖଲିଫା ମାନଙ୍କର ଯେଉଁ ଚିଠି ଆସୁଥିଲା ସେ ବିଷୟରେ ତାଙ୍କର ପୁଅ କହୁଛନ୍ତି ସେହି ସମସ୍ତ ଚିଠିଗୁଡିକୁ ଖାତା ରୂପେ ତିଆରି କରି ଏବଂ ଫାଇଲ୍ ରୂପେ ପ୍ରସ୍ତୁତ କରି ଆମ ସମସ୍ତଙ୍କୁ ପ୍ରଦାନ କଲେ ଯେ ଏହା ହେଉଛି ଆମ ବୟସର ସମ୍ପତି । ତେଣୁ ଏହି ଚିଠିଗୁଡିକୁ ନିଜ ପାଖରେ ରଖିବ ।

ମିର୍ଜା ଅନସ୍ ଅହେମଦ୍ ସାହେବ କୁହନ୍ତି-ଯେତେବେଳେ ତାଙ୍କର ମୃତ୍ୟୁ ହେଲା ମୁଁ ସେତେବେଳେ ସ୍ୱପ୍ନ ଦେଖିଥିଲି ଯେ ଭାଇ ଖୁରଶିଦ୍ ଏବଂ ମିଆଁ ଅହେମଦ୍ ଅଲ୍ଲାଃତାଲାଙ୍କ ନିକଟକୁ ଚାଲିଯାଇଛନ୍ତି ଏବଂ ସେମାନଙ୍କର ସାକ୍ଷାତ୍ ଆଁ ହଜରତ୍ ସ:ଆ:ସ ଓ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ହେଉଅଛି ଏବଂ ପୁଣି କହୁଛନ୍ତି ଯେ ସେ ସମୟରେ ସ୍ୱପ୍ନରେ ମୋ ମନରେ ଏ ଇଚ୍ଛା ହେଲା ଯେ ଅଲ୍ଲାଃତାଲା କରନ୍ତୁ ମୋର ମଧ୍ୟ ସାକ୍ଷାତ୍ ଏହିପରି ହେଉ । ତେଣୁ ମୁଁ କହିଲି ହେ ଅଲ୍ଲାଃ! ମୋତେ ମଧ୍ୟ ନିଜ ନିକଟକୁ ଡାକି ନିଅନ୍ତୁ । ଏଥିରେ ଅଲ୍ଲାଃତାଲା କହିଲେ ତୁମେ ଆଗକୁ ଆସିଯାଅ । ପୁଣି କହୁଛନ୍ତି-ମିଆଁ ଅହେମଦଙ୍କ ସହିତ ମୋର ବହୁତ ପୁରୁଣା ସମ୍ପର୍କ ଥିଲା ଓ ଆମେ ପାଖାପାଖି ସମ ବୟସ୍କ ଥିଲୁ । ତାଙ୍କ ପୁନ୍ୟ ଗୁଡିକ ଯେତେବେଳେ ମୁଁ ଦେଖୁଥିଲି ବହୁତ ଲଜ୍ଜିତ ହୋଇଯାଉଥିଲି ଯେ ଅଲ୍ଲାଃତାଲା ମୋତେ ମଧ୍ୟ ଏପରି ଅବସର ଦିଅନ୍ତୁ । ପୁଣି ସେ କହୁଛନ୍ତି ଯଦି କେବେ କୌଣସି କଥାରେ ସେ ମୋ ଠାରୁ ନାରାଜ ହୋଇଯାଉଥିଲେ ସବୁବେଳେ ପ୍ରଥମେ ସେ ମୋତେ କ୍ଷମା ମାଗୁଥିଲେ । **କ୍ଷମା କରିବାରେ ସେ ସର୍ବଦା ପ୍ରଥମେ ବାଜିମାରି ନେଉଥିଲେ । ତାଙ୍କର ବ୍ୟାକୁଳ ହୋଇ ନମାଜ ପଢିବା ଦେଖି ମୋତେ ସର୍ବଦା ଈର୍ଷା ହୁଏ ।** ସେ ଅତ୍ୟନ୍ତ ଜ୍ଞାନୀ ଓ କର୍ତବ୍ୟପରାୟଣ ବ୍ୟକ୍ତିତ୍ୱ ଥିଲେ । ପାଂଚବେଳା ନମାଜ ପାଠ ନିମନ୍ତେ ମସଜିଦ୍‌କୁ ଯିବା, ଅଭାବି ଲୋକମାନଙ୍କ ସାହାଯ୍ୟ କରିବା, ନିଜ ସାମର୍ଥ୍ୟକୁ ଅଲ୍ଲାଃଙ୍କ ମାର୍ଗରେ ବିନିଯୋଗ କରିବାର ସେ ସୁନାମ ଅର୍ଜନ କରିଛନ୍ତି ।

ଚୌଧରୀ ହମିଦୁଲ୍ଲାଃ ସାହେବ ମଧ୍ୟ ଏହା ହିଁ ଲେଖିଛନ୍ତି କି ସେ ପରିସ୍ଥିତିକୁ ବୁଝିବାରେ ବିଚକ୍ଷଣ, ଉତମ ପରାମର୍ଶଦାତା ଓ ତାଙ୍କର ରାଏ ନିଷ୍ପତିପୂର୍ଣ୍ଣ ହେଉଥିଲା । ଜମାଅତର ପତ୍ରିକା ଓ ଇତିହାସ ସମ୍ବନ୍ଧରେ ଗଭୀର ଜ୍ଞାନ ଥିଲା । ଯେତେବେଳେ ବି ଅବସର ଆସେ ସିଲ୍‌ସିଲାର ଖିଦ୍‌ମତ୍ କରିବା ପାଇଁ ସେ ଆଗରେ ରହୁଥିଲେ । ୧୯୭୪ ମସିହାର ଫସାଦ୍ ସମୟରେ ଅନେକ ମାସ ପର୍ଯ୍ୟନ୍ତ ହଜରତ୍ ଖଲିଫତୁଲ୍ ମସିହ୍ ସାଲିସ୍‌ଙ୍କର ପୂର୍ଣ୍ଣ ସହଯୋଗ କରିଥିଲେ । ହଜରତ୍ ଖଲିଫା ସାଲିସ୍ ଯେତେବେଳେ ବାହାର ଦେଶଗୁଡ଼ିକୁ ଗସ୍ତରେ ଯାଆନ୍ତି ସେତେବେଳେ ସେ ସାଙ୍ଗରେ ରହୁଥିଲେ । ଥରେ ମଜଲିସ୍ ଖୁଦାମୁଲ୍ ଅହେମଦୀୟା ମର୍କାଜିଆର ପ୍ରତିନିଧିରୂପେ ହଜୁରଙ୍କ ୱଫଦ୍‌ରେ ସାମିଲ୍ ହେଲେ ।

କାଦିଆନ୍‌ର ଜଣେ କାର୍‌କୁନ୍ ଅକ୍‌ରମ୍ ସାହେବ୍ ଲେଖୁଛନ୍ତି ଯେ ମୁଁ ମିର୍ଜା ଖୁରଶିଦ୍ ଅହେମଦ୍ ସାହେବ୍‌ଙ୍କ ମୃତ୍ୟୁରେ ତାଙ୍କୁ ସମ୍ବେଦନ ଜଣାଇଲି । ସେ ଅତି ଦରଦର ସହିତ ମୋତେ କହିଲେ-ମୋ ପାଇଁ କାଦିଆନ୍‌ରେ ନିଜେ ଦୁଆ କରନ୍ତୁ ଓ ଅନ୍ୟ ବୟଜେଷ୍ଠ ବ୍ୟକ୍ତିମାନଙ୍କୁ ମଧ୍ୟ ଦୁଆ ପାଇଁ କହିବେ । କାରଣ ମିଆଁ ଖୁରଶିଦ୍‌ଙ୍କ ମୃତ୍ୟୁ ପରେ ମୁଁ ନିଜକୁ ଏକୁଟିଆ ଅନୁଭବ କରୁଛି । ଅଲ୍ଲାଃତାଲା ମୋତେ ଏହି ନୂଆ ଦାୟିତ୍ୱକୁ ତୁଲାଇବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ସେ ଯେତେବେଳେ କାଦିଆନ୍ ଗସ୍ତରେ ଆସନ୍ତି ଦରଦ୍ୱେଶମାନଙ୍କ ଘରକୁ ଯାଆନ୍ତି । ଓ ସେହିପରି ଦରଦ୍ୱେଶଙ୍କ ସ୍ତ୍ରୀ ଓ ୟତିମ୍ ମାନଙ୍କର ସେବା କରିବା ପାଇଁ ଚେଷ୍ଟା କରନ୍ତି । ମକାମାତେ ମୋକଦସା (ପବିତ୍ର ସ୍ଥାନ) ସମ୍ବନ୍ଧରେ ବହୁତ ଜ୍ଞାନ ରଖୁଥିଲେ । ଅକ୍‌ରମ୍

ସାହେବ୍ ପୁଣି ଲେଖୁଛନ୍ତି ଯେ କାଦିଆନ୍ ପହଂଚି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯେଉଁଠାରେ ଦୁଆ କରୁଥିଲେ । ଅଧିକାଂଶ ସମୟ ସେଠାରେ ଛିଡ଼ା ହୋଇ ପ୍ରାର୍ଥନା କରନ୍ତି । ଏବଂ ମୋତେ ମଧ୍ୟ ଉପଦେଶ ଦେଉଥିଲେ ଯେ ଆପଣ ବହୁତ ସୌଭାଗ୍ୟଶାଳୀ । କାରଣ ଏହି ପବିତ୍ର ସ୍ଥାନରେ ଆପଣମାନେ ରହୁଛନ୍ତି । ସେଥିଯୋଗୁ ଏଠାରେ ବହୁତ ଦୁଆ କରନ୍ତୁ । ଖୁଦାମୁଲ୍ ଅହେମଦୀୟାର ସଦର୍ ରୂପେ ବହୁତ ଖିଦ୍‌ମତ୍ କରିଛନ୍ତି । ପ୍ରତ୍ୟେକ ସ୍ଥାନର ଖୁଦାମ୍ ମାନଙ୍କ ନିକଟରେ ପହଂଚିଛନ୍ତି । (ମୁବଶିର୍) ଗୋନ୍ଦଲ୍ ସାହେବ୍ ମଧ୍ୟ ଲେଖିଛନ୍ତି ଯେ ଥରେ ତାଙ୍କର ସିନ୍ଦ୍ ପ୍ରଦେଶର ଗସ୍ତ ଥିଲା । କିଛି ସ୍ଥାନରେ ଯାତ୍ରା ପାଇଁ ସାଧନ ନଥିଲା । କାର୍ ଇତ୍ୟାଦି ମଧ୍ୟ ନଥିଲା । ତେଣୁ ପାଦରେ ଜଙ୍ଗଲ ଭିତରେ ଚାଲି ଚାଲି ଖୁଦାମ୍ ମାନଙ୍କ ନିକଟରେ ପହଂଚିଲେ । ଯାହାର ପ୍ରଭାବ ଖୁଦାମ୍‌ଙ୍କ ଉପରେ ବହୁତ ପଡ଼ିଲା ଯେ ସେମାନେ ଏପର୍ଯ୍ୟନ୍ତ ମନେ କରୁଛନ୍ତି ।

ସେହିପରି ଇସ୍‌ଫନ୍ଦ୍ ୟାର୍ ମୁନୀବ୍ ସାହେବ୍ ଯିଏ ଇତିହାସ ବିଭାଗର ଇନ୍‌ଚାର୍ଯ୍ ଅଛନ୍ତି ସେ ଲେଖୁଛନ୍ତି ଯେ ଅହେମଦୀୟତ୍ ଇତିହାସ ଲେଖିବା ପାଇଁ ବିଶେଷ ରୂପେ ସେ ବହୁତ ସାହାଯ୍ୟ କରିଥିଲେ । ମଶୱରତି ପ୍ୟାନେଲ୍‌ର ସଦସ୍ୟ ଥିଲେ । ଅତ୍ୟନ୍ତ ସୁକ୍ଷ୍ମ ଦୃଷ୍ଟିରେ ଇତିହାସର ପାଣ୍ଡୁଲିପି ଗୁଡିକୁ ଅନୁଧ୍ୟାନ କରନ୍ତି ଓ ଅତ୍ୟନ୍ତ ମୁଲ୍ୟବାନ୍ ଉପଦେଶ ଦେଇ ମାର୍ଗଦର୍ଶନ କରାନ୍ତି । ଜମାତ୍‌ର ଇତିହାସର ଘଟଣାବଳୀ ହେଉ ବା ଅନ୍ୟ କୌଣସି ବିଭାଗର ହେଉ, ସବୁଗୁଡିକ ଭଲଭାବେ ଜାଣିଥିଲେ । ମହମ୍ମଦ୍ ଦୀନ୍ ନାଜ୍ ସାହେବ୍ ଆଡିଶିନାଲ୍ ନାଜିର୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ତାଲିମୁଲ୍ କୁର୍‌ଆନ୍ କହୁଛନ୍ତି-ଯେତେବେଳେ ସେ ନାଜିରେ ଆଲା ହେଲେ ମୁଁ ତାଙ୍କ କକ୍ଷ ଭିତରକୁ ଗଲି । ସେତେବେଳେ ସେ ଉଲିଆର ଚଉକି ଉପରେ ବସିଥିଲେ । ଏବଂ ତାଙ୍କର ଅବସ୍ଥା ଏପରି ଥିଲା ଯେ ଆଖିରୁ ଅଶ୍ରୁ ବହୁଥିଲା । ପ୍ରାର୍ଥନାରେ ପରିପୁର୍ଣ୍ଣ ଚେହେରା ଥିଲା । ଏବଂ ବହୁତ ମଗ୍ନରେ ବସିଥିଲେ ଓ ମୋତେ ବଡ଼ ବିନମ୍ରତାର ସହିତ କହିଲେ ଯେ ମୋ ପାଇଁ ଦୁଆ କରିବେ ।

ଜାହିଦ୍ କୁରେସି ସାହେବ କହୁଛନ୍ତି ଯେ ଯେତେବେଳେ ସେ ଖୁଦାମୁଲ୍ ଅହେମଦୀୟାର ସଦର୍ ଥିଲେ ଲାହୋର୍‌ର କାଏଦ୍ ସାହେବ୍ ଖୁଦାମୁଲ୍ ଅହେମଦୀୟା ମୋତେ କୌଣସି କାମ ପାଇଁ ତାଙ୍କୁ ପାଖକୁ ପଠାଇଲେ । ମୁଁ ଏୱାନେ ମେହ୍‌ମୁଦ୍‌ରେ ସାକ୍ଷାତ୍ କରିବା ପାଇଁ ଦଫ୍‌ତର୍ ଗଲି । ଏବଂ ଜରୁରୀ କାଗଜପତ୍ର ତାଙ୍କୁ ଦେଲି । ଗରମର ଋତୁ ଥିଲା ଓ ଦ୍ୱିପ୍ରହରର ସମୟ ଥିଲା । କାଗଜଗୁଡିକ ନେବା ପରେ ମୋତେ କହିଲେ-ଆପଣ ଖାଦ୍ୟ ଖାଇସାରିଛନ୍ତି କି ? ମୁଁ କହିଲି ଏବେ କାମ ସାରି ଦାରୁଲ୍ ଜିଆଫତ୍‌ରେ ଯାଇ ଖାଇବି । ସେ କହିଲେ ନାଁ ମୋ ସହିତ ଚାଲନ୍ତୁ । କିଛି ସମୟ ଏଠାରେ ବସନ୍ତୁ । ଏବେ ସବୁ ବ୍ୟବସ୍ଥା ହୋଇଯିବ । ପୁଣି ସେ କହୁଛନ୍ତି ମୁଁ ଭାବିଲି ଯେ ଏଠାରେ ଏୱାନେ ମେହ୍‌ମୁଦ୍‌ଠାରେ ବ୍ୟବସ୍ଥା ବୋଧେ ହେବ । ଅଳ୍ପ ସମୟ ପରେ ବାହାରକୁ ଆସିଲେ । ନିଜର ସାଇକେଲ୍ ବାହାର କଲେ ଓ କହିଲେ ମୋ ପଛରେ ବସ । ମଁ ରାସ୍ତାରେ କହିଲି ଯେ ଏ ରାସ୍ତାରେ ଦାରୁଲ୍ ଜିଆଫତ୍ ଆସୁଛି ତେଣୁ ମୁଁ ସେଠାକୁ ଚାଲିଯିବି । ସେ କହିଲେ ନା ମୋ ପଛରେ ବସିରୁହ । ଭୀଷଣ ଗରମରେ ସାଇକେଲ୍ ଚଳାଇ ନିଜ ଘରକୁ ନେଇଗଲେ ଓ ତାଙ୍କ ଘରେ ମୋତେ ଖାଦ୍ୟ ଖୁଆଇ ସାରିବା ପରେ ଛାଡ଼ିଲେ । ଯେତେବେଳେ ଖୁଦାମୁଲ୍ ଅହେମଦୀୟାର ସଦର ଥିଲେ ପ୍ରତ୍ୟେକ ଖାଦିମ୍‌ଙ୍କ ସହିତ ତାଙ୍କର ନିଜି ସମ୍ପର୍କ ଥିଲା ।

ଏହିପରି ଅନେକ ଲୋକ ଲେଖିଛନ୍ତି ଯେ ଆମେ ତାଙ୍କଠାରୁ ବହୁତ କାର୍ଯ୍ୟର ଶୈଳୀ ଶିଖିଛୁ । ଡାକ୍ତର ସୁଲ୍‌ତାନ୍ ମୁବଶିର୍ ମଧ୍ୟ ଲେଖୁଛନ୍ତି ଯେ ସେ ତାଙ୍କଠାରୁ ବହୁତ ପ୍ରକାର କାର୍ଯ୍ୟ କରିବାର ଶୈଳୀ ଶିଖିଛନ୍ତି । ତାଙ୍କୁ ବହୁତ ଗଭୀରରେ ଯାଇ କାମ କରିବାର ଅଭ୍ୟାସ ଥିଲା । ପୁଣି ଡାକ୍ତର ସାହେବ୍ ଲେଖୁଛନ୍ତି ଯେ ୧୯୮୪ ମସିହା ଅର୍ଡିନାନ୍‌ସ ପରେ ଓ୍ୱଫା କି ଶରଇ ଅଦାଲତରେ ଯେଉଁ ଅପିଲ୍ କରାଯାଇଥିଲା ତା ବ୍ୟବସ୍ଥାର ଦାୟିତ୍ୱକୁ ମିଆଁ ଅହେମଦ୍ ସାହେବ୍ ତୁଲାଉଥିଲେ । ସେ କହୁଛନ୍ତି ମୋର ମନେଅଛି ଯେ ମିଆଁ ସାହେବ୍ ଅଚାନକ ଏୱାନେ ମେହ୍‌ମୁଦ୍, ଯେଉଁଠି ମୁଁ ବ୍ୟାଡ୍‌ମିଟନ୍ ଖେଳୁଥିଲି, ସେ ନିଜେ ସେଠାରେ ପହଂଚି ମୋତେ କହିଲେ ଯେ ଲାହୋର୍ ଅଦାଲତରେ ପୁସ୍ତକ ଗୁଡିକର ଆବଶ୍ୟକ ଅଛି ତେଣୁ ଏଠି ଲାଇବ୍ରେରିରୁ ନେଇଯିବାକୁ ହେବ । ତେଣୁ ଏହା ଆପଣଙ୍କର ଦାୟିତ୍ୱ ଅଟେ ଯେ ସେଠାକୁ ନେଇଯାଆନ୍ତୁ । ଏବଂ ଯେଉଁ ପୁସ୍ତକ ଗୁଡିକର ଆବଶ୍ୟକ ହେଉଥିଲା ସେଗୁଡିକ ଲାହୋର୍‌ରୁ ଫୋନ୍ ମାଧ୍ୟମରେ ଲେଖାଇ ଦିଆଯାଏ । ଏବଂ ପୁଣି ଲାଇବ୍ରେରିରୁ କାର୍ଯ୍ୟକର୍ତାଙ୍କ ସହିତ ନିଜେ ମଧ୍ୟ ଚେଷ୍ଟା କରି ସେହି ପୁସ୍ତକ ଗୁଡିକୁ ବାହାର କରୁଥିଲେ । ନିଜେ ବସି କାମ କରିବା ତାଙ୍କର ଅଭ୍ୟାସ ଥିଲା । ଅନାଥ ଓ ବିଧବାମାନଙ୍କ ପ୍ରତି ଯତ୍ନବାନ ଥିଲେ । ଡାକ୍ତର୍ ସାହେବ୍ ପୁଣି କହୁଛନ୍ତି- ଆଜି ମଧ୍ୟ ମୋ ପାଖକୁ ଆଉଟ୍ ଡୋର୍‌ରେ ଜଣେ ମହିଳା ବୁଶ୍‌ରା ସାହିବା ଯିଏ ରବ୍‌ୱା ନିବାସୀ ଥିଲେ, ଆସିଲେ । ମଧୁମେହ ଓ ରକ୍ତଚାପର ରୋଗୀ ଥିଲେ । ତାଙ୍କର ଅବସ୍ଥା ଦେଖି ମୁଁ ତାଙ୍କୁ କହିଲି ଯେ ଖୁଦାଙ୍କ ଫଜଲ୍‌ରୁ ବର୍ତମାନ ଆପଣ ବହୁତ ଭଲ ଅଛନ୍ତି ଓ ନର୍ମାଲ ଅଛନ୍ତି । ଏହା ଶୁଣି ସେ କାନ୍ଦି ପକାଇଲେ । ମୁଁ ଯେତେବେଳେ ତାଙ୍କୁ ଦେଖିଲି ସେ ବହୁତ ଦୁଃଖଭରା କଣ୍ଠରେ କହିଲେ ଯେ ହଁ ଡାକ୍ତର୍ ସାହେବ୍, ମଧୁମେହ ତ ଠିକ୍ ହୋଇଯାଇଛି । କିନ୍ତୁ ମୋର ମାଗଣା ଚିକିତ୍ସା କରାଉଥିବା ସେହି ଦୁଇଜଣ ହଜ୍‌ରତ୍ ମିର୍ଜା ଖୁର୍‌ଶିଦ୍ ଅହେମଦ୍ ସାହେବ୍ ଏବଂ ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍ ଏ ସଂସାର ଛାଡ଼ି ଚାଲିଗଲେ । ପୁଣି ସେ କହୁଛନ୍ତି ମୁଁ ତାଙ୍କୁ ଶାନ୍ତ୍ୱନା ଦେଲି ଯେ ଜମାତି ନିଜାମ ଅନ୍ତର୍ଗତ ଏହି ଉପଚାର ଜାରି ରହିବ । କିନ୍ତୁ ସେ ବହୁତ ମନେ ପକାଇ କାନ୍ଦୁଥିଲେ ।

ଅତାଉଲ୍ ମୁଜିବ୍ ରାଶିଦ୍ ସାହେବ୍ ଇମାମ୍ ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍ କହୁଛନ୍ତି ଯେ ୧୯୭୩ ମସିହାର ଶେଷରେ ଯେତେବେଳେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅ ମୋତେ ମଜ୍‌ଲିସ୍ ଶୁରା ଖୁଦାମୁଲ୍ ଅହେମଦୀୟାର ମସୁରା ପରେ ସଦର୍ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ମର୍କଜିଆ ରୂପେ ନିଯୋଜିତ କଲେ ସେତେବେଳେ ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍ ନାଏବ୍ ସଦର୍ ଥିଲେ । ମୁଁ ମଧ୍ୟ ତାଙ୍କୁ ନିଜ ଆମେଲାରେ ତାଙ୍କର ବ୍ୟାପକ ଅନୁଭୁତି ଯୋଗୁ ନାଏବ ସଦର ରୂପେ ସୁପାରିଶ୍ କଲି । ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍ ନିଜର ଜ୍ଞାନ, ଅନୁଭୁତି, ବୟସ ଓ ପଦମର୍ଯ୍ୟାଦା ଅନୁସାରେ ମୋ ଠାରୁ ବହୁତ ସିନିୟର୍ ଥିଲେ । କିନ୍ତୁ ଯେତେବେଳେ ଆପଣଙ୍କୁ ନାଏବ୍ ସଦର୍ ରୂପେ ନିଯୋଜିତ କରାଗଲା ତେବେ ଅତଲ୍ ମୁଜିବ୍ ସାହେବ୍ ଲେଖୁଛନ୍ତି ଯେ ସେ ଅତ୍ୟନ୍ତ ବିନମ୍ରତାର ସହିତ ପ୍ରତ୍ୟେକ କାର୍ଯ୍ୟରେ ପୁର୍ଣ୍ଣ ସହଯୋଗ କଲେ । ଏବଂ କୌଣସି ସ୍ଥାନରେ ତିଳେମାତ୍ର ଏହା ପ୍ରକାଶ କରିବାକୁ ଦେଲେନାହିଁ ଯେ ସେ ମୋଠାରୁ ବହୁତ ସିନିୟର୍ ଅଛନ୍ତି ବୋଲି ।

ଜଣେ ଶାହିଦ୍ ଅବା ସାହେବ୍ ମାଲେସିୟାରୁ ଲେଖୁଛନ୍ତି ଯେ ୨୦୦୫ ମସିହାରେ ମୁଁ ବୟତ୍ କଲି । ଏବଂ ମର୍କଜ୍ ଦର୍ଶନ ନିମନ୍ତେ ଗଲି । ତେବେ ଦଫ୍‌ତର୍‌ରେ ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍ ପହଂଚୁଥିଲେ । ସେତେବେଳେ ମୋର ଜଣେ ସାଥି ମୁଅଲ୍ଲିମ୍ ଦାନିଆଲ୍ ସାହେବ୍ ମୋତେ କହିଲେ ଯେ ଏ ହେଉଛନ୍ତି ଖଲିଫାଏ ଓ୍ୱକ୍ତ ଙ୍କର ବହୁତ ନିକଟ ସମ୍ପର୍କୀୟ ବ୍ୟକ୍ତି । ତେଣୁ ତାଙ୍କୁ ଦୁଆ ପାଇଁ କୁହନ୍ତୁ । ସେ କହୁଛନ୍ତି ମୁଁ ତାଙ୍କ ପାଖକୁ ଗଲି ଏବଂ କହିଲି ଯେ ମୁଁ ସିହା ଫିର୍‌କାରୁ ଜମାତ୍ ଅହେମଦୀୟାରେ ଦାଖଲ ହୋଇଛି । ତେଣୁ ମୋ ପାଇଁ ଦୁଆ କରନ୍ତୁ । ସେ ମୋ ସହିତ କାନ୍ଧ ମିଳାଇଲେ । ଓ ମୋ ହାତକୁ ଦୃଢ଼ତାର ସହିତ ଧରିଲେ । ଏବଂ ବହୁତ ଜୋସ୍‌ର ସହିତ କହିଲେ ଯେ ମୁଁ ଆପଣଙ୍କୁ ଗୋଟିଏ ଏପରି ଅସ୍ତିତ୍ୱ ସମ୍ପର୍କରେ ବତାଇବି ଯାହାଙ୍କୁ ମୁଁ ନିଜେ ଦୁଆ କରିବା ପାଇଁ ଦରଖାସ୍ତ କରୁଅଛି । ମୁଁ ପଚାରିଲି ସେ ବ୍ୟକ୍ତି କିଏ । ସେ କହିଲେ- ସେ ହେଉଛନ୍ତି ଖଲିଫାଏ ଓ୍ୱକ୍ତ୍ ଏବଂ ପୁଣି କହିଲେ ଯେ ଖଲିଫାଏ ଓ୍ୱକ୍ତ୍‌ଙ୍କୁ ଦୁଆ କରିବା ପାଇଁ ଲେଖନ୍ତୁ । ଏହି ନୌମୁବାଏ ଜଣକ କହୁଛନ୍ତି ଯେ ମୁଁ ତାଙ୍କ ଆଖିରେ ଖଲିଫାଏ ଓ୍ୱକ୍ତ୍‌ଙ୍କ ସହିତ ଥିବା ଯେଉଁ ପ୍ରେମ ଓ ଜୋସ୍ ଦେଖିଥିଲି ସେହି ସମୟର ଘଟଣା ମୋ ଆଖି ଭିତରେ ନକ୍‌ସା ହୋଇ ରହିଯାଇଛି ।

ଅଞ୍ଜୁମ୍ ପର୍‌ବେଜ୍ ସାହେବ୍ ଯିଏ ଏଠିକାର ଆରବୀ ଡେସ୍କ୍‌ର ମୁରବୀ ଅଛନ୍ତି ସେ ଲେଖୁଛନ୍ତି ଯେ ଚୌଧୁରୁ ମୁହମ୍ମଦ୍ ଅଲ୍ଲୀ ସାହେବ୍ ବତାଇଲେ ଯେ ଦିନେ ଦ୍ୱିପ୍ରହରେ ଭୀଷଣ ଗରମରେ ମିଆଁ ଅହେମଦ୍ ସାହେବ୍ ସାଇକେଲ୍‌ରେ ବସି ଜଣକୁ ଖୋଜୁଥିଲେ ଯିଏ ଘର ରଙ୍ଗ କରୁଥିବା ବ୍ୟକ୍ତି ଥିଲା । ସେ ପଚାରିଲେ ଏତେ ଗରମରେ କାହାକୁ ଖୋଜୁଛ ? ମିଆଁ ସାହେବ୍ କହିଲେ-ସେ ଲୋକକୁ ମୁଁ ଖୋଜୁଛି, ଯାହାକୁ ମୁଁ ଭୁଲ୍‌ରେ ହୋମିଓପାଥିକ୍ ଔଷଧ ଦେଇଦେଇଛି । ଏବେତାକୁ ଖୋଜୁଛି ଯେ କାଳେ ସେ ଔଷଧକୁ ଖାଇନେବେ । ତେଣୁ ମୁଁ ଠିକ୍ ଔଷଧ ତାଙ୍କ ପାଖରେ ପହଂଚାଇବି । ସେଥିଯୋଗୁ ମୁଁ ତାଙ୍କୁ ଖୋଜୁଛି । କିନ୍ତୁ ସେ ମୋତେ ବର୍ତମାନ ମିଳୁନାହାଁନ୍ତି ।

ସେହିପରି ଯେଉଁ ସବୁ କର୍ତବ୍ୟ ଓ ଅନେକ ଯାଗାରେ ଯେଉଁ ସେବା ତାଙ୍କ ଦାୟିତ୍ୱରେ ଥିଲା ସେଗୁଡିକୁ ବହୁତ ସୁନ୍ଦର ରୂପେ ତୁଲାଉଥିଲେ । ବହୁତ ଗୁଡିଏ ଘଟଣା ଲୋକମାନେ ଲେଖିଛନ୍ତି । ସେହିପରି ତାଙ୍କ ସାଥିରେ ଯେଉଁମାନେ ଦଫ୍‌ତର୍‌ରେ କାମ କରୁଥିଲେ ସେମାନେ କହୁଛନ୍ତି ଯେ ସେ ଅତ୍ୟନ୍ତ ସ୍ନେହ ଓ ନମ୍ରତାର ସହିତ କାମ କରାଉଥିଲେ । ଦୁଃଖୀ, ଅଭାବି ଓ ଅସୁବିଧାରେ ପିଡୀତ ଲୋକମାନଙ୍କୁ ସାହାଯ୍ୟ ଓ ଅନୁକମ୍ପା ପ୍ରଦାନ କରିବା ନିମନ୍ତେ ସମସ୍ତ ପ୍ରକାରର ଚେଷ୍ଟା କରୁଥିଲେ । ଅଲ୍ଲାଃ ତାଙ୍କୁ ଏଭଳି ସାମର୍ଥ୍ୟ ପ୍ରଦାନ କରିଥିଲେ କି ସଙ୍ଗେସଙ୍ଗେ ମାମଲାକୁ ବୁଝିଯାଉଥିଲେ ଏବଂ ସଙ୍ଗେସଙ୍ଗେ ଉପଯୁକ୍ତ ପଦକ୍ଷେପ ନେବାରେ ଅଭ୍ୟସ୍ତ ଥିଲେ ।

ସେହିପରି ଥରେ କିଛି ଯୁବକ ଦଫ୍‌ତର୍‌କୁ ଆସିଲେ । ଏହା ମୃତ୍ୟୁର କିଛିଦିନ ପୂର୍ବର କଥା ମର୍କଜର ସୁରକ୍ଷା ନିମନ୍ତେ ଯେଉଁ କିଛି କାର୍‌କୁନ୍ ଥିଲେ ସେମାନେ ତାଙ୍କ ସହିତ ଖରାପ ବ୍ୟବହାର ଦେଖାଇଥିଲେ । ଅର୍ଥାତ୍ ମରାମରି କରିଥିଲେ । ସେମାନେ ଅଭିଯୋଗ ନେଇ ଆସିଥିଲେ । ଜଣକୁ ବହୁତ ଅଧିକା ଆଘାତ ମଧ୍ୟ ପହଂଚିଥିଲା । ଏଥିରେ ମିଆଁ ସାହେବ୍ ତାଙ୍କୁ କହିଲେ ଯେ ତୁମେମାନେ ଡାକ୍ତରଖାନାରେ ଯାଇ ଦେହ ଦେଖାଇଲଣି କି ? ସେମାନେ କହିଲେ ନା । ଏଥିରେ ସେ କହିଲେ ପ୍ରଥମେ ଯାଇ ଉପଚାର କରନ୍ତୁ । ଆଜି ଦଫ୍‌ତର୍ ଛୁଟି ଅଛି । ଦଫ୍‌ତର୍ ଯେତେବେଳେ ଖୋଲିବ ଇନ୍‌ଶାଅଲ୍ଲାଃ ସବୁ କାରବାଇ କରିବି । ଏବଂ ଯିଏ ମଧ୍ୟ ଭୁଲ୍ କରିଛି, ସେ ଓ୍ୱହ୍‌ଦାଦାର୍ ହୋଇଥିଲେ ମଧ୍ୟ ତାକୁ ଦଣ୍ଡ ମିଳିବ । ଏବଂ ଯଥାଶିଘ୍ର କାରବାଇ କରି ପିଲାମାନଙ୍କୁ ଡାକ୍ତରଖାନା ଉପଚାର ନିମନ୍ତେ ପଠାଇଲେ ।

ନଜାରତ୍ ଦିଓ୍ୱାନ୍‌ର ଇକ୍‌ବାଲ୍ ବଶିର୍ ସାହେବ୍ ଲେଖୁଛନ୍ତି ଯେ ଯେତେବେଳେ ମିଆଁ ଅହେମଦ୍ ସାହେବ୍‌ଙ୍କୁ ନାଜର୍ ଦିଓ୍ୱାନ୍ ବନାଇ ଦିଆଗଲା ସେତେବେଳେ ଦଫ୍‌ତର୍‌ର କର୍ମୀ ବହୁତ କମ୍ ଥିଲେ । କେବଳ ଦୁଇଜଣ କ୍ଲର୍କ୍ ଥିଲେ । ଆଉ ଜଣେ ସାହାଯ୍ୟକାରୀ ଥିଲେ । କାମ ଯେତେବେଳେ ଅଧିକ ହୋଇଯାଉଥିଲା ତ ଅଧିକାଂଶ ସମୟ ଏପରି ହେଉଥିଲା ଯେ ମିଆଁ ଅହେମଦ୍ ସାହେବ୍ ଆମ ପାଖରେ ଆସି ବସିପଡୁଥିଲେ । ଏବଂ ଡାକ ଆମଦ ଓ ରଓ୍ୱାନ୍‌ଗି ଇତ୍ୟାଦି କାମ ଆମ ସହିତ ବସି କରୁଥିଲେ ।

ରିୟାଜ୍ ମେହ୍‌ମୁଦ୍ ବାଜୁଆ ସାହେବ୍ ଅବସର ପ୍ରାପ୍ତ ମୁରବୀ କହୁଛନ୍ତି ଯେ ଥରେ ମୁଁ ଦଫ୍‌ତର୍‌ରେ ବସିଥିଲି । କଥାବାର୍ତା କରିବା ସମୟରେ ମିଆଁ ସାହେବ୍‌ଙ୍କର କଥାରେ କିଛି ଟାଣପଣ ଆସିଗଲା । ସାଧାରଣତଃ ଏପରି ମଧ୍ୟ ହୋଇଥାଏ । ଏଥିରେ ମୋତେ କୌଣସି ଆଶ୍ଚର୍ଯ୍ୟ ଓ ଦୁଃଖ ନଥିଲା । ମୁଁ ଘରକୁ ଆସିଗଲି । ସନ୍ଧ୍ୟା ଯେତେବେଳେ ହେଲା ତ ଦରଜା ପାଖରେ ଶବ୍ଦ ଶୁଭିଲା । ଯେତେବେଳେ ମୁଁ ଦରଜା ଖୋଲିଲି ସମ୍ମୁଖରେ ମିଆଁ ସାହେବ୍ ଛିଡ଼ା ହୋଇଥିଲେ । ତାଙ୍କୁ ଦେଖି ବହୁତ ଆଶ୍ଚର୍ଯ୍ୟ ହେଲି । ସେ କହିଲେ ଯେ ଆଜି ଆପଣଙ୍କ ସହିତ ଦଫ୍‌ତର୍‌ରେ ଟିକେ ଟାଣ କଥା ହୋଇଥିଲି । ସେଥିଯୋଗୁ କ୍ଷମା ମାଗିବା ପାଇଁ ଆସିଛି । ମୁରବୀ ସାହେବ୍ କହୁଛନ୍ତି ତାଙ୍କର ଏପରି ବ୍ୟବହାର କରିବା ମୁଁ କଦାପି ଭାବିନଥିଲି । ସେବେଠାରୁ ମୁଁ ତାଙ୍କଦ୍ୱାରା ପ୍ରଭାବିତ । ଏହିପରି ଜଣେ ମଦଦ୍‌ଗାର୍ କାର୍‌କୁନ୍ ଲେଖିଛନ୍ତି ଯେ ମୋତେ ପ୍ରଥମେ ତାଗିଦ୍ କଲେ । ତା ପରେ କ୍ଷମା ମାଗିଲେ । ସେହିପରି ଆଉ ଗୋଟିଏ ଘଟଣା ଆଉ ଜଣେ ମଧ୍ୟ ଲେଖିଛନ୍ତି ଯେ ମୋ ସହିତଦଫ୍‌ତର୍‌ରେ କିଛି କଷ୍ଟ ହେଲା । କାରଣ ସେ ମୋତେ ଅଳ୍ପ କିଛି ତାଗିଦ୍ କରିଥିଲେ । ମୁଁ ଘରେ ବସି ଇସ୍‌ତେଗ୍‌ଫାର୍ କରୁଥିଲି । ସେ ସମୟରେ କବାଟ ଖଟ୍‌ଖଟ୍ ହେଲା । ଯେତେବେଳେ ମୁଁ ବାହାରକୁ ବାହାରିଲି ସେତେବେଳେ ସମ୍ମୁଖରେ ମିଆଁ ସାହେବ୍ ଛିଡ଼ା ହୋଇଥିଲେ । ସେ ମୋତେ କହିଲେ ଆଜି ମୁଁ ତୁମକୁ କିଛି କଡା ଶବ୍ଦରେ କହିଦେଇଥିଲି, ସେଥିଯୋଗୁ କ୍ଷମା ଚାହୁଁଛି । ତାପରେ ନିଜ କାର୍‌ରେ ବସି ଫେରିଗଲେ ।

ମୁବଶିର୍ ଅୟାଜ୍ ସାହେବ୍ କହୁଛନ୍ତି ଯେ ମୁଁ ଖାଲିଦ୍ ପତ୍ରିକାର ଏଡିଟର୍ ଥିଲି । ମେହ୍‌ମୁଦ୍ ବଙ୍ଗାଳୀ ସାହେବ୍ ମର୍‌ହୁମ୍ ଅଷ୍ଟ୍ରେଲିଆରୁ ଆସିଥିଲେ । ତାଙ୍କ ସହିତ ଇଂଟର୍‌ଭ୍ୟୁ ଥିଲା । ସେ ଗୋଟିଏ ଘଟଣା ବତାଇଲେ ଯେ ଯେତେବେଳେ ମିଆଁ ଅହେମଦ୍ ସାହେବ୍ ସଦର୍ ଥିଲେ ସେ ସମୟରେ ସେ ତର୍‌ବିୟତି କ୍ଲାସ୍ ସମୟରେ ନାଜିମ୍ ଆଲା ତର୍‌ବିୟତି କ୍ଲାସ୍ ଥିଲେ । ଯେତେବେଳେ କ୍ଲାସ୍ ଶେଷ ହେଲା ସେ ଯେତେବେଳେ ବିଲ୍ ଉପସ୍ଥାପନ କଲେ ତ ବଜେଟ୍‌ର ଖର୍ଚ୍ଚଠାରୁ ଅଧିକା କିଛ ଅଣା ମାତ୍ର ଖର୍ଚ୍ଚ ହୋଇଯାଇଥିଲା । କିଛି ଅଣାର ଅର୍ଥ ହେଉଛି ଅଳ୍ପ କିଛି ପଇସା । ସଦର୍ ସାହେବ୍‌ଙ୍କ ନିକଟରୁ ବିଲ୍ ଫେରିଆସିଲା । ଏଥିଯୋଗୁ ବିଲ୍ ରଦ୍ଦ ହୋଇଗଲା ଯେ ଏହା ପାସ୍ ହୋଇପାରିବ ନାହିଁ । ସେ କହୁଛନ୍ତି ମୁଁ ନିଜେ ତାଙ୍କ ପାଖକୁ ଗଲି ଓ କହିଲି ଯେ ଏହା କୌଣସି ବଡ଼ କଥା ନୁହଁ । କିଛି ଅଣା ଅଧିକ ହୋଇଯାଇଛି । ଏହା ତ କୌଣସି ବଡ଼ ଅର୍ଥ ନୁହେଁ । ଯଦି ଆପଣ ଦେବେନାହିଁ ତେବେ ମୁଁ ମୋ ନିଜ ପକେଟ୍ ଖର୍ଚ୍ଚରୁ ଦେଇଦେବି । ସେ କହିଲେ ଏଠାରେ ପକେଟ୍‌ରୁ ଖର୍ଚ୍ଚ କରିବାର ମାମଲା ଉଠୁନାହିଁ । ଅସଲ କଥା ହେଉଛି

ଯେ ମୁଁ ଆପଣମାନଙ୍କୁ ଏହା ବୁଝାଇବାକୁ ଚାହୁଁଛି କି ଜମାତି ଅର୍ଥଗୁଡିକୁ ଦେଖି ବୁଝି ଖର୍ଚ୍ଚ କରିବା ଉଚିତ୍ ଏବଂ ଜମାତ୍‌ର ଯେଉଁ କାଇଦା କାନୁନ୍ ଅଛି ଓ ଯେଉଁ ନିଜାମ୍ ଅଛି ତାକୁ ଅନୁସରଣ କରିବା ଉଚିତ୍ । ଯଦି ଆବଶ୍ୟକତାଠାରୁ ଅଧିକା ଖର୍ଚ୍ଚ କରିବାର ଥିଲା ତେବେ ପୂର୍ବରୁ ମଞ୍ଜୁରୀ ନେଇ ଖର୍ଚ୍ଚ କରିଥାନ୍ତେ । ବଙ୍ଗାଳୀ ସାହେବ୍ କହୁଥିଲେ ଯେ ତାଙ୍କର ଏହିପରି ଧରିବା ଯେଉଁ ଥିଲା ତାହା ମୋର ବାକି ଜୀବନରେ ବହୁତ କାମରେ ଆସିଲା । ଖିଲାଫତ୍ ସହ ତାଙ୍କର ନିବିଡ଼ତା ଅତ୍ୟନ୍ତ ଘନିଷ୍ଟ ସମ୍ପର୍କ ଥିଲା । ଏକଦା ଇଫ୍‌ତା କମିଟିରେ ଜକାତ୍ ମାମଲାରେ ତର୍କ ଚାଲିଥିଲା ଏବଂ ଇଫ୍‌ତା ଗୋଟିଏ ରିପୋର୍ଟ ପ୍ରସ୍ତୁତ କଲା । ମୋର ମନେପଡୁଛି କି ସମ୍ଭବତଃ ମୁଁ ତାହାକୁ ରଦ୍ଦ କରି କହିଥିଲି କି ପୁନଃ ବିଚାର କରନ୍ତୁ । ଅନେକ କମିଟି ପ୍ରସ୍ତୁତ କରାଗଲା ପ୍ରତ୍ୟେକ ଥର ବିଦ୍ୱାନମାନଙ୍କ ମଧ୍ୟରେ ଦିର୍ଘ ସମୟ ତର୍କ ହେବା ପରେ ମଧ୍ୟ ସେମାନେ କୌଣସି ନିଷ୍ପତିରେ ଉପନିତ ହୋଇପାରୁ ନଥିଲେ । ଶେଷରେ କମିଟିର ସଦର ତାଙ୍କୁ ସଦର କଲେ ସେତେବେଳେ ମଧ୍ୟ ବିଦ୍ୱାନମାନେ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇ ଆସିଥିଲେ କି ମୁଁ ଯେଉଁ ନିର୍ଦ୍ଦେଶ ଦେଇଛି ତାହାର ଓଲଟା ତଥ୍ୟ ରଖିବେ କିନ୍ତୁ ସେ ସେମାନଙ୍କ କଥା କିଛି ସମୟ ଶୁଣିଲେ, ମୁବଶିର ଅୟାଯ୍ ସାହେବ କୁହନ୍ତି ତାପରେ ସେ ଅତ୍ୟନ୍ତ ଜଲାଲି (ପ୍ରତାପ) ରଙ୍ଗରେ କହିଲେ ଯେତେବେଳେ ଖଲିଫାଙ୍କ ନିଷ୍ପତି ହସ୍ତଗତ ହୋଇଯାଇଛି ତେବେ ଆମେ ଏହି ବିଷୟରେ ଚିନ୍ତା ହିଁ କାହିଁ କରୁଅଛେ କି ତାହା ବିପରୀତ ମଧ୍ୟ କିଛି ହୋଇପାରିବ ଏବଂ ସମସ୍ତ ଦଲିଲ୍ ରଦ୍ଦ କରିଦେଲେ । ଏହା ଦେଖିଲେ ନାହିଁ କି କିଏ ବଡ଼ ବିଦ୍ୱାନ ଓ କିଏ କେଉଁ ସ୍ତରର । ସେ ଆହୁରି କୁହନ୍ତି ତାରିଖେ ଅହେମଦିୟତ୍, ଜମାଅତର ଘଟଣାବଳୀ ଓ ତଥ୍ୟ ପ୍ରଦାନ କରିବାରେ ଯେପରି ସେ ଏକ Encyclopedia ଥିଲେ । ଏବଂ କହୁଛନ୍ତି ଯେ ଆଜିକାଲି ମୁଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜୀବନ ଚରିତ ଲେଖୁଅଛି । ଯଦି କେଉଁଠାରେ ମୋତେ କଷ୍ଟ ଅନୁଭବ ହୁଏ ତେବେ ମୁଁ ତାଙ୍କ ପାଖକୁ ଯାଏ ଏବଂ ତାଙ୍କର ଏ ସମ୍ବନ୍ଧରେ ବହୁତ ପ୍ରାମାଣିକ ଜ୍ଞାନ ଥିଲା । ସେହିପରି କାଦିଆନ୍‌ର ପବିତ୍ର ସ୍ଥାନ ଗୁଡିକ ବିଷୟରେ ମଧ୍ୟ ବହୁତ ଜ୍ଞାନ ଥିଲା । ଯଦି କାଦିଆନ୍‌ରେ କେହି ତାକୁ କହିଦିଏ ଯେ ଆମକୁ ଏ ସ୍ଥାନ ବିଷୟରେ ଓ ଏହି ଐତିହାସିକ ଘଟଣା ବିଷୟରେ କିଛି ପରିଚୟ ଦିଅନ୍ତୁ ବୋଲି ସେ ବହୁତ ଖୁସି ଅନୁଭବ କରି ପରିଚୟ କରାଉଥିଲେ । ଥରେ ସେ ବେମାର ଥିଲେ । ଗୋଡ ମୋଡ଼ି ହୋଇଯାଇଥିଲା । କିନ୍ତୁ ପୁଣି ମଧ୍ୟ କାହାକୁ ଅନୁଭବ କରାଇଦେଲେ ନାହିଁ ଏବଂ ସମସ୍ତଙ୍କୁ ନେଇ ଘୁରି ବୁଲୁଥିଲେ । ଯେତେବେଳେ ପାହାଚରେ ଚଢ଼ିବାକୁ ଲାଗିଲେ, ମୁବଶିର୍ ଅୟାଜ୍ ସାହେବ୍ କହୁଛନ୍ତି ଯେ ଆମକୁ ଏହା ଅନୁଭବ ହେଲା ବରଂ ସେ ନିଜେ ଏକଥା ବତାଇଲେ ଯେ କଷ୍ଟ ହେଉଅଛି । ସେତେବେଳେ ଆମେ ବହୁତ ଲଜ୍ଜିତ ହେଲୁ ଯେ କାହିଁକି ଆମେ ତାଙ୍କୁ ଦୁଃଖ ଦେଲୁ ବୋଲି ।

ଏହିପରି ଅନେକ ମାମଲା ଅଛି । ଯେତେବେଳେ ମଧ୍ୟ କୌଣସି ଜମାତି ଖିଦ୍‌ମତ୍ ପାଇଁ କେଉଁଠାକୁ ମୁଁ ପଠାଇଛି ସେତେବେଳେ ସେ ଏହା ଦେଖିନାହାଁନ୍ତି ଯେ ରାସ୍ତାରେ କି କି ପ୍ରକାରର ଦୁଃଖ କଷ୍ଟ ଅଛି ବୋଲି । ଥରେ କୌଣସି ଜମାତି ମାମଲାରେ ଦୁଇ ପକ୍ଷଙ୍କ ଭିତରେ ଝଗଡ଼ା ହୋଇଯାଇଥିଲା । ସେମାନଙ୍କ ଭିତରେ ସୁଲାହ୍ କରିବା ପାଇଁ ତାଙ୍କୁ ପଠାଗଲା ଓ ରାସ୍ତା ବହୁତ ଖରାପ ଥିଲା । କାର୍ ଆଗକୁ ଯାଇପାରୁନଥିଲା । ଟ୍ରାକ୍ଟର୍ ଟ୍ରଲି ଉପରେ ମିର୍ଜା ଖୁର୍‌ଶିଦ୍ ଅହେମଦ୍ ସାହେବ୍ ଓ ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍ ମଧ୍ୟ ଦୁଇଜଣଯାକ ବସି ମୁରବୀ ମାନଙ୍କୁ ସାଥିରେ ବସାଇ ଆଗକୁ ଚାଲିଲେ । ସେ ରାସ୍ତାକୁ ଗୋଟିଏ ଏପରି ସ୍ଥାନ ଆସିଲା ଟ୍ରଲି ମଧ୍ୟ ଆଗକୁ ଯିବା ପାଇଁ ବିପଦପୁର୍ଣ୍ଣ ଥିଲା । ସେଠାରେ ସେ ଓହ୍ଲାଇଲେ । ପୁଣି ପାଦରେ ଚାଲିଚାଲି ସେ ଗାଁରେ ପହଂଚିଲେ । ମସ୍‌ଜିଦ୍‌ରେ ଡାକି ଫଇସଲା ଦେଲେ । ସେମାନେ ତାଙ୍କ ପାଇଁ ଦୁଆ କଲେ ଓ ଲୋକମାନଙ୍କୁ ମଧ୍ୟ ଏ ଅନୁଭବ ହୋଇଗଲା ଯେ ଯେତେବେଳେ ଏତେ ଦୂରରୁ ଏତେ କଷ୍ଟ ଉଠାଇ ଯାତ୍ରା କରି ଏମାନେ ଆସିଛନ୍ତି ତ ବର୍ଷ ବର୍ଷ ଧରି ଯେଉଁ ଝଗଡ଼ା ଥିଲା ଓ ତାଙ୍କର ଯେଉଁ ମାମଲା ଗୁଡିକ ଥିଲା ସେମାନଙ୍କର କୁର୍‌ବାନୀ ଓ ଦୁଆ ଯୋଗୁ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ସେଗୁଡିକର ସମାଧାନ ହୋଇଗଲା ।

ଏହିପରି ଆହୁରି ଅନେକ ଘଟଣା ଅଛି । କିନ୍ତୁ ବର୍ତମାନ ସମୟ ନାହିଁ ତାର ବର୍ଣ୍ଣନା କରିବା ପାଇଁ । ପ୍ରତ୍ୟେକ ଏହା ଲେଖିଛନ୍ତି କି କାର୍‌କୁନ୍ ମାନଙ୍କ ସହିତ ବହୁତ ସ୍ନେହରେ ମିଳୁଥିଲେ । ସେମାନଙ୍କର ଛୋଟ ଆବଶ୍ୟକତାକୁ ଧ୍ୟାନ ରଖୁଥିଲେ । ନାଏବ୍ ନାଜିର ସାହେବ ତାଲିମ୍ ଲେଖିଛନ୍ତି ଯଦି କୌଣସି ଛାତ୍ରର ଓଜିଫାର ସ୍ୱୀକୃତି କୌଣସି କାରଣରୁ ଖଲିଫାଙ୍କ ନିକଟରୁ ରଦ୍ଦ ହୋଇଯାଏ ସେଥିରେ ସେ କୁହନ୍ତି ହଜୁରଙ୍କ ତରଫରୁ ଆସିଥିବା ଆଉ କିଛି ଖୁସି ଖବର ଶୁଣାଅ ଏବଂ ଯଦି ହଜୁରଙ୍କ ତରଫରୁ ଓଜିଫା ରଦ୍ଦ ହୋଇଛି ତେବେ ଆମକୁ ତାହା ନିଜ ତରଫରୁ ଦେବା ଉଚିତ୍ ।

ଜଫର୍ ଅହେମଦ୍ ଜଫର୍ ସାହେବ୍ ମୁରବୀ ମଧ୍ୟ ଗୋଡ଼ ଫ୍ୟାକ୍‌ଚର୍ ହେବା ଘଟଣା ଲେଖିଛନ୍ତି । ସେ ଲେଖୁଛନ୍ତି ଯେ ଆମେ ମଧ୍ୟ ସାଥିରେ ଥିଲୁ । ଆମ ଗୋଡ଼ ସବୁ ଫୁଲିଗଲା । କିନ୍ତୁ ସେ ପରବାୟ କଲେ ନାହିଁ । ସଲିମ୍ ସାହେବ୍ ମଧ୍ୟ ଲେଖୁଛନ୍ତି ଯେ ଯେତେବେଳେ ମିଆଁ ସାହେବ୍ ହଜ୍‌ରତ୍ ଖଲିଫା ସାଲିସ୍‌ଙ୍କ ପ୍ରାଇଭେଟ୍ ସେକ୍ରେଟାରୀ ଥିଲେ, ଯେବେ ଡାକ ଅଧିକା ହୋଇଯାଏ, ସେ ଷ୍ଟାଫ୍ ମାନଙ୍କୁ କହୁଥିଲେ ଯେ ନିଜନିଜର ସବୁ ଡାକ ଏକାଠି କରିଦିଅ । ପୁଣି ସମସ୍ତେ ବାଂଟିନିଅ । ଏବଂ ସେଥିରୁ ନିଜ ଭାଗରେ ମଧ୍ୟ ଚିଠି ନେଉଥିଲେ । ଏବଂ ସେ କହୁଛନ୍ତି-ଆମେ ଯେଉଁ ସବୁ କ୍ଲର୍କ୍ ଥିଲୁ ଆମଠାରୁ ଅଧିକ ଡାକ ନିଜେ ପ୍ରାଇଭେଟ୍ ସେକ୍ରେଟାରୀ ରୂପେ ସେ ନେଇଯାଉଥିଲେ ଏବଂ ସେଗୁଡିକର ଉତର ଶେଷକରି ପ୍ରଥମେ ଆଣିଦେଉଥିଲେ । ଚିଠି ଲେଖିବାର ଡ୍ରାଫ୍‌ଟିଂ ଶୈଳୀ ବହୁତ ଭଲ ଥିଲା । ଏବଂ ଲେଖାଗୁଡିକ ଅତ୍ୟନ୍ତ ସୁନ୍ଦର ଥିଲା । ୱକାଲତ୍ ମାଲ୍ ସାନି ର ଜଣେ କାର୍‌କୁନ୍ ଲେଖୁଛନ୍ତି ତେହ୍‌ରିକ୍ ଯଦିଦ୍‌ର ଆମେ ଇତିହାସ ଲେଖୁଥିଲୁ । "ମାଲି କୁର୍‌ବାନୀ ଏକ୍ ତାଅରୁଫ୍" । ସେଥିରେ ଅନେକ ଭୁଲ୍ ବାହାରିଲା ଏବଂ ଶେଷରେ ଫାଇନାଲ୍ ଡ୍ରାଫ୍‌ଟିଂ କରି ୱକିଲୁଲ୍ ମାଲ୍ ସାହେବ୍ କହିଲେ ଯେ ଏହାକୁ ମିଆଁ ଅହେମଦ୍‌କୁ ଦେଇଆସ । ଏହା ଭିତରେ କିଛି ଭୁଲ୍ ଭଟ୍‌କା ଯଦି ଥିବା ତାହା ସେ ଦେଖିନେବେ । ଏଥିରେ ମୁଁ କହିଲି ଠିକ୍ ଅଛି ମିଆଁ ଅହେମଦ୍‌କୁ ଦେଇଦେବା । ୧୫୦ ରୁ ୨୦୦ ପୃଷ୍ଠା ଥିଲା । ଏତକ କାମ ୪-୫ ଦିନ ତ ଲାଗିବ ଓ ଆମକୁ ଟିକେ ଆରାମ ମିଳିଯିବ । କିନ୍ତୁ ସେ କହୁଛନ୍ତି ମୁଁ ଯେତେବେଳେ ସକାଳେ ଦଫ୍‌ତର୍ ଆସିଲି ଉକ୍ତ ପାଣ୍ଡୁଲିପି ଗୁଡିକ ଗୋଟିଏ ଲଫାଫା ଭିତରେ ଥୁଆହୋଇଥିଲା । ସେଥିରେ ଚିହ୍ନ ମଧ୍ୟ ଲଗାଯାଇଥିଲା । ସେ ରାତିସାରା ତାକୁ ପଢ଼ି ସକାଳ ଭିତରେ କାମ ଶେଷ କରି ଏଠାରେ ପହଂଚାଇ ଦେଇଥିଲେ । ଏହା ଥିଲା ତାଙ୍କର କାର୍ଯ୍ୟର ଶୈଳୀ, ଯାହାକୁ ପ୍ରତ୍ୟେକ କାର୍‌କୁନ୍ ଉଦାହରଣ ରୂପେ ନେବା ଉଚିତ୍ ।

ସଦର୍ ମଜ୍‌ଲିସ୍ କାର୍‌ପର୍‌ଦାଜ୍ ମଧ୍ୟ ଥିଲେ । ସେଠାରେ ମଧ୍ୟ ଗଭୀର ଅନୁଧ୍ୟାନର ସହିତ କାର୍ଯ୍ୟ କରୁଥିଲେ । ପୁଣି ଯେବେ ସେ ନାଜର୍ ଇସ୍‌ଲାହ୍ ଇର୍‌ଶାଦ୍ ମକାମି ଥିଲେ, ସମିଉଲ୍ଲାଃ ଜାହିଦ୍ ସାହେବ୍ ଲେଖୁଛନ୍ତି ଯେ ଦିନେ ସେ ମୋତେ କହିଲେ-ଯେତେ ମୁବଲ୍ଲିଗ୍ ମାନଙ୍କର ପରିବାର ଏଠାରେ ରହୁଛନ୍ତି ତାଙ୍କର ସୂଚୀ ପ୍ରସ୍ତୁତ କର । ସୁତରାଂ ଯେବେ ମୁଁ ତାଙ୍କୁ ସୂଚୀ ଦେଲି ସେ ନିଜ ସ୍ତ୍ରୀ ଙ୍କ ସହିତ ପ୍ରତ୍ୟେକ ପରିବାରର ଘରକୁ ଗଲେ ଏବଂ ସେମାନଙ୍କୁ କହିଲେ ଯେ ତୁମର ସ୍ୱାମୀମାନେ ମୈଦାନେ ଅମଲ୍ (କର୍ମକ୍ଷେତ୍ର) ରେ କାର୍ଯ୍ୟ କରୁଛନ୍ତି । ଯଦି ତୁମର କିଛି ଅସୁବିଧା ଅଛି, କୌଣସି ଆବଶ୍ୟକ ଅଛି ତେବେ ସେମାନଙ୍କୁ ହଇରାଣ କରିବ ନାହିଁ । ମୋତେ ଆସି ବତାଇବ ।

ଫରିଦୁର୍ ରେହ୍‌ମାନ୍ ସାହେବ୍ ଯିଏ ଏଠିକାର ତାମିଲ୍ ଓ ତନଫିଜ୍ ୱକାଲତ୍‌ର କର୍ମୀ ଅଟନ୍ତି । ସେ କହୁଛନ୍ତି ଯେ- ଚୌଧୁରୁ ମହମ୍ମଦ୍ ଅଲ୍ଲୀ ସାହେବ୍‌ଙ୍କ ପୁସ୍ତକର କମ୍ପୋଜିଂ ମୁଁ କରିଛି । ଫାଇନାଲ୍ ପାଣ୍ଡୁଲିପି ଦେଖାଇବା ପାଇଁ ଚୌଧୁରୀ ସାହେବ୍ ମୋତେ ତାଙ୍କ ପାଖକୁ ପଠାଇଲେ । ମୁଁ ତାଙ୍କୁ ଦେଇ ଅଳ୍ପ କିଛି ସମୟ ସେଠାରେ ରହିଲି । ସେ ମୋତେ ପଚାରିଲେ-କିଛି ଅସୁବିଧା ଅଛି କି ? ମୁଁ ବହୁତ ଡରିଡରି କହିଲି ମୋ ମା'ଙ୍କର ଅପରେସନ୍ ହେବ । ସେ କହୁଛନ୍ତି ମୁଁ ଏତିକି କହିଥିଲି ଯେ ସେ ପଚାରିଲେ କେତେଟଙ୍କା ଦରକାର୍ ? ଏବଂ ନିଜ ଡ୍ରୟର୍‌ରୁ ଖଜାନାର ଚେକ୍ ବୁକ୍ ବାହାର କଲେ ଓ ଟେବୁଲ୍ ଉପରେ ରଖିଦେଲେ । ମୁଁ କହିଲି ୭୦୦୦ ଟଙ୍କା ଦରକାର । ଏବେ ଆବଶ୍ୟକ ଅଛି ମୋତେ ଦେଇଦିଅନ୍ତୁ । ଯେତେବେଳେ ବିଲ୍ ଆସିବ ସେଥିରୁ କାଟିଦେବେ । କିନ୍ତୁ ସେ ତାଙ୍କ ନିଜ ଆକାଉଂଟ୍‌ରୁ ମୋତେ ଚେକ୍ କାଟି ଦେଲେ । ଓ କହିଲେ ଦୁଆ ମଧ୍ୟ କରିବି । ଏହା ତୁମର ସମସ୍ୟାନାହିଁ ଯେ ବିଲ୍ ଆସିଲେ କାଟିବି ବା ନକାଟିବି । ତୁମେ ଏ ଟଙ୍କା ନେଇଯାଅ ଯଦି ଆଉ କିଛି ଆବଶ୍ୟକ ପଡ଼ିବ ତେବେ ମୋ ପାଖକୁ ଆସିବ, ଭୟ କରିବ ନାହିଁ । ଏହିପରି ହାଫିଜ୍ ସାହେବ୍ ମଧ୍ୟ ଲେଖିଛନ୍ତି କି ଖିଲାଫତ୍ ସହିତ ତାଙ୍କର ଏକ ବିଶେଷ ସମ୍ପର୍କ ଥିଲା, ଯାହା ସବୁବେଳେ ପ୍ରକାଶ ହେଉଥିଲା । ଯେତେବେଳେ ତାଙ୍କୁ ନାଜର୍ ଆଲା ବନାଇଦିଆଗଲା ସେତେବେଳେ ଅଞ୍ଜୁମନ୍‌ର ଇଜ୍‌ଲାସ୍‌ରେ ସବୁ ନାଜର୍‌ମାନଙ୍କର ସମ୍ମୁଖରେ ସେ ପ୍ରଥମେ ଯେଉଁ କଥା କହିଥିଲେ ତାହା ଏପରିଥିଲା ଯେ ମୋତେ ସାହାଯ୍ୟ କରିବା ପାଇଁ କହିବାର ଆବଶ୍ୟକ ନାହିଁ । କାରଣ ଏହା ତ ଆପଣ ସବୁ ସିଲ୍‌ସିଲାର ସେବକ ମାନେ ନିଶ୍ଚିତ ରୂପେ କରିବେ । କାରଣ ଖଲିଫତୁଲ୍ ମସିହ୍ ମୋତେ ଏ ସ୍ଥାନରେ ବସାଇଛନ୍ତି । କିନ୍ତୁ ମୋତେ ଆପଣମାନଙ୍କର ଦୁଆ ର ଆବଶ୍ୟକତା ରହିଛି । କାରଣ କିଛି ଅସ୍ତିତ୍ୱଙ୍କ ପାଦତଳେ ସ୍ଥାନ ପାଇବା ବହୁତ କଷ୍ଟକର ହୋଇଥାଏ । ତାଙ୍କର କଣେ ସହକର୍ମୀ ଲେଖିଛନ୍ତି ୱଯାରତେ୍ ଦିୱାନ୍‌ରୁ ବଦଳି ହୋଇ ଯେତେବେଳେ ସେ ନାଜିରେ ଆଲା ହେଲେ ଉକ୍ତ କାର୍ଯ୍ୟାଳୟ ଯିବା ପୂର୍ବରୁ ପ୍ରଥମେ (ୱଯରତେ୍ ଦିୱାନ୍) ଆମକୁ ସାକ୍ଷାତ କରିବାକୁ ଆସିଲେ ଏବଂ କହିଲେ ଆପଣମାନଙ୍କଠାରୁ ବିଦାୟ ନେବାକୁ ଆସିଛି, ତାଙ୍କର ଏପରି ଶବ୍ଦ ଶୁଣି ଆମ ହୃଦୟ ଭରି ଆସିଲା । ଆମେ କହିଲୁ ମିଆଁ ସାହେବ ଆପଣ ଏଠାରେ ରହିଯାନ୍ତୁ ନଚେତ୍ ଆମକୁ ସାଥିରେ ନେଇଯାନ୍ତୁ । ଏଥିରେ ସେ ହସିହସି କହିଲେ ମୁଁ ସ୍ୱୟଂ ଖଲିଫାଙ୍କ ଆଦେଶରେ ଯାଉଅଛି ଏବଂ କିଛି ଦିନରେ ହିଁ ନିଜ ସୃଷ୍ଟିକର୍ତାଙ୍କ ନିକଟକୁ ଚାଲିଗଲେ । ହଜୁର ଅନୱର ଅ.ବ କହିଲେ- **ସେ ଏପରି ସ୍ଥାନକୁ ଚାଲିଯାଇଛନ୍ତି ଯେଉଁଠାକୁ ସମସ୍ତେ ଦିନେ ନିଜ ପାଳି ଆସିଲେ ଚାଲିଯିବେ କିନ୍ତୁ ଭାଗ୍ୟବାନ ସେହିମାନେ ଯେ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବା ଉର୍ଦ୍ଦେଶ୍ୟରେ ନିଜ ଜୀବନ ଅତିବାହିତ କରିବାକୁ ଚେଷ୍ଟା କରିଥାନ୍ତି** । ଅଲ୍ଲାଃତାଲା ତାଙ୍କୁ ବୈକୁଣ୍ଠରେ ଉଚ୍ଚ ସ୍ଥାନ ପ୍ରଦାନ କରନ୍ତୁ ଏବଂ ତାଙ୍କ ପୁଣ୍ୟ କର୍ମକୁ ଅବ୍ୟାହତ ରଖିବାକୁ ତାଙ୍କ ସନ୍ତାନମାନଙ୍କୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ସମସ୍ତ ଉତ୍ସର୍ଗୀ ଓ କର୍ମକର୍ତାମାନଙ୍କୁ ଆବଶ୍ୟକ କି ଯେଭଳି ନିଷ୍ଠା ଓ ବିଶ୍ୱସ୍ତତାର ସହିତ ସେ ନିଜ ୱକଫ୍ ଓ ଦାୟିତ୍ୱକୁ ସମ୍ପାଦନ କରିଛନ୍ତି ସେହିପରି ଅନ୍ୟମାନଙ୍କୁ ମଧ୍ୟ ସମ୍ପାଦନ କରିବାକୁ ଅଲ୍ଲାଃତାଲା ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃ ଭବିଷ୍ୟତରେ ମଧ୍ୟ ଜମାଅତକୁ ଏଭଳି ଉତମ, ଉତ୍ସର୍ଗୀ ଓ ବିଶ୍ୱସ୍ତତାର ସହିତ ସେବା ସମ୍ପାଦନକାରୀ କର୍ମୀ ପ୍ରଦାନ କରନ୍ତୁ ।

ହଜୁର ଅନୱର ଅ.ବ କହିଲେ ଦ୍ୱିତୀୟ ଜନାଯାଃ ଯାହାକି ଆଜି ମୁଁ ପଢାଇବି ତାହା ଶ୍ରୀମତି ଦିପା ନୋଫରୋଖତ୍ ସାହେବାଃଙ୍କର ଅଟେ ଯେ ଗତ ମାସ ୨୬ ତାରିଖରେ ୪୭ବର୍ଷ ବୟସରେ ଦେହତ୍ୟାଗ କଲେ **ଇନ୍ନା ଲିଲ୍ଲାହି ୱ ଇନ୍ନା ଇଲୈହି ରାଜେଉନ୍** । ତାଙ୍କର ମୃତ୍ୟୁ ହାଇ ବ୍ଲଡ୍‌ପ୍ରେସର୍ ଏବଂ ଅନ୍ତ ଭିତରେ ଇନ୍‌ଫେକ୍‌ସନ୍ ହୋଇଥିବା ଯୋଗୁ ହେଲା । ଅପରେସନ୍ ହେଲା କିନ୍ତୁ ଏକ ସପ୍ତାହ ପରେ ତାଙ୍କର ମୃତ୍ୟୁ ହୋଇଗଲା । ସେ ବହୁତ ସମୟ ବେମାର ରହିଛନ୍ତି କାରଣ ୧୫ ବର୍ଷ ବୟସରୁ ତାଙ୍କର ଦୁଇଟିଯାକ ବୃକକ୍ କାର୍ଯ୍ୟ କରିବା ଛାଡ଼ିଦେଇଥିଲା । କିନ୍ତୁ ଏହା ସତ୍ୱେ ମଧ୍ୟ ଯେତେବେଳେ ସେ ଅହେମଦୀ ହେଲେ ନମାଜ ଠିକ୍ ସମୟରେ ପଢୁଥିଲେ । ତହେଜୁଦ୍ ମଧ୍ୟ ପଢୁଥିଲେ । ତିଲାବତ୍ ମଧ୍ୟ କରୁଥିଲେ । ୨୦୦୪ ମସିହାରେ ସେ ଇସ୍‌ଲାମ୍ କବୁଲ୍ କରିଛନ୍ତି । ଏହାପରେ ନମାଜ, ତିଲାବତ୍ ଓ ତେହ୍‌ଜୁଦ୍ ନିୟମିତ ପଢ଼ି ଚାଲିଥିଲେ । ସେ ଅହେମଦୀୟତ୍ ପୂର୍ବରୁ ଇସ୍‌ଲାମ୍ ଗ୍ରହଣ କରିଥିଲେ । ପରେ ପୁଣି ଅହେମଦୀ ହେଲେ । ତାଙ୍କୁ ଏକଥା ଅନୁଭବ ଥିଲା ଯେ ମୁସଲ୍‌ମାନଙ୍କ ଅବସ୍ଥା ବର୍ତମାନ ଭଲ ନାହିଁ । ତେଣୁ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦ୍ୱାରା ଶେଷ ଯୁଗ ସମ୍ବନ୍ଧୀୟ କରିଥିବା ପେଶ୍‌ଗୋଇ ଆଧାରରେ ସତ୍ୟକୁ ଖୋଜିବା ଆରମ୍ଭ କଲେ । ସେଥିଯୋଗୁ ସେ ଅହେମଦୀୟତ୍‌ରେ ସାମିଲ୍ ହେଲେ । ସେ କହୁଛନ୍ତି ମୁଁ ନିଜକୁ ଧିରେ ଧିରେ ମୃତ୍ୟୁ ଆଡକୁ ଯାଉଥିବା ଅନୁଭବ କରୁଥିଲି । ଏପରିକି ଯେତେବେଳେ ମୁଁ ଇସ୍‌ଲାମ୍ ଗ୍ରହଣ କଲି ଏପରି ଲାଗୁଥିଲା ଯେ ମୁଁ ମୃତ୍ୟୁର କୋଳରେ ଆସି ପଡ଼ିଛି । ତାଙ୍କର ଡାକ୍ତର ଯିଏ ଅଣମୁସଲିମ୍ ଥିଲେ ସେ କହୁଛନ୍ତି ଯେ ଯେବେଠାରୁ ସେ ଅଲ୍ଲାଃଙ୍କ ସହିତ ମିଶିଛନ୍ତି ତାଙ୍କର ହୃଦୟ ନୁଆ ନିଃଶ୍ୱାସ ନେଉଅଛି । ଅହେମଦୀୟତ୍ ଗ୍ରହଣ କରିବା ପୂର୍ବରୁ ତାଙ୍କୁ ହେପାଟାଇଟିସ୍ ସି. ମଧ୍ୟ ହୋଇଯାଇଥିଲା । କିନ୍ତୁ ବୟତ କରିବା ପରେ ଅଲ୍ଲାଃତାଲା ତାଙ୍କୁ ଆଶ୍ଚର୍ଯ୍ୟଜନକ ରୂପେ ଆରୋଗ୍ୟ ପ୍ରଦାନ କଲେ । ସେ ତାଙ୍କ ପରିବାର ଭିତରେ ଏହି ଆଶ୍ଚର୍ଯ୍ୟଜନକ ଆରୋଗ୍ୟ ଲାଭ କରିବା ବିଷୟରେ ସବୁବେଳେ କୁହନ୍ତି ଏବଂ ଦୁଇଥର ମୋ ସହିତ ମଧ୍ୟ ସାକ୍ଷାତ କରିଥିଲେ । ସେ ସର୍ବଦା ନିଷ୍ଠା ଓ ବିଶ୍ୱସ୍ତତାର ପ୍ରଦର୍ଶନ କରୁଥିଲେ । ଅମୀର୍ ସାହେବ କହୁଛନ୍ତି ଯେ ମୁଁ ତାଙ୍କୁ କିଛି ଦିନ ପୂର୍ବେ ମିଳିବା ପାଇଁ ଯାଇଥିଲି । ସେ ଖାଦ୍ୟ ପ୍ରସ୍ତୁତ କରିଥିଲେ । ଯେବେ ମୁଁ ତାଙ୍କୁ କହିଲି ଏତେ କଷ୍ଟ କରିବାର କଣ ଆବଶ୍ୟକ ଥିଲା । ଆପଣ ପ୍ରଥମ ଥର ପାଇଁ ମୋ ଘରକୁ ଆସିଛନ୍ତି ଓ ଖଲିଫାଏ ୱକ୍ତଙ୍କର ପ୍ରତିନିଧିରୂପେ ଆସିଛନ୍ତି । ସବୁବେଳେ ତାଙ୍କ ଘରେ ଏମ୍.ଟି.ଏ ଲାଗି ରହୁଥିଲା ।

ଅଲ୍ଲାଃତାଲା ତାଙ୍କୁ ବୈକୁଣ୍ଠରେ ଉଚ୍ଚ ସ୍ତର ପ୍ରଦାନ କରିବା ସହିତ ତାଙ୍କ ସହ କ୍ଷମା ଓ ଦୟା ଆଚରଣ କରନ୍ତୁ ତାଙ୍କର ମନସ୍କାମନା ଥିଲା କି ତାଙ୍କ ପରିବାରବର୍ଗ ମଧ୍ୟ ଅହେମଦୟତ୍ ସ୍ୱୀକାର କରିନିଅନ୍ତୁ ଅଲ୍ଲାଃତାଲା ତାଙ୍କ ମନସ୍କାମନା ପୂରନ କରନ୍ତୁ ।

ପୃଷ୍ଠା-୧୨ ର ଅବଶିଷ୍ଟାଂଶ.......

କି ନୁହେଁ । ଏମ୍.ଟି.ଏ ସହିତ ସମ୍ବନ୍ଧ ଅଛି ବା ନାହିଁ । ଏକଥା ଆପଣ ଜାଣିବା ଉଚିତ୍ ଯେ କେତେ ଲୋକ ଏମ୍.ଟି.ଏ ସହିତ ସମ୍ପର୍କ ରଖିଛନ୍ତି ଏବଂ ନିୟମିତ ଏମ୍.ଟି.ଏ ଦେଖୁଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଯଦି ଆପଣ ସମସ୍ତଙ୍କୁ ଏମ୍.ଟି.ଏ ସହିତ ଯୋଡ଼ିଦେବେ ତେବେ ଆପଣ ସେମାନଙ୍କୁ ଦରସ୍ ମଧ୍ୟ ଶୁଣାଇପାରିବେ । କାରଣ ହଜରତ୍ ଖଲିଫତୁଲ୍ ମସିହ୍ ରାବେ ର:ଅଙ୍କ ଦରସ୍ ଏମ୍.ଟି.ଏ ରେ ପ୍ରସାରଣ ହେଉଅଛି । ମୋ ଖୁତ୍‌ବା ଅଛି, ଅଭିଭାଷଣ ଗୁଡ଼ିକ ଅଛି ଓ ବକ୍ତବ୍ୟ ଗୁଡିକ ଅଛି । ସେଗୁଡ଼ିକ ଶୁଣନ୍ତୁ । ଆପଣଙ୍କ କାମ ହେଉଛି ସମସ୍ତଙ୍କୁ ଯୋଡ଼ି ଦିଅନ୍ତୁ ଓ ବହୁତ ସ୍ନେହର ସହିତ ନିକଟକୁ ଟାଣି ଆଣନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ତରବିୟତ୍ ବିଭାଗ ନିଜର ପ୍ରୋଗ୍ରାମ୍ ବନାଇ ମୋ ପାଖକୁ ପଠାନ୍ତୁ । ଏବଂ ଏହା ମଧ୍ୟ ଜଣାନ୍ତୁ ଯେ ଏହା ଉପରେ କିପରି ଅମଲ କରିବେ । ଏହିପରି ବାକି ସମସ୍ତ କାଏଦୀନ୍ ମଧ୍ୟ ନିଜର ପ୍ରୋଗ୍ରାମ୍ ତିଆରି କରି ପଠାନ୍ତୁ ।

କାଏଦ୍ ତାଲିମ୍ ବତାଇଲେ ଯେ ସେ ଗୋଟିଏ ମାଗାଜିନ୍ ନିମନ୍ତେ ପାଣ୍ଡୁଲିପି ପ୍ରସ୍ତୁତ କରାଯାଉଛି । ପାଣ୍ଡୁଲିପି ପ୍ରସ୍ତୁତ କରି କାଏଦ୍ ଇଶାଅତ୍‌ଙ୍କୁ ହସ୍ତାନ୍ତର କରିବାକୁ ହେବ, ଯଦ୍ୱାରା ସେ ଏହାକୁ ଛପାଇ ପାରିବେ । ଏହା ପ୍ରଥମ ମାଗାଜିନ୍ ଯାହାକୁ ଆମେ ପ୍ରକାଶ କରୁଅଛୁ । ଏହାର ଅନୁମତି ଓ ନାମ ପାଇବା ପାଇଁ ଆମେ ଦରଖାସ୍ତ ମଧ୍ୟ ଦେଇଅଛୁ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଏବେ ଆରମ୍ଭ କରନ୍ତୁ ଓ ମାଗାଜିନ୍ ବାହାର କରନ୍ତୁ । ଏଥିରେ ପବିତ୍ର କୋରାନ୍‌ର ଗୋଟିଏ ଆୟତ୍ ରହିବ । ତାର ଅନୁବାଦ ଓ ସଂକ୍ଷିପ୍ତ ବ୍ୟାଖ୍ୟା ମଧ୍ୟ ଥିବ । ପୁଣି ହଦିସ୍, ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଲେଖନୀରୁ କିଛି ପାରା, ମୋ ଖୁତ୍‌ବା ଗୁଡ଼ିକରୁ କିଛି ବିଷୟ ଚୟନ କରି ରଖନ୍ତୁ । ପୁଣି କିଛି ତରବିୟତି ନିବନ୍ଧ, ଆର୍ଟିକିଲ୍ ଇତ୍ୟାଦି ଆପଣଙ୍କୁ ମିଳିଯିବ । କେବେ ବାହାର କରିବେ ଓ କେତେ ଫର୍ଦ୍ଦ ବିଶିଷ୍ଟ ଏହା ହେବ । ଏଥିରେ କାଏଦ୍ ଇଶାଅତ୍ କହିଲେ- ଯେ ଏହି ମାଗାଜିନ୍‌ଟି ତ୍ରୈମାସିକ ହେବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯଦି ତିନିମାସ ପରେ ଏହାକୁ ବାହାର କରିବେ ତାହାଲେ ଏବେଠାରୁ ଆଗକୁ ବଢ଼ନ୍ତୁ । ଏବଂ ନିଜ ମାଗାଜିନ୍‌ରେ ଡେନିଶ୍ ଭାଷାରେ ମଧ୍ୟ ନିବନ୍ଧ ଗୁଡ଼ିକୁ ପ୍ରକାଶ କରନ୍ତୁ ।

ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏହି ପତ୍ରିକାର ନାମ ''ଅନ୍‌ସାର୍ ଦୀନ୍'' ରଖନ୍ତୁ । A4 ସାଇଜ୍‌ର କରନ୍ତୁ । ଏବଂ ୧୬ ପୃଷ୍ଠା ବିଶିଷ୍ଟ ବନାନ୍ତୁ ।

କାଏଦ୍ ତାଲିମ୍ ନିଜର ରିପୋର୍ଟ୍ ଉପସ୍ଥାପନ କରି ବତାଇଲେ କି ଆମର ପ୍ରୋଗ୍ରାମ୍ ହେଉଛି ପୁସ୍ତକ ପେଗାମେ ସୁଲାହ୍ ଉପରେ ସେମିନାର୍ ଅନୁଷ୍ଠିତ କରିବୁ । ଏ ପୁସ୍ତକ ଆମେ ସବୁ ଅନ୍‌ସାର୍‌ମାନଙ୍କୁ ଦେଇସାରିଛୁ ଯେ ଏହାର ଅଧ୍ୟୟନ କରନ୍ତୁ । ପୁଣି ଆମେ ଏକାଠି ହୋଇ ଏହି ପୁସ୍ତକରେ ଥିବା ବିଷୟ ବସ୍ତୁ ଉପରେ ଚର୍ଚ୍ଚା କରିବୁ ।

କାଏଦ୍ ସିହତ୍ ଓ ଜିସ୍‌ମାନୀ (ଶାରିରୀକ ସ୍ୱାସ୍ଥ୍ୟ ବିଭାଗ)ଙ୍କୁ ହିଦାୟତ୍ ଦେଇ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ବଡ଼ଲୋକ ମାନଙ୍କର ଧ୍ୟାନ ଆକର୍ଷଣ କରାନ୍ତୁ ଯେ ସେମାନେ କିପରି ସଏର୍ (ପଦ ଭ୍ରମଣ) କରିପାରିବେ । ଏପରି ପ୍ରୋଗ୍ରାମ୍ ବନାନ୍ତୁ ଯେ ମସ୍‌ଜିଦ୍ ଓ ଜମାତି ସେଂଟର୍ ଗୁଡ଼ିକୁ ଯିବା ଆସିବା ଲାଗି ରହିବ ଓ ଲୋକମାନେ ଆକ୍‌ଟିଭ୍ ମଧ୍ୟ ରହିବେ ।

କାଏଦ୍ ଇସ୍‌ଲାହ୍ ଓ୍ୱ ଇର୍‌ସାଦ୍‌ର ଓ୍ୱହ୍‌ଦା ମଧ୍ୟ ଆମେଲା ଭିତରେ ଥିଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଅନ୍‌ସାରୁଲ୍ଲାଃରେ କାଏଦ୍ ଇସ୍‌ଲାହ୍ ଇର୍‌ସାଦ୍ ରୁହନ୍ତି ନାହିଁ । ବରଂ କାଏଦ୍ ତବ୍‌ଲିଗ୍ ରୁହନ୍ତି । ତେଣୁ କାଏଦ୍ ତବ୍‌ଲିଗ୍‌କୁ ରଖନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ତବ୍‌ଲିଗ୍ ପାଇଁ ଯଦି ଭାଷାଗତ ସମସ୍ୟା ଅଛି ତେବେ ନିଜର ଗୋଟିଏ ଟିମ୍ ବନାନ୍ତୁ ଯେଉଁମାନଙ୍କ ସହିତ କଥା କରିହେବ, ସମ୍ପର୍କ ରଖିହେବ, ସେମାନଙ୍କୁ ନିଜର ସମ୍ପର୍କ କରିବା ପାଇଁ ନମ୍ବର୍ ଦିଅନ୍ତୁ । ମିଶନ୍‌ର ଠିକଣା ମଧ୍ୟ ଦିଅନ୍ତୁ ଓ ଫୋନ୍ ନମ୍ବର୍ ମଧ୍ୟ ଦିଅନ୍ତୁ ।

କାଏଦ୍ ତବ୍‌ଲିଗ୍ କହିଲେ ଯେ ଆମେ ପାମ୍ଫଲେଟ୍‌ସ୍ ଓ ଲିଫ୍‌ଲେଟ୍‌ସ୍ ଇତ୍ୟାଦି ବଂଟନ କରୁଅଛୁ । ଅନ୍‌ସାରୁଲ୍ଲାଃ ଏହି ପ୍ରୋଗ୍ରାମ୍‌ରେ ଭାଗ ନେଉଅଛି ।

କାଏଦ୍ ଈସାର୍‌ଙ୍କୁ ହଜୁର୍ ଅନୁଓ୍ୱର୍ ପଚାରିଲେ ଯେ ଆପଣ କେଉଁ ପ୍ରକାର ପ୍ରୋଗ୍ରାମ୍ ବନାଇଛନ୍ତି, କେଉଁ ଯୋଜନା ପ୍ରସ୍ତୁତ କରିଛନ୍ତି । ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ନିଜର ଲାହେ ଅମଲ୍ ମୁତାବକ ପ୍ରୋଗ୍ରାମ୍ ବନାନ୍ତୁ ।

ସଫେ ଦୌମ୍‌ର ନାଏବ୍ ସଦର୍ ରିପୋର୍ଟ ଉପସ୍ଥାପନ କରି ବତାଇଲେ ଯେ, ଏ ପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ପ୍ରୋଗ୍ରାମ୍ ବନାଇନାହୁଁ । ସଦର୍ ମଜ୍‌ଲିସ୍ ଛୁଟି ରେ ଯାଇଥିଲେ । ଯେଉଁଥିପାଇଁ ପ୍ରୋଗ୍ରାମ୍ ତିଆରି ହୋଇପାରିଲା ନାହିଁ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କଣ ସଦର୍ ସାହେବ୍‌ଙ୍କର ଛୁଟି ଯିବା ଦ୍ୱାରା ପ୍ରୋଗ୍ରାମ୍ ଶେଷ ହୋଇଯାଏ । ଜମାତ୍‌ର ଉନ୍ନତି କୌଣସି ବ୍ୟକ୍ତି ବିଶେଷ ସହିତ ଜଡ଼ିତ ନୁହେଁ । ଆପଣଙ୍କୁ ନିଜର ପ୍ରୋଗ୍ରାମ୍ ବନାଇବା ଉଚିତ୍ । ନିଜ ପ୍ରୋଗ୍ରାମ୍‌କୁ ବନାନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ସ୍ପୋର୍ଟସ୍‌ରେ ସାଇକେଲ୍ ଚଲାନ୍ତୁ ଓ ବ୍ୟାୟାମ୍ କରନ୍ତୁ । କାଏଦ୍ ତବ୍‌ଲିଗ୍‌ଙ୍କୁ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ- ମୋ ପାଖକୁ ନିଜର ସ୍କିମ୍ ପ୍ରସ୍ତୁତ କରି ପଠାନ୍ତୁ । ଆପଣ ସ୍କିମ୍ ତିଆରି କରି ସଦର୍ ସାହେବ୍‌ଙ୍କୁ ଦିଅନ୍ତୁ ଓ ସଦର୍ ସାହେବ୍ ମୋ ପାଖକୁ ପଠାନ୍ତୁ ।

ତାଲିମୁଲ୍ କୁରୁଆନ୍ ପ୍ରସଙ୍ଗରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆମେରିକା ଜମାତ୍ Skype ଜରିଆରେ ଆରମ୍ଭ କରିଛି । ପୁଅ ଝିଅ ଓ ଯୁବକ ଯୁବତୀ ଘରେ ବସି କୁରୁଆନ୍ କରିମ୍ ଶିଖୁଛନ୍ତି । ଆପଣମାନେ ମଧ୍ୟ Skype ମାଧ୍ୟମରେ କୋରାନ୍ କରିମ୍ ପାଠ କରିବାର ପ୍ରୋଗ୍ରାମ୍ ନିମନ୍ତେ ଜାଏଜା ନିଅନ୍ତୁ । ଏହିପରି ଘରେ ବସି ପଢ଼ାଯାଇପାରିବ । ଯଦି ପୂର୍ବରୁ Skype ରେ ଏହି ପ୍ରୋଗ୍ରାମ୍ ଜାରି ଅଛି ତେବେ ଠିକ୍ ଅଛି ।

ରିପୋର୍ଟ୍ ପଠାଇବା ବିଷୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିର୍ଦ୍ଦେଶ ଦେଇ କହିଲେ ଯେ ଆପଣଙ୍କ ରିପୋର୍ଟ୍ ଗୋଟିଏ ପୃଷ୍ଠାରେ ଆସିବା ଉଚିତ୍ । ମୋ ପାଖକୁ ଲମ୍ବା ଲମ୍ବା ବିଷୟରେ ପରିପୂର୍ଣ୍ଣ ରିପୋର୍ଟ ଲେଖିବା ପରିବର୍ତ୍ତେ ପଂଏଟ୍ ଓ୍ୱାଇଜ୍ ରିପୋର୍ଟ୍ ପଠାନ୍ତୁ ।

ପବିତ୍ର କୋରାନ୍ ଶିଖିବା ବିଷୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ରବ୍‌ୱାରେ ଏପରି ଅନ୍‌ସାର୍‌ମାନଙ୍କୁ ମଧ୍ୟ ପଢ଼ାଇବା ଆରମ୍ଭ କରାଯାଇଛି, ଯାହାଙ୍କୁ କୋରାନ୍ ପଢ଼ିବା ଆସୁନଥିଲା । ତେବେ ଦେଖନ୍ତୁ ବର୍ତ୍ତମାନ ଏ ବୟସରେ ମଧ୍ୟ ସେମାନଙ୍କର ଆମିନ୍ କରାଯାଉଛି । ତେଣୁ ଆପଣମାନେ ମଧ୍ୟ ଏହାର ଜାଏଜା ନିଅନ୍ତୁ ଓ ପ୍ରଥମେ ଚେକ୍ କରନ୍ତୁ ଯେ ଅନ୍‌ସାର୍ ମାନଙ୍କୁ କୋରାନ୍ କରିମ୍ ପଢ଼ିବା ଆସୁଛି ବା ନାହିଁ, ଘରେ ତିଲାଓ୍ୱତ୍ କରୁଛନ୍ତି ବା ନାହିଁ । ଏହି ସବୁ ବିଷୟଗୁଡିକ ଅନୁଧ୍ୟାନ କରି କୋରାନ୍ କରିମ୍ ଶିଖାଇବାର ପ୍ରୋଗ୍ରାମ୍ ବନାନ୍ତୁ ।

ହଜୁର୍ ଅନୁଓ୍ୱର୍ ମଜ୍‌ଲିସ୍ ଆମେଲାର ସଦସ୍ୟମାନଙ୍କର ଜାଏଜା ନେଲେ ଯେ ଆଜି କେତେଜଣ କୋରାନ୍ କରିମ୍‌ର ତିଲାଓ୍ୱତ୍ କରିଛନ୍ତି । ଏଥିରେ ଚାରିଜଣ ସଦସ୍ୟ ନିଜ ହାତକୁ ଉଠାଇଲେ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯଦି ଆପଣଙ୍କ ଆମେଲାର ସଦସ୍ୟମାନେ ତିଲାଓ୍ୱତ୍ କରିନାହାଁନ୍ତି ତେବେ ଅନ୍ୟମାନେ କିପରି କରିବେ ।

ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିର୍ଦ୍ଦେଶ ଦେଇ କହିଲେ ଯେ ମଜ୍‌ଲିସ୍ ଆମେଲା ଯେଉଁ ପ୍ରୋଗ୍ରାମ୍ ପ୍ରସ୍ତୁତ କରୁଛି । ସର୍ବ ପ୍ରଥମେ ସେ ନିଜକୁ ତା ଉପରେ ପରିଚାଳିତ ହେବା ପାଇଁ ଚେଷ୍ଟା କରନ୍ତୁ । ମୋର ପ୍ରତ୍ୟେକ ଖୁତ୍‌ବାର ପ୍ରଥମ ସମ୍ବୋଧନ ଆପଣମାନେ ନିଜକୁ ଭାବନ୍ତୁ । ଏହାପରେ ଅନ୍ୟମାନଙ୍କ ଠାରୁ ଅମଲ କରାନ୍ତୁ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ-ଅସଲ କଥା ହେଉଛି ନିଜ ଭିତରେ ଉତ୍ସାହ ସୃଷ୍ଟି କରିବା । ଉତ୍ସାହ ସୃଷ୍ଟି ହେବ ତ ସଉକ୍ ମଧ୍ୟ ବଢ଼ିଯିବ ।

ଆମେଲାର ଜଣେ ସଦସ୍ୟ କହିଲେ ଯେ ମୋତେ ତିଲାଓ୍ୱତ୍ କୋରାନ୍ କରିମ୍ କରିବା କଷ୍ଟକର ଅଟେ । ଆଖିର ଦୁର୍ବଳତା ଅଛି । ତେଣୁ ମୁଁ ତିଲାଓ୍ୱତ୍ ଶୁଣି ତା ସହିତ ପଢ଼ିନିଏ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏହା ମଧ୍ୟ ଠିକ୍ ଅଛି । ଏହିପରି ଯେତେ ସୁରା ଆପଣ ମନେରଖିଛନ୍ତି ତାହା ମୌଖିକ ପଢ଼ିନିଅନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ହଜରତ୍ ଖଲିଫତୁଲ୍ ମସିହିଲ୍ ଅଓ୍ୱଲ୍ ର:ଅ ଜଣେ ସ୍ତ୍ରୀଙ୍କ ଘଟଣା ଲେଖିଛନ୍ତି ଯେ ସେ କହିଲା ମୋ ପାଖରେ ସବୁକିଛି ଅଛି, ଗୋଟିଏ ଖଟିଆ ଅଛି, ଗୋଟିଏ ରେଜେଇ ଅଛି, ମୋର ଗୋଟିଏ ପୁଅ ଅଛି । ଆମେ ଦୁଇଜଣ ଏହି ରେଜେଇକୁ ଘୋଡି ହେଉଛୁ । କେବେ ସେ ଘୋଡିହୁଏ ଓ କେବେ ସେ ଘୋଡି ହେଉଛି । ମୋତେ କେବଳ କୋରାନ୍‌ର ଆବଶ୍ୟକତା ଅଛି । ମୋ ଆଖି ବହୁତ ଦୁର୍ବଳ ହୋଇଯାଇଛି । ତେଣୁ ମୋତେ ବଡ଼ ବଡ଼ ଅକ୍ଷର ଥିବା କୋରାନ୍ ଦେଇଦିଅନ୍ତୁ । ଯଦ୍ୱାରା ମୁଁ ସହଜରେ ପଢ଼ିପାରିବି । ହଜୁର୍ ଅନୁଓ୍ୱର୍ କହିଲେ-ଏହା ହେଉଛି ଦୀନ୍‌ର ସଉକ୍ । ଆପଣମାନଙ୍କୁ ଏପରି ସଉକ୍ ହେବା ଉଚିତ୍ ।

ମଜ୍‌ଲିସ୍ ଆମେଲାର ଜଣେ ସଦସ୍ୟ କହିଲେ ଯେ ଆଜିକାଲିକା ଯୁବପିଢ଼ୀ ତିଲାଓ୍ୱତ୍ କରୁନାହାଁନ୍ତି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଆପଣଙ୍କ ଆମେଲା ତ କରୁନାହିଁ । ଯଦି ବଡମାନେ କରୁନାହାଁନ୍ତି ତେବେ ଛୋଟମାନେ କିପରି କରିବେ । ଆପଣମାନଙ୍କର ଏ ଦାୟିତ୍ୱ ଅଟେ ଯେ ନିଜ ଘରେ ସ୍ନେହର ସହିତ ବୁଝାନ୍ତୁ । ଯଦି ଘରେ ମା' ବାପା, ସ୍ୱାମୀ ସ୍ତ୍ରୀ ନମାଜ ପଢ଼ିବା ବାଲା ହେବେ, ତିଲାଓ୍ୱତ୍ କରିବେ, ତେବେ ଯାଇ ପିଲାମାନେ ମଧ୍ୟ ନମାଜ ପଢ଼ିବେ ଓ କୋରାନ୍ କରିମ୍ ମଧ୍ୟ ପଢ଼ିବେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ- ଯଦି ଘର ଗୁଡିକରେ ନେଜାମ୍ ବିରୋଧରେ ବାର୍ତାଳାପ ହେଉଥିବ ତେବେ ପିଲାମାନଙ୍କର ତରବିୟତ୍ ମଧ୍ୟ ବିଗିଡ଼ିଯିବ । ଏଠିକାର ପାଠ ପଢୁଆ ପିଲାମାନେ ସ୍ୱଚ୍ଛ ଓ ସିଧା କଥା ଚାହାଁନ୍ତି । ଆପଣଙ୍କର ଯେଉଁ ପିଲାମାନେ ମସ୍‌ଜିଦ୍‌ରୁ ଦୂରେଇ ଯାଉଛନ୍ତି ସେମାନେ ମା'ବାପାଙ୍କ ଯୋଗୁଁ ଦୁରେଇ ଯାଉଛନ୍ତି । ଏବଂ ନିଜ ଘରର ପରିବେଶ ଯୋଗୁ ଦୂରେଇ ଯାଉଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯଦି ମା' ବାପା ଓ୍ୱହ୍‌ଦାଦାର୍‌ମାନଙ୍କ ଅଭିଯୋଗ ଯୋଗୁଁ ଦୂରେଇ ଯାଉଛନ୍ତି ତେବେ ପିଲାମାନେ ଦୁଇଗୁଣା ଦୂରେଇ ଯାଆନ୍ତି । ଯଦି କାହାକୁ ଅମୀର୍ ସାହେବ୍‌ଙ୍କ ସହିତ ଅଭିଯୋଗ ଅଛି ବା ଅନ୍ୟ କୌଣସି ଓ୍ୱହ୍‌ଦାଦାରଙ୍କ ସହିତ ଅଭିଯୋଗ ଅଛି ତେବେ ନିଜର ଅଭିଯୋଗକୁ ନିଜ ଦୀନ୍ ଉପରେ ପ୍ରଭାବ ପକାଇବାକୁ ଦିଅନ୍ତୁ ନାହିଁ । ନିଜ ଅଭିଯୋଗକୁ ନିଜ ଭିତରେ ସୀମିତ ରଖନ୍ତୁ । ଆଗକୁ ବଢ଼ାନ୍ତୁ ନାହିଁ । ଓ ନିଜ ଘରେ ମଧ୍ୟ ଚର୍ଚ୍ଚା କରନନ୍ତୁ ନାହିଁ । ନିଜାମ୍ ବିରୁଧରେ କୌଣସି କଥା ହୁଅନ୍ତୁ ନାହିଁ । ଦୁଆ କରନ୍ତୁ ଓ ନିଜର ଅସୁବିଧା ବିଷୟରେ ଖୁଦାଙ୍କ ଠାରୁ ସାହାଯ୍ୟ ମାଗନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଯଦି

ଘରେ ଏକଥା କହିବେ ତେବେ ଆପଣଙ୍କ ପିଲାମାନେ ମଧ୍ୟ ଏହାଦ୍ୱାରା ପ୍ର ଭାବିତ ହେବେ । ଏବଂ ସେମାନେ ନିଜାମ୍‌ଠାରୁ ଦଶପାଦ ଦୂରେଇ ଯିବେ ।

ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ- ମୋତେ ଜଣେ ଯୁବକ ମିଳିଥିଲେ । ସେ ଜମାତ୍‌ରୁ ଦୂରେଇ ଯାଇଥିଲେ ଓ ଗଏର୍ ଅହେମଦୀ ବନ୍ଧୁମାନଙ୍କ ସହିତ ତାଙ୍କର ଗଭୀର ସମ୍ପର୍କ ଥିଲା । ଯେବେ ସେ ଦେଖିଲେ ଯେ ଏହାଙ୍କ ଜଣେ ନିକଟତର ବନ୍ଧୁ ମଦ୍ୟପାନ କରୁଅଛି ଓ ଆଉ ଜଣେ ବନ୍ଧୁ ଦାଇଶ୍ (ISIS) ରେ ସାମିଲ୍ ହୋଇ ମରିଗଲା । ସେତେବେଳେ ତାଙ୍କୁ ଏ ଅନୁଭବ ହେଲା ଯେ ଜମାତ୍ ଅହେମଦୀୟା ହିଁ ଅସଲ ଓ ବାସ୍ତବିକ୍ ମୁସଲମାନ୍ ଅଟନ୍ତି । ସୁତରାଂ ସେ ଜମାତ୍ ଆଡକୁ ପୁଣି ଫେରିଲା ଓ ନଷ୍ଟ ହେବାରୁ ବଂଚିଗଲା ।

ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ- ଆପଣମାନେ ନିଜ ପିଲାମାନଙ୍କ ନିମନ୍ତେ ନିଜେ ଦୁଆ କରନ୍ତୁ ଓ ସେମାନଙ୍କ ତରବିୟତ୍ ପାଇଁ ଚେଷ୍ଟା କରି ଚାଲନ୍ତୁ । ଗୋଟିଏ ରାତିରେ ତ ଏପରି ଖରାପ କାର୍ଯ୍ୟ ଦୂରେଇ ଯିବ ନାହିଁ । ତେଣୁ ଧୈର୍ଯ୍ୟ ଓ ସହନଶୀଳତାର ସହିତ କାମ ନେବା ଉଚିତ୍ । ସେହିପରି ଯେଉଁ ଖରାପ କାର୍ଯ୍ୟଗୁଡିକ ଜନ୍ମ ନେଉଛି ତାହା ଏକାବେଳକେ ସୃଷ୍ଟି ହୁଏନାହିଁ । ସେଥିପାଇଁ ସମୟ ଲାଗିଥାଏ । ତେଣୁ ଆପଣମାନେ ଅତିକମ୍‌ରେ ଏମ୍.ଟି.ଏ ରେ ଆସୁଥିବା ମୋ ଖୁତ୍‌ବା ଗୁଡିକ ସହିତ ନିଜ ପିଲାମାନଙ୍କୁ ଯୋଡ଼ି ଦିଅନ୍ତୁ । ହଜରତ୍ ଖଲିଫତୁଲ୍ ମସିହ୍ ରାବେ ର:ଅଙ୍କ ଦରସ ଅଛି । ମୋ ନୁଆ ଓ ପୁରୁଣା ଖୁତ୍‌ବା ଗୁଡିକ ପ୍ରସାରଣ ହେଉଅଛି । ପୁଣି ମୋର ଅଭିଭାଷଣ ଓ ବକ୍ତବ୍ୟ ଗୁଡିକ ମଧ୍ୟ ଆସୁଅଛି । ଯଦି ଏମ୍.ଟି.ଏ ସହିତ ସମ୍ପର୍କ ରଖାଯିବ ତେବେ ମୋ ସହିତ ବା କୌଣସି ଓ୍ୱହ୍‌ଦାଦାରଙ୍କ ସହିତ ଯଦି କିଛି ଅଭିଯୋଗ ଥାଏ ତେବେ ସେଗୁଡିକ ଏମ୍.ଟି.ଏ ସହିତ ଯୋଡ଼ି ହୋଇଯିବା ଯୋଗୁ ଦୂରେଇ ଯିବ । କିନ୍ତୁ ଯଦି ଆପଣମାନେ ଜମାତ୍‌ଠାରୁ ବା ଖିଲାଫତ୍‌ଠାରୁ ଦୂରେଇ ଯିବେ ତେବେ ପିଲାମାନେ ନଷ୍ଟ ହୋଇଯିବେ । ତେଣୁ ଏହା ଅତ୍ୟନ୍ତ ଆବଶ୍ୟକ ଅଟେ ଯେ ନିଜ ନିଜ ଘରେ ଏମ୍.ଟି.ଏ ଲଗାଇ ତା ସହିତ ଯୋଡ଼ି ହୋଇ ରୁହନ୍ତୁ ।

ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ-ଯଦି ଆପଣମାନେ ଭାବୁଛନ୍ତି ଯେ ଅମୀର୍ ବା କୌଣସି ଓ୍ୱହ୍‌ଦାଦାର୍‌ମାନେ କିଛି ଭୁଲ୍ କରୁଛନ୍ତି ବା ସେମାନଙ୍କର ବ୍ୟବହାର ଠିକ୍ ନାହିଁ, ବହୁତ କଠୋରତାର ସହିତ ପେଶ୍ ଆସୁଛନ୍ତି ତେବେ ଆପଣମାନେ ଦୁଆ କରିବା ଉଚିତ୍ ଯେ ଅଲ୍ଲାଃତାଲା ସେହି ଭୁଲ୍ ଗୁଡିକୁ ସୁଧାରି ଦିଅନ୍ତୁ ଓ ସେମାନଙ୍କର ବ୍ୟବହାରକୁ ପରିବର୍ତ୍ତନ କରନ୍ତୁ ବା ଆମେ ଯଦି କୌଣସି ସ୍ଥାନରେ ଭୁଲ୍ କରୁଅଛୁ ତେବେ ଖୁଦାତାଲା ସେଗୁଡିକ ସୁଧାରି ଦିଅନ୍ତୁ ।

ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ- ଆପତି ଓ ଅଭିଯୋଗ ଦ୍ୱାରା ନିଜ ଆସନ୍ତା ପିଢ଼ୀର ତରବିୟତ୍ ଉପରେ ଖରାପ ପ୍ରଭାବ ପକାଇଥାଏ । ଯଦି ଆପଣମାନେ କୌଣସି ଏପରି କଥା ନିଜାମେ ଜମାତ୍‌ର ବିରୋଧରେ ଦେଖୁଛନ୍ତି ତେବେ ତାହା ଖଲିଫାଏ ଓ୍ୱକ୍ତଙ୍କ ପାଖକୁ ଲେଖନ୍ତୁ । ଏପରି କରିବା ଦ୍ୱାରା ଆପଣମାନେ ନିଜର କର୍ତବ୍ୟକୁ ଠିକ୍ ଭାବରେ ସମ୍ପାଦନ କରିପାରିବେ ।

ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ- ଆପଣମାନଙ୍କ ବାପା, ଜେଜେବାପା ଦୀନ୍‌କୁ ସମ୍ଭାଳି କରି ରଖିଲେ ଓ ନିଜାମେ ଜମାତ୍‌ର ସୁରକ୍ଷା ମଧ୍ୟ କଲେ । ସେହିପରି ଆପଣମାନେ ମଧ୍ୟ ନିଜ ଦୀନ୍ ଓ ନେଜାମ୍‌ର ସୁରକ୍ଷା କରିବେ ।

ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ- ଆମେରିକା ଓ କାନାଡ଼ାରୁ ଅନ୍‌ସାରୁଲ୍ଲାଃ ଖୁଦାମୁଲ୍ ଅହେମଦୀୟାର ମଜାଲିସ୍ ଆମେଲା ଏବଂ ଦେଶରେ ଥିବା ଜେଲି ତନ୍‌ଜିମ୍‌ର ଓ୍ୱହ୍‌ଦାଦାର୍‌ମାନେ ଶତାଧିକ ଓ୍ୱଫୁଦ୍ ରୂପେ ଲଣ୍ଡନ ଆସୁଛନ୍ତି । ଏଠାରେ ଦୁଇ ତିନିଦିନ ରହୁଛନ୍ତି । ତାଙ୍କ ସହିତ ମିଟିଂ ହୁଏ । ଏଠାରୁ ଫେରିଯିବା ପରେ ସେମାନଙ୍କ ମଧ୍ୟରେ ଏକ ପ୍ରକାର ବିରାଟ ପରିବର୍ତନ ଦୃଷ୍ଟି ଗୋଚର ହେଉଛି । ତେଣୁ ଆପଣମାନେ ମଧ୍ୟ ନିଜ ଓ୍ୱହ୍‌ଦାଦାର୍‌ମାନଙ୍କୁ ଅନ୍‌ସାର୍ ଖୁଦାମ୍‌ଙ୍କର ପ୍ରତିନିଧି ମଣ୍ଡଳଙ୍କୁ ଲଣ୍ଡନ୍ ଆଣନ୍ତୁ । ଆଜି କାଲି ଏମ୍.ଟି.ଏ ର ପ୍ରୋଗ୍ରାମ୍ ଗୁଡିକ ଇଂଟରନେଟ୍‌ରେ ମଧ୍ୟ ଆସୁଅଛି । ତେଣୁ ସେମାନଙ୍କୁ ଏମ୍.ଟି.ଏ ସହିତ ଯୋଡ଼ି ରଖନ୍ତୁ । ଅଲ୍ଲାଃତାଲା ସୁରକ୍ଷା ରଖିବା ନିମନ୍ତେ ଯେଉଁ ନିଜାମ ରଖିଛି ତାହା ନିଜ ଭିତରେ ଏକ ଗଭୀର ପ୍ରଭାବ ରଖିଥାଏ ।

ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ- ଆପଣମାନେ ରାତିରେ ଉଠନ୍ତୁ ଓ ନିଜ ପିଲାମାନଙ୍କ ପାଇଁ ଦୁଆ କରନ୍ତୁ । ଯେତେବେଳେ ସେମାନେ ବେମାର ହୋଇଯାଉଛନ୍ତି ସେତେବେଳେ ଆପଣ ତାଙ୍କ ପାଇଁ କିପରି ବ୍ୟାକୁଳ ହୋଇ ଦୁଆ କରୁଛନ୍ତି । କିନ୍ତୁ ଯେତେବେଳେ ଆପଣଙ୍କର ପିଲା ଆଧାତ୍ମିକ ରୋଗରେ ପୀଡ଼ିତ ହୁଏ ତେବେ କଣ ଆପଣମାନେ ସେହିପରି ବ୍ୟାକୁଳ ହୋଇ ଦୁଆ କରୁଛନ୍ତି ? ଯଦି ସେପରି କରିବେ ତେବେ ଖୁଦାତାଲା ମା' ବାପାଙ୍କର ଦୁଆକୁ ତାଙ୍କ ସନ୍ତାନ ମାନଙ୍କ ସପକ୍ଷରେ ଗ୍ରହଣ କରିଥାନ୍ତି । ତେଣୁ ନିଜ ପିଲାମାନଙ୍କ ପାଇଁ ଦୁଆ କରି ଚାଲନ୍ତୁ ।

ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ-ଯଦି କୌଣସି ଓ୍ୱହ୍‌ଦାଦାର୍ ଜମାତ୍ ପାଇଁ ଓ ନିଜାମ୍ ପାଇଁ କ୍ଷତିକାରକ ତେବେ ଖୁଦାତାଲାଙ୍କର ଜମାତ୍ ସହିତ ଏପରି ବ୍ୟବହାର କରିଥାଏ ଯେ, ଏକ ସମୟ ଏପରି ଆସେ ସେହି ଲୋକ ଜମାତ୍‌ଠାରୁ ଦୂରେଇ ଯାଏ । ଖୁଦାତାଲା ନିଜାମ୍‌ର ସୁରକ୍ଷା କରିଥାଏ । ଯଦି ଖୁଦାତାଲା ଜମାତ୍‌କୁ ପ୍ରତିଷ୍ଠା କରିଛି ତେବେ ସେ ହିଁ ଏ ଜମାତ୍‌ର ସୁରକ୍ଷା କରିବ । ପୁଣି ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ- ଆମେ ସମସ୍ତେ ମିଳିମିଶି ଚେଷ୍ଟା କରିବା, ଆପଣମାନେ ମଧ୍ୟ, ଅନ୍‌ସାର୍ ମଧ୍ୟ, ଖୁଦାମ୍ ମଧ୍ୟ ଓ ନେଜାମେ ଜମାତ୍ ମଧ୍ୟ । ସମସ୍ତଙ୍କ ମିଳିମିଶି କାର୍ଯ୍ୟ କରିବାକୁ ହେବ । ଯଦି ଏହିପରି ମିଳିମିଶି କାର୍ଯ୍ୟ କରିବା ତେବେ ଜମାତ୍ ବହୁତ ଶିଘ୍ର ଶିଘ୍ର ଉନ୍ନତି କରି ଚାଲିବ । ଅଲ୍ଲାଃତାଲା ଆପଣ ସମସ୍ତଙ୍କୁ ଏହା କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ !

ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମେଲା ଅନ୍‌ସାରୁଲ୍ଲାଃ ର ହଜୁର୍ ଅନ୍ୱର୍ ଅ:ବ:ଅଙ୍କ ସହିତ ଉକ୍ତ ମିଟିଂ ୮:୨୫ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ମଜ୍‌ଲିସ୍ ଆମେଲାର ସଦସ୍ୟମାନେ ହଜୁର୍ ଅନ୍ୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହାପରେ ୯:୧୫ ରେ ହଜୁର୍ ଅନ୍ୱର୍ ଅ:ବ:ଅ ମସ୍‌ଜିଦ୍ ନୁସ୍‌ରତ୍ ଜାହାଁରେ ପହଂଚି ନମାଜ ମଗ୍‌ରିବ୍ ଓ୍ୱ ଇଶା ଜମାକରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନ୍ୱର୍ ନିଜ ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

**୮ ମଇ ୨୦୧୬ ରବିବାର**

ପ୍ରତ୍ୟୁଷ ୪:୧୫ ରେ ହଜୁର୍ ଅନ୍ୱର୍ ଅ:ବ:ଅ ମସ୍‌ଜିଦ୍ ନୁସ୍‌ରତ୍ ଜାହାଁକୁ ଆସି ନମାଜ୍ ଫଜର୍ ପଢ଼ାଇଲେ । ନମାଜ୍ ପରେ ହଜୁର୍ ଅନ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଫେରିଗଲେ ।

ସକାଳେ ହଜୁର୍ ଅନ୍ୱର୍ ଅ:ବ:ଅ ଦଫ୍‌ତରି ଡାକ, ଚିଠିପତ୍ର ଓ ରିପୋର୍ଟସ୍ ଇତ୍ୟାଦି ଅନୁଧ୍ୟାନ କଲେ ଏବଂ ନିଜ ପବିତ୍ର ହସ୍ତରେ ସେହି ଚିଠିପତ୍ର ଓ ରିପୋର୍ଟସ୍ ଗୁଡିକ ଉପରେ ରିମାର୍କସ୍ ଦେଲେ । ସେହିଭଳି ଅନ୍ୟାନ୍ୟ ଦଫ୍‌ତରି କାର୍ଯ୍ୟରେ ବ୍ୟସ୍ତ ରହିଲେ ।

**ଫ୍ୟାମିଲି ସାକ୍ଷାତ୍‌କାର୍**

ପ୍ରୋଗ୍ରାମ୍ ମୁତାବକ ସକାଳ ୧୧ ଟା ସମୟରେ ହଜୁର୍ ଅନ୍ୱର୍ ଅ:ବ:ଅ ନିଜ ଦଫ୍‌ତର୍‌କୁ ଆସିଲେ ଓ ସେଠାରେ ଫ୍ୟାମିଲି ସାକ୍ଷାତ୍‌କାର୍ ଆରମ୍ଭ ହେଲା । ଆଜି ସକାଳର ଏହି ସେଶନ୍‌ରେ ୨୫ଟି ଫ୍ୟାମିଲିରୁ ୯୪ ଜଣ ଲୋକ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଶିକ୍ଷା ଅର୍ଜନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ହଜୁର୍ ଅନ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ କଲମ ଉପହାର ପ୍ରଦାନ କଲେ । ଏବଂ ଛୋଟ ବୟସର ପୁଅଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ପ୍ରତ୍ୟେକ ଫ୍ୟାମିଲିର ସଦସ୍ୟମାନେ ନିଜ ପ୍ରୀୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ସାକ୍ଷାତ୍‌କାର୍ କରିବାକୁ ଆସିଥିବା ଡେନ୍‌ମାର୍କ୍‌ର ଏହି ଫ୍ୟାମିଲି ଗୁଡିକ ନିମ୍ନଲିଖିତ ଇଲାକାରୁ ଆସିଥିଲେ । Albertslund, Copenhagen, Haslev, Hivdovre, Odense, Amager, Broendby North, Nakskov, ଇସ୍‌ହାଲେ Sealand ଏତଦ୍‌ବ୍ୟତୀତ ନରୱେରୁ ଆସିଥିବା ଲୋକମାନେ ମଧ୍ୟ ସାକ୍ଷାତ୍ କରିବାର ସୁଯୋଗ ପାଇଲେ । ଆଜି ସାକ୍ଷାତ୍ କରିବାକୁ ଆସିଥିବା ଲୋକମାନଙ୍କ ମଧ୍ୟରୁ ଡେନ୍‌ମାର୍କ୍ ଜମାତ୍ Nakskov ରେ ବସବାସ କରୁଥିବା କୋଷଭ ଦେଶର ଅହେମଦୀ ଫ୍ୟାମିଲି ମଧ୍ୟ ସାମିଲ୍ ଥିଲା ।

ଜଣେ ନିଷ୍ଠାପର ଅହେମଦୀ ବନ୍ଧୁ ଆଦମ୍ କୁଜି ସାହେବ୍ ସାକ୍ଷାତ୍ କରିବା ପରେ କହିଲେ ଯେ ମୁଁ ଅଲ୍ଲାଃତାଲାଙ୍କ ଧନ୍ୟବାଦ ଅର୍ପଣ କରୁଛି ଯେ ୫ବର୍ଷ ପରେ ହଜୁର୍ ଅନ୍ୱର୍ ଅ:ବ:ଅଙ୍କ ସହିତ ପୁନର୍ବାର ସାକ୍ଷାତ୍ କରିବାର ସୌଭାଗ୍ୟ ମିଳିଲା । ହଜୁର୍‌ଙ୍କ ସହିତ ସାକ୍ଷାତ୍ କରିବା ପରେ ଏପରି ଅନୁଭବ ହେଉଛି କି ଯେପରି ଆମ ଭିତରେ ଏକ ନୂଆ ଇମାନ୍ ସୃଷ୍ଟି ହୋଇଯାଇଛି । ହଜୁର୍ ଅନ୍ୱର୍‌ଙ୍କ ସହିତ ମିଶି ଖୁଦାତାଲା, ଆଁ ହଜ୍‌ରତ୍ ସ:ଆ:ସ, ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଓ ଖିଲାଫତ୍ ସହିତ ଥିବା ପ୍ରେମରେ ଏକ ବିଶେଷ ବୃଦ୍ଧି ଓ ଉନ୍ନତି ହେବାର ଅନୁଭବ ହେଉଅଛି । ଆମପାଇଁ ଏହି ସାକ୍ଷାତ୍‌କାର୍ ଜୀବନର ଏକ ଗୁରୁତ୍ୱପୁର୍ଣ୍ଣ ସମ୍ପତି ଏବଂ ମୁଁ ମୋ ଜୀବନ ପାଇଁ ଏହାକୁ ଏକ ବଡ ସୌଭାଗ୍ୟ ବୋଲି ବିବେଚନା କରୁଅଛି ।

ସେ ୧୯୯୩ ମସିହାରେ ଅହେମଦୀୟତ୍ ଗ୍ରହଣ କରିବାର ସୌଭାଗ୍ୟ ପାଇଛନ୍ତି । ଏବଂ ସେବେଠାରୁ ଖିଲାଫତ୍ ସହିତ ଇତାଅତ୍ (ଆଜ୍ଞାବହତା) ଓ ପ୍ରେମର ସମ୍ପର୍କ ରଖିଛନ୍ତି ।

ସେହି ଜମାତ୍‌ର ଆଉ ଜଣେ ବନ୍ଧୁ ଯାହାଙ୍କ ନାମ ରମ୍‌ଜାନ୍ ସନୁଲାରି ସାହେବ୍, ସେ ୧୭୫ କି.ମି. ଦୂରତା ଅତିକ୍ରମ କରି ସାକ୍ଷାତ୍ କରିବା ନିମନ୍ତେ ଆସିଥିଲେ । ସାକ୍ଷାତ୍ କରିବା ପରେ କହିଲେ ହଜୁର୍ ଅନ୍ୱର୍‌ଙ୍କ ସହିତ ମିଶି ମୋତେ ଏତେ ଖୁସି ଲାଗିଲା ଯେ ମୁଁ ଏହାକୁ ଶବ୍ଦରେ ବର୍ଣ୍ଣନା କରିପାରୁନାହିଁ । ଆମ ଜୀବନ ହିଁ ପରିବର୍ତନ ହୋଇଗଲା । ମୋର ପୁତ୍ର Ehad Sanullari କିଛି ମାସ ପୂର୍ବେ ହଜୁର୍ ଅନ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଅତ୍‌ଫାଲୁଲ୍ ଅହେମଦୀୟା ଗ୍ରୁପରେ ଲଣ୍ଡନ୍ ଯାଇଥିଲା ଓ ସେଠାରେ ହଜୁର୍‌ଙ୍କ ସହିତ ସାକ୍ଷାତ୍ କରିଥିଲା । ମୋତେ ଏ କଥାରେ ବହୁତ ଖୁସି ଲାଗୁଛି ଯେ ହଜୁର୍ ଅନ୍ୱର୍ ତାହା ମନେ ରଖିଛନ୍ତି ଓ ସେ କଥାର ମଧ୍ୟ ଚର୍ଚ୍ଚା କଲେ ।

କୋଶଭର ଜଣେ ବନ୍ଧୁ Muharem Qungiji ସାହେବ ନିଜ ସ୍ତ୍ରୀ, ଝିଅ, ଜ୍ୱାଇଁ ଓ ଦୁଇଜଣ ନାତୁଣୀଙ୍କ ସହିତ ହଜୁର୍ ଅନ୍ୱର୍‌ଙ୍କ ସଙ୍ଗେ ସାକ୍ଷାତ୍ କରିବା ପାଇଁ ଆସିଥିଲେ । ସାକ୍ଷାତ୍ କରିବା ପୂର୍ବରୁ ସେ ଏକଥା ପ୍ରକାଶ କଲେ ଯେ ଯେବେଠାରୁ ହଜୁର୍ ଡେନ୍‌ମାର୍କ ଆସିଛନ୍ତି ଏଠିକାର ମୌସମ୍ ଅତି ମନୋରମ ହୋଇଯାଇଛି । ଏହ ମଧ୍ୟ ଖଲିଫା ଓ୍ୱକ୍ତଙ୍କର ଆସିବାର ବରକତ୍ ମଧ୍ୟରୁ

ଗୋଟିଏ ଅଟେ ।

ସାକ୍ଷାତ୍କାର ପରେ କହିଲେ-ଖଲିଫାଏ ଓ୍ୱକ୍ତଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଲୋକମାନେ ବର୍ଷ ବର୍ଷ ଅପେକ୍ଷା କରୁଛନ୍ତି । କିଛି ଲୋକଙ୍କୁ ବହୁତ ସମୟ ଅପେକ୍ଷା କରିବା ସତ୍ୱେ ମଧ୍ୟ ସାକ୍ଷାତ୍ କରିବାର ସୌଭାଗ୍ୟ ମିଳୁନାହିଁ । ମୁଁ ଏବଂ ମୋ ପରିବାର କେତେ ଭାଗ୍ୟଶାଳୀ ଯେ ଆମକୁ କେବଳ ୫ ବର୍ଷ ପରେ ଅଲ୍ଲାଃତାଲା ହଜୁରଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଅବସର ପ୍ରଦାନ କଲେ । ଆମେ ଏଥିଯୋଗୁ ଅଲ୍ଲାଃତାଲାଙ୍କର ଯେତେ ମଧ୍ୟ କୃତଜ୍ଞତା ଜ୍ଞାପନ କରିବୁ ତାହା କମ୍ ଅଟେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ବହୁତ ସ୍ନେହର ସହ କଥା ହେଲେ ଏବଂ ପିଲାମାନଙ୍କୁ ତାଙ୍କ ପବିତ୍ର ହସ୍ତ ଦ୍ୱାରା କଲମ ପ୍ରଦାନ କଲେ । ସାକ୍ଷାତ୍କାରର ଏହି ପ୍ରୋଗ୍ରାମ୍ ଦିନ ୧:୧୫ ପର୍ଯ୍ୟନ୍ତ ଜାରି ରହିଲା ।

**ନ୍ୟାସ୍ନାଲ୍ ମଜ୍‌ଲିସ୍ ଆମେଲା ଖୁଦାମୁଲ୍ ଅହେମଦୀୟା ଡେନ୍‌ମାର୍କ୍‌ର ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ମିଟିଂ**

ଏହାପରେ ପ୍ରୋଗ୍ରାମ୍ ମୁତାବକ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଲାଇବ୍ରେରି ହଲ୍‌ରେ ପଦାର୍ପଣ କଲେ, ଯେଉଁଠାରେ ନ୍ୟାସ୍ନାଲ୍ ମଜ୍‌ଲିସ୍ ଆମେଲା ଖୁଦାମୁଲ୍ ଅହେମଦୀୟାଙ୍କ ସହିତ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କର ମିଟିଂ ଆରମ୍ଭ ହେଲା ।

ସର୍ବପ୍ରଥମେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦୁଆ କରାଇଲେ । ତା ପରେ ହଜୁର୍ ମୋତମିଦ୍ ସାହେବ୍‌ଙ୍କ ଠାରୁ ପଚାରି ବୁଝିଲେ ଯେ ଖୁଦାମୁଲ୍ ଅହେମଦୀୟାର କେତୋଟି ମଜ୍‌ଲିସ୍ ଏଠାରେ ଅଛନ୍ତି । ଏଥିରେ ମୋତମିଦ୍ ସାହେବ୍ କହିଲେ ଯେ ଖୁଦାମୁଲ୍ ଅହେମଦୀୟାର ଚାରୋଟି ମଜ୍‌ଲିସ୍ ଅଛି ଓ ସେମାନଙ୍କ ଠାରୁ ରିପୋର୍ଟ ମିଳୁଅଛି ।

ହଜୁର୍ ଅନୁଓ୍ୱର୍ ମୋହତମିମ ସାହେବ ଓକାରେ ଅମଲଙ୍କ ଠାରୁ ତାଙ୍କ କାମ ବିଷୟରେ ପଚାରି ବୁଝିଲେ । ଏଥିରେ ମୋହତମିମ ଓକାରେ ଅମଲ୍ ସାହେବ କହିଲେ ଯେ ଆମେ ନିୟମିତ ରୂପେ ମସଜିଦ୍‌କୁ ସଫା କରୁଅଛୁ । ନୂଆ ବର୍ଷର ଆରମ୍ଭରେ ସହରକୁ ସଫା କରୁଛୁ । ଏବଂ ଏହି ମସଜିଦ୍‌ର ନିର୍ମାଣ ଚାଲିଥିବା ସମୟରେ ମଧ୍ୟ ବହୁତ ଓକାରେ ଅମଲ କାର୍ଯ୍ୟ ହୋଇଛି ।

ମୋହତମି ଖିଦ୍‌ମତେ ଖଲ୍କ ନିଜର ରିପୋର୍ଟ ପେଶ୍ କରି ବତାଇଲେ ଯେ ଏ ବର୍ଷ ଆମେ ସହରରେ ଦୁଇଥର ଫୁଡ୍ କ୍ୟାମ୍ପ ଲଗାଇଛୁ । ଏତଦ୍ ବ୍ୟତୀତ କ୍ୟାନ୍‌ସର୍ ପିଡୀତ ପିଲାମାନଙ୍କର ଫ୍ୟାମିଲିଙ୍କ ନିମନ୍ତେ ଗୋଟିଏ ଅର୍ଗାନାଇଜେସନ୍ ସହିତ ମିଶି ଫଣ୍ଡ ରେଜିଂ କରାଯାଇଛି । ''ମୁସ୍‌ଲିମ୍ ଫର୍ ପିସ୍'' ଅନ୍ତର୍ଗତ ଆମେ ଉକ୍ତ ପ୍ରୋଗ୍ରାମ୍ କରିଥିଲୁ ଓ ଏକ ଲକ୍ଷ୍ୟ ଛବିଶି ହଜାର କ୍ରୋନର୍ ଫଣ୍ଡ ରେଜିଂ କରିଥିଲୁ ।

ମୁହାସିବ୍ ସାହେବ ନିଜର ରିପୋର୍ଟ ଉପସ୍ଥାପନ କରି କହିଲେ- ଆମର ଏ ପର୍ଯ୍ୟନ୍ତ ହୋଇଥିବା ସମସ୍ତ ହିସାବ ସମ୍ପୂର୍ଣ୍ଣ ହୋଇଯାଇଛି । ଓ ପ୍ରତ୍ୟେକ ହିସାବର ଅଡିଟ୍ କରାଯାଉଛି ।

ମୋହତମିମ୍ ସେହତ୍ ଓ୍ୱ ଜିସ୍‌ମାନି ସାହେବ୍‌ଙ୍କ ଠାରୁ ହଜୁର୍ ଅନୁଓ୍ୱର୍ ରିପୋର୍ଟ ମାଗିଲେ । ଏଥିରେ ମୋହତମିମ୍ ସେହତ୍ ଓ୍ୱ ଜିସ୍‌ମାନି ସାହେବ୍ ବତାଇଲେ ଯେ ଆମେ ସ୍ପୋର୍ଟ୍‌ସ୍ ପାଇଁ ହଲ୍ ନେବାକୁ ଚେଷ୍ଟା କରୁଅଛୁ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଯେଉଁ ହଲ୍ ଆପଣମାନେ ବନାଇଛନ୍ତି ସେଥିରେ ସ୍ପୋର୍ଟ୍‌ସ୍ କରନ୍ତୁ । ନଚେତ୍ ଲଜ୍‌ନା ମାନଙ୍କୁ ବନାଇକି ଦିଅନ୍ତୁ, ସେମାନେ ସ୍ପୋର୍ଟ୍‌ସ୍ କରିବେ ।

ମୋହତମିମ୍ ତର୍‌ବିୟତ୍‌ଙ୍କୁ ହଜୁର୍ ଅନୁଓ୍ୱର୍ ତାଙ୍କ ବିଭାଗର ଯୋଜନା ଗୁଡିକ ବିଷୟରେ ପଚାରି ବୁଝିଲେ । ଏଥିରେ ମୋହତମିମ୍ ତର୍‌ବିୟତ୍ ସାହେବ୍ କହିଲେ ଯେ ହଜୁର୍ ଅନୁଓ୍ୱର୍‌ଙ୍କ ଖୁତ୍‌ବାଜୁମାର ଖୁଲାସା WhatsApp ଜରିଆରେ ଖୁଦାମ୍ ମାନଙ୍କୁ ପଠାଯାଉଛି ଏବଂ ଗ୍ରୁପ୍‌ଓ ଆକାରରେ ପ୍ରେରଣ କରାଯାଉଛି । ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ କି କେବଳ ଆମେଲାର ସଦସ୍ୟମାନେ ଏହି ଗ୍ରୁପ୍‌ରେ ସାମିଲ୍ ଅଛନ୍ତି ବା ସମସ୍ତ ଖୁଦାମ୍ ସାମିଲ୍ ଅଛନ୍ତି । ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ନିଜ ଗ୍ରୁପରେ ସବୁ ଖୁଦାମ୍ ମାନଙ୍କୁ ସାମିଲ୍ କରନ୍ତୁ ଓ ସମସ୍ତଙ୍କୁ ପଠାନ୍ତୁ । ଅତିକମ୍‌ରେ ସମସ୍ତ ଖୁଦାମ୍ ଖୁତ୍‌ବାକୁ ତ ଶୁଣିନେବେ । ଖୁତ୍‌ବା ଶୁଣିବା ପାଇଁ ଅଭ୍ୟାସ୍‌ରେ ପକାନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-କିଛି ଲୋକଙ୍କର ଆପତି ଅଛି ଯେ ଏଠାରେ ଯେଉଁ ଖୁତ୍‌ବା ହେଉଛି ତାହା ବହୁତ ଟାଣ ଓ ସେଥିରେ ବହୁତ୍ ତାଗିଦ୍ କରାଯାଉଛି । ମୋ ଖୁତ୍‌ବାରେ ତ ଏତେ ତାଗିଦ୍ କରାଯାଉନାହିଁ । ତେଣୁ ମୋ ଖୁତ୍‌ବାକୁ ଶୁଣ ଓ ଏଠିକାର ଖୁତ୍‌ବାକୁ ସହିଯାଓ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏ କଥାର ଅନୁଧାନ କରନ୍ତୁ ଯେ ଆପଣଙ୍କ ଆମେଲାରେ ପାଂଚବେଳ ନମାଜ ପଢୁଥିବା ଲୋକେ କେତେ ଅଛନ୍ତି । ପୁଣି ହଜୁର୍ ଅନୁଓ୍ୱର୍ ଆମେଲାର ସଦସ୍ୟମାନଙ୍କଠାରୁ ପଚାରି ବୁଝିଲେ ଆଜି ଫଜର୍ ନମାଜ କେଉଁମାନେ ପଢ଼ିଛନ୍ତି । ଏଥିରେ ଆମେଲାର ସଦସ୍ୟମାନେ ହାତ ଉଠାଇଲେ । କିଛି ସଦସ୍ୟ କହିଲେ ଯେ ଆମେ ସେ ସମୟରେ ଡ୍ୟୁଟି କରୁଥିଲୁ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଆପଣଙ୍କର ନିୟତ୍ ବାଜମାତ୍ ନମାଜ୍‌ରେ ଥିଲା । ହଦିସ୍‌ରେ ଆସୁଛି ''ଇନ୍ନମଲ୍ ଆମାଲୋ ବିନ୍ ନିୟାତ୍'' ଅର୍ଥାତ୍ କାର୍ଯ୍ୟର ଆଧାର ନିୟତ ଉପରେ ଥାଏ । ତେଣୁ ସବୁବେଳେ ଖୁଦାଙ୍କୁ ସମ୍ମୁଖରେ ରଖି କାର୍ଯ୍ୟ କରିବା ଉଚିତ୍ । ଜଣେ ବ୍ୟକ୍ତି ହଜରତ୍ ମସିହ୍ ମଉଦ୍ ଆ:ସଙ୍କୁ ପଚାରିଲେ ଯେ ମୋତେ ବତାନ୍ତୁ ଯେ ମୁଁ କଣ କରିବି ଓ କଣ ନ କରିବି । ଏଥିରେ ହଜୁର୍ ଆ:ସ କହିଲେ- ''ଅଲ୍ଲାଃ ସେ ଡରୋ ଅଓର୍ ସବ୍ କୁଛ୍ କରୋ'' ଅର୍ଥାତ୍ ଖୁଦାଙ୍କ ଭୟ ରଖି ସବୁକାର୍ଯ୍ୟ କରନ୍ତୁ । ଯଦି ଖୁଦାତାଲାଙ୍କର ଭୟ ରହିବ ତେବେ ମନୁଷ୍ୟ ସେହି ସବୁ କାର୍ଯ୍ୟ କରିବ, ଯାହା କରିବାକୁ ଖୁଦା ଚାହୁଁଥିବେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ନମାଜ ପାଠ କରିବା ଓ ପବିତ୍ର କୋରାନ୍‌ର ତିଲାଓ୍ୱତ୍ କରିବା ପାଇଁ ଅଧିକ ଜୋର୍ ଦିଅନ୍ତୁ । ମୁଁ ମୋର ପ୍ରତ୍ୟେକ ଖୁତ୍‌ବାରେ ଏଥିପ୍ରତି କିଛି ନା କିଛି ଧ୍ୟାନ ଆକର୍ଷଣ କରାଇଥାଏ । ଖୁଦାତାଲାଙ୍କ ଉପରେ ବିଶ୍ୱାସ ଆଣିବା ପରେ ନମାଜ ସ୍ଥାପନ କରିବା ପାଇଁ ହୁକୁମ୍ ଅଛି । ବାକି ମାଲି କୁର୍‌ବାନୀ ଇତ୍ୟାଦି ପରେ ଆସିଛି । ତେଣୁ ନମାଜ୍‌ର ଅଭ୍ୟାସ୍ କରନ୍ତୁ । ନିୟମିତ ପବିତ୍ର କୋରାନ୍ ପାଠ କରନ୍ତୁ । ଏହାର ଅନୁବାଦ ମଧ୍ୟ ପଢ଼ନ୍ତୁ । ଯେ ପର୍ଯ୍ୟନ୍ତ ଅନୁବାଦ ନ ଆସିବ ଆପଣମାନଙ୍କୁ ପବିତ୍ର କୋରାନ୍‌ର ମାନି ଓ ସେଥିରେ ଥିବା ନିର୍ଦ୍ଦେଶାବଳୀ ଗୁଡିକୁ ଜାଣିପାରିବେ ନାହିଁ ।

ହଜୁର୍ ଅନୁଓ୍ୱର୍ କହିଲେ-ଯୁବକ ମାନଙ୍କ ଉପରେ ବିଶେଷ ଧ୍ୟାନ ଦିଅନ୍ତୁ । ଜ୍ଞାନ ଆହରଣ କରନ୍ତୁ ଓ ତତ୍ ସହିତ ତା ଉପରେ ଅମଲ ମଧ୍ୟ କରନ୍ତୁ । ଜମାତ୍‌ର ପ୍ରତ୍ୟେକ ଲୋକ ଖିଲାଫତ୍ ସହିତ ସଂଶ୍ଳିଷ୍ଟ ହେବା ଉଚିତ୍ । ନିଜ ବିଭାଗୀୟ ମଜ୍‌ଲିସ୍‌ର ସେକ୍ରେଟାରୀ ମାନଙ୍କୁ ଆକ୍ଟିଭ୍ କରାନ୍ତୁ ଓ ଯୁବକ ମାନଙ୍କ ଟିମ୍ ଗଢ଼ନ୍ତୁ, ଯେଉଁମାନେ ନିଜର ସାଙ୍ଗ ସାଥି ମାନଙ୍କୁ ନିକଟକୁ ଟାଣିପାରିବେ । ମନମାଲିନ୍ୟ ହୋଇଥିଲେ ମଧ୍ୟ ସେ ସମସ୍ତଙ୍କୁ ମସଜିଦ୍ ସହିତ ଯୋଡ଼ି ରଖନ୍ତୁ । ଖିଲାଫତ୍ ସହିତ ଯୋଡ଼ନ୍ତୁ । ଯଦି ଆପଣ ଏପରି କରିନେବେ ତେବେ ତର୍‌ବିୟତ୍‌ର ସମସ୍ୟା ଗୁଡିକ ସମାଧାନ ହୋଇଯିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏମ୍.ଟି.ଏ ରେ ତର୍‌ବିୟତି ପ୍ରୋଗ୍ରାମ୍ ଆସୁଅଛି, ଜ୍ଞାନବର୍ଦ୍ଧକ ପ୍ରୋଗ୍ରାମ୍ ଆସୁଛି, ଖଲିଫାଏ ଓ୍ୱକ୍ତଙ୍କ ପ୍ରୋଗ୍ରାମ୍ ପ୍ରସାରଣ ହେଉଛି । ମୁଁ ଯାହା ନିଜ ଖୁତ୍‌ବାରେ କହିଥିଲି ଯେ ଯେଉଁମାନେ ଖୁତ୍‌ବା ଶୁଣିବାକୁ ଚାହାଁନ୍ତି ସେମାନେ ଶୁଣିପାରିବେ ବୋଲି, ତାହା ଏଥିପାଇଁ କହିଥିଲି ଯେ ଅତି କମ୍‌ରେ ମୋ ଖୁତ୍‌ବା ହିଁ ଶୁଣି ନିଅନ୍ତୁ ଓ ଏଥିପ୍ରତି ଲୋକମାନଙ୍କର ଧ୍ୟାନ ରହୁ । ଯେଉଁମାନେ ଅଳସୁଆ ଅଛନ୍ତି ସେ ପଛରେ ରହିଯାଉଛନ୍ତି । ସେଥିଯୋଗୁ ସେମାନଙ୍କୁ ଆକ୍ଟିଭ୍ କରିବା ଓ ନିକଟକୁ ଆଣିବା କେବଳ ଜଣେ ଲୋକର କାମ ନୁହେଁ । ସେଥିଯୋଗୁ ନିୟମିତ ଟିମ୍ ତିଆରି କରି ଯୋଜନାବଦ୍ଧ ରୂପେ କାର୍ଯ୍ୟ କରିବାକୁ ହେବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ସେମାନଙ୍କୁ କିପରି ଜମାତ୍ ସହିତ ଯୋଡ଼ିବାକୁ ହେବ ତା ଅନୁସାରେ ପ୍ରୋଗ୍ରାମ୍ ବନାନ୍ତୁ । ଯେଉଁ ଯୁବକ କୌଣସି ଓ୍ୱହଦାଦାର୍ ଯୋଗୁ ବା ଆଳସ୍ୟତା ଯୋଗୁ ବା ଏଠିକାର ସାଂସାରିକ କାର୍ଯ୍ୟକଳାପ ଯୋଗୁ ବା କୌଣସି ଅନ୍ୟ କାରଣ ଯୋଗୁ ପଛରେ ରହିଯାଉଛି ତାଙ୍କୁ ପାଖକୁ ଆଣନ୍ତୁ । ପ୍ରତ୍ୟେକଙ୍କୁ ତାର ଦୁର୍ବଳତା ଅନୁସାରେ ଉପଚାର କରିବାକୁ ପଡ଼ିବ । ଆପଣ, ଯିଏ ମୋହତମିମ୍ ତର୍‌ବିୟତ୍ ଅଛନ୍ତି ସେ ହେଉଛନ୍ତି ଡାକ୍ତର । ନିଜର ରୋଗୀଙ୍କ ପରି ସେହି ଦୁର୍ବଳ ଖୁଦାମ୍ ମାନଙ୍କର ତର୍‌ବିୟତି ମାମଲାର ମଧ୍ୟ ଉପଚାର କରନ୍ତୁ । ଏବଂ ପ୍ରତ୍ୟେକଙ୍କର ଅବସ୍ଥାକୁ ଦେଖି ତା ମୁତାବକ ଉପଚାର କରନ୍ତୁ ।

ହଜୁର୍ ଅନୁଓ୍ୱର୍ ମୋହତମିମ୍ ମାଲ୍ ସାହେବ୍‌ଙ୍କ ଠାରୁ ଖୁଦାମ୍‌ଙ୍କ ମାଲି ବଜେଟ୍ ଓ ଚାନ୍ଦା ପ୍ରଦାନକାରୀ ଖୁଦାମ୍ ମାନଙ୍କର ତଫ୍‌ସିଲି ଜାଏଜା (ବ୍ୟାପକ ଅନୁଧ୍ୟାନ) ନେଲେ । ତା ପରେ ହଜୁର୍ କହିଲେ- ଆପଣଙ୍କ ପାଖରେ ରୋଜଗାର କରୁଥିବା ଓ ବେରୋଜଗାର୍ ଖୁଦାମ୍ ମାନଙ୍କ ଲିଷ୍ଟ୍ ରହିବା ଉଚିତ୍ ।

ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏହା ତଜ୍‌ନିଦ୍ ବିଭାଗର କାମ ଅଟେ ଯେ, ସେ ଫର୍ମ ପୁରଣ କରିବେ ଓ କଓ୍ୱାଇଫ୍ (ଜୀବନି ତଥ୍ୟ) ସହିତ ଖୁଦାମ୍‌ଙ୍କ ସୂଚୀ ସମ୍ପୂର୍ଣ୍ଣ କରାନ୍ତୁ । ଖୁଦାମ୍‌ଙ୍କ ନାମ, ବାପାଙ୍କ ନାମ, ବୟସ, ଶିକ୍ଷା, ଶିକ୍ଷାର୍ଥୀ ଅଛନ୍ତି ବା କାମ କରୁଛନ୍ତି । ଏହିପରି ସମସ୍ତ କଓ୍ୱାଇଫ୍ ସମ୍ପୂର୍ଣ୍ଣ ହେବା ଉଚିତ୍ । ତଜ୍‌ନିଦ୍ ବିଭାଗକୁ ଇନ୍‌ଫର୍‌ମେସନ୍ ପ୍ରସଙ୍ଗରେ ଗ୍ରାସ୍ ରୁଟ୍ ଲେଭ୍‌ଲ୍ (ପ୍ରାଥମିକ ସ୍ତର)ରେ କାର୍ଯ୍ୟ କରିବା ଉଚିତ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଯଦି କୌଣସି ଖାଦିମ୍ ଚାନ୍ଦା ଦେଉଛି ବା ଦେଉନାହିଁ ତେବେ ତାଙ୍କ ନାମ ମଧ୍ୟ ଆପଣଙ୍କ ତଜ୍‌ନିଦ୍‌ରେ ସାମିଲ୍ ହେବା ଦରକାର । ଯଦି କୌଣସି ବ୍ୟକ୍ତି ମଧ୍ୟ ନିଜକୁ ଅହେମଦୀ ବୋଲି ବୋଲାଉଛି ଓ ସେ ଆକ୍ଟିଭ୍ ଅଛି ବା ନାହିଁ, ଚାନ୍ଦା ଦେଉଛି ବା ଦେଉନାହିଁ, ମାସର ତୃତୀୟ ବା ଚତୁର୍ଥ ଜୁମା ପଢ଼ି ନେଉଛି ବା କେବଳ ଇଦ୍ ସମୟରେ ଆସୁଛି । ଏ ସମସ୍ତ ବିବରଣୀ ତଜ୍‌ନିଦ୍‌ରେ ସାମିଲ୍ ହେବା ଉଚିତ୍ । ପୁଣି ତର୍‌ବିୟତ ବିଭାଗ ଅଛି । ତାର କାମ ହେଉଛି ସେ ଏପରି ଖୁଦାଙ୍କ ସହିତ ସମ୍ପର୍କ ଯୋଡ଼ି ତାକୁ ଆକ୍ଟିଭ୍ କରିବେ ।

ମୋହତମିମ୍ ମାଲ୍ ସାହେବ୍ ବତାଇଲେ ଯେ ଖୁଦାମ୍‌ଙ୍କ ବଜେଟ୍ ୮୦ ହଜାର୍ କ୍ରୋନର୍ ଓ ୫୩ ଜଣ ଖୁଦାମ୍ ଚାନ୍ଦା ଦେଉଛନ୍ତି । ସେମାନଙ୍କର ଚାନ୍ଦା ମଜ୍‌ଲିସ୍ ହେଉଛି ୬୫ ହଜାର୍ କ୍ରୋନର୍ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆପଣ ଖୁଦାମ୍‌ଙ୍କୁ ବାତନ୍ତୁ ଯେ ଚାନ୍ଦା କୌଣସି ଟ୍ୟାକ୍ସ ନୁହେଁ ଏହା ଖୁଦାତାଲାଙ୍କର ହୁକୁମ୍ ଅଟେ ଓ ସେମାନଙ୍କ ଏହା ମଧ୍ୟ ବତାନ୍ତୁ ଯେ ଏହ ଖୁଦାତାଲାଙ୍କର ପ୍ରସନ୍ନତା ଓ ରଜା ହାସଲ କରିବାର ମାଧ୍ୟମ ଅଟେ । ସେମାନଙ୍କୁ ଏହା ମଧ୍ୟ ବତାନ୍ତୁ ଏ ଚାନ୍ଦାକୁ କେଉଁ କେଉଁ କାର୍ଯ୍ୟରେ ଲଗାଯାଉଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ୟୁ.କେ

ରେ ଖୁଦାମୁଲ୍ ଅହେମଦୀୟା ଇଜ୍‌ତିମା ସମୟରେ ଏହିଭଳି ଖୁଦାମ୍‌ଙ୍କୁ ଚେଷ୍ଟା କରି ଅଣାଗଲା, ଯେଉଁମାନେ ବହୁତ ପଛରେ ଥିଲେ । ଏବଂ କିଛି ଖୁଦାମ୍‌ଙ୍କର ଆପତି ଅଭିଯୋଗ ମଧ୍ୟ ଥିଲା । ଓ କିଛି ବିଲକୁଲ୍ ଚାନ୍ଦା ଦେଉନଥିଲେ ଓ କିଛି ଖୁଦାମ୍ ବହୁତ କମ୍ ଚାନ୍ଦା ଦେଉଥିଲେ । ସେଠାରେ ପ୍ରଶ୍ନୋତରର ପ୍ରୋଗ୍ରାମ୍ ରଖାଗଲା । ଜାମିଆ ଅହେମଦୀୟା ୟୁ.କେ ର ଶିକ୍ଷାର୍ଥୀମାନେ ପ୍ରଶ୍ନର ଉତର ସବୁ ଦେଲେ । ଚାନ୍ଦାର ଗୁରୁତ୍ୱକୁ ବତାଇ ତାର ଖର୍ଚ୍ଚ ବାବଦରେ ମଧ୍ୟ ବିଶେଷ ବିବରଣୀ ଦେଲେ । ସେହି ଖୁଦାମ୍ ମାନେ ଖୋଲାଖୋଲି ରୂପେ ଏପରି ପ୍ରଶ୍ନ ପଚାରିଲେ ଯାହା ସେ ବଡ଼ଙ୍କୁ ପଚାରିବା ପାଇଁ ଡରୁଥିଲେ । ଉଦାହରଣ ସ୍ୱରୂପ ଏ ଚାନ୍ଦା କେଉଁଠି ଖର୍ଚ୍ଚ ହେଉଛି, କଣ ପାଇଁ ଆଦାୟ ହେଉଛି, ଏହାର ଉଦ୍ଦେଶ୍ୟ କଣ ଇତ୍ୟାଦି । ତେବେ ଏ ସମ୍ପର୍କୀୟ ସମସ୍ତ ବିଶେଷ ବିବରଣୀ ବ୍ୟାଖ୍ୟା କରି ସେମାନଙ୍କୁ ବତାଇ ଦିଆଗଲା ଓ ସେମାନଙ୍କ ପ୍ରତ୍ୟେକ ପ୍ରଶ୍ନର ଉତର ଦିଆଗଲା । ଫଳତଃ ସେମାନେ ଆତ୍ମସନ୍ତୋଷ ଲାଭ କଲେ । ସେମାନଙ୍କୁ ଚାନ୍ଦାର ଗୁରୁତ୍ୱ ଓ ଖୁଦାତାଲାଙ୍କ ହୁକୁମ୍ (ନିର୍ଦ୍ଦେଶାବଳୀ) ବିଷୟରେ ବତାଇ ଦିଆଗଲା । ଏହାପରେ ସେମାନେ ନିଜେ କହିଲେ ଯେ ଆମେ ପ୍ରଥମେ ଭାବୁଥିଲୁ, ଏହି ଅର୍ଥ ସବୁ ଏକତ୍ରିତ କରି ରଖିବା ପାଇଁ ଗୋଟିଏ ଜରିଆ ଅଟେ ବୋଲି । କିନ୍ତୁ ବର୍ତମାନ ଆମକୁ ଅସଲ ବାସ୍ତବିକତା ଜଣାପଡ଼ିଗଲା । ତେବେ ଏପରି ଖୁଦାମ୍ ନିଜେ ଅର୍ଥ ବାହାର କରି ସେକ୍ରେଟାରୀ ମାଲ୍‌ଙ୍କୁ ପଇଠ କରିଦେଲେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଖୁଦାମ୍ ତ ଚାନ୍ଦା ଦେଉଛନ୍ତି, ଭୁଲ୍ ହେଉଛି ସେହି ଓ୍ୱହ୍‌ଦାଦାର୍ ମାନଙ୍କର, ଯେଉଁମାନେ ସେମାନଙ୍କୁ ଚାନ୍ଦାର ଉଦ୍ଦେଶ୍ୟ ଓ ଗୁରୁତ୍ୱ ବିଷୟରେ ସ୍ପଷ୍ଟ ରୂପେ ବତାଉନାହାଁନ୍ତି । ସେଗୁଡ଼ିକର ଆବଶ୍ୟକତା ଓ ତାର ଖର୍ଚ୍ଚ ବାବଦରେ ମଧ୍ୟ ବତାଉନାହାଁନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ବିଶେଷ ରୂପେ ଯୁବଗୋଷ୍ଠୀଙ୍କୁ ଚାନ୍ଦାର ଗୁରୁତ୍ୱ ବିଷୟରେ ଜ୍ଞାନ ରହିବା ଆବଶ୍ୟକ ଏବଂ ସେମାନଙ୍କୁ ଏହା ମଧ୍ୟ ଜଣାଇବା ଉଚିତ୍ ଯେ କେଉଁଠାରେ ଏହା ଖର୍ଚ୍ଚ ହେଉଅଛି । ପୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ମୁଁ ତହେରିକ୍ ଯଦିଦ୍ ଓ ୱକ୍‌ଫେ ଯଦିଦ୍ ବିଷୟରେ ଦେଉଥିବା ଖୁତ୍‌ବା ଗୁଡ଼ିକରେ ଏହା ବତାଇ ଦିଏ ଯେ ଏହି ସବୁ ଚାନ୍ଦା ଗୁଡ଼ିକ କେଉଁଠାରେ ଖର୍ଚ୍ଚ କରାଯାଉଛି ଓ କେଉଁ କାର୍ଯ୍ୟ ଯୋଗୁ ଖର୍ଚ୍ଚ କରାଯାଉଛି । ମସ୍‌ଜିଦ୍, ମିଶନ୍ ହାଉସ୍ ଓ ଜମାତି ସେଂଟର୍ ନିର୍ମାଣ, ଏମ୍.ଟି.ଏ ଚ୍ୟାନେଲ, ଇଶାଅତ୍ ଓ କିଛି ଅନ୍ୟ ବହୁତ ଗୁଡ଼ିକ କାର୍ଯ୍ୟରେ ଓ ଆଉ କିଛି ଯୋଜନାବଦ୍ଧ କାର୍ଯ୍ୟ ଅଛି ଯେଉଁଥିରେ ଏହା ସବୁ ଖର୍ଚ୍ଚ କରାଯାଏ । ଆଫ୍ରିକାରେ ଓ କିଛି ଅନ୍ୟ ଦେଶଗୁଡ଼ିକରେ ମଧ୍ୟ ଖର୍ଚ୍ଚ କରାଯାଏ । ଏହା ମୁଁ ଏଥିପାଇଁ ବତାଉଛି ଯେ ଯଦ୍ୱାରା ଲୋକମାନେ ଜାଣିପାରିବେ କେଉଁଠାରେ ଖର୍ଚ୍ଚ ହେଉଛି । ବହୁତ ଲୋକେ ମୋତେ ଚିଠି ଲେଖୁଛନ୍ତି ଯେ ଖୁତ୍‌ବା ଶୁଣି ଆମକୁ ଜଣାପଡ଼ିଲା ଯେ ଯମାତ୍ରରେ କେତେ ବ୍ୟାପକ କାର୍ଯ୍ୟ ସବୁ ରହିଛି । ଏବଂ ସେଥିରେ ବହୁମାତ୍ରାରେ ଖର୍ଚ୍ଚ କରାଯାଉଛି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଡେନ୍‌ମାର୍କ୍ ଜମାତ୍ ତ ବହୁତ ଛୋଟ ଜମାତ୍ ଅଟେ । ଏଠାରେ ଖୁଦାମ୍‌ଙ୍କୁ ନିଜ ଚାନ୍ଦା ନିଜାମ୍‌ରେ ଶତ ପ୍ରତିଶତ ସାମିଲ୍ ହେବା ଉଚିତ୍ । ଆପଣମାନେ ନିଜର ଯୁବପିଢ଼ୀଙ୍କୁ ଯଦି ସମ୍ଭାଳିନେବେ ତେବେ ଆଗକୁ ବଢ଼ିପାରିବେ ।

ହଜରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହିଥିଲେ- *''କୌମୋଁ କି ଇସ୍‌ଲାହ ନୌ ଯଓ୍ୱାନୌଁ କି ଇସ୍‌ଲାହ୍ କେ ବଗୈର୍ ନେହିଁ ହୋ ସକ୍‌ତି''* । ଅର୍ଥାତ୍- ଜାତିର ସୁଧାର ଯୁବଗୋଷ୍ଠୀଙ୍କ ସୁଧାର ବିନା ହୋଇପାରେନାହିଁ । ମୁଁ ଯେଉଁ ନିର୍ଦ୍ଦେଶ ଦେଇଥିଲି ଯେ ଏହାକୁ ଏକ ମଞ୍ଜି ରୂପେ ଖୁଦାମ୍ ନିଜର ଛାତିରେ ଲଗାନ୍ତୁ । ଏହା ଏଥିଯୋଗୁ କହିଥିଲି ଯେ ଯାହାଦ୍ୱାରା ସବୁବେଳେ ଏକଥା ଆପଣମାନଙ୍କ ମନରେ ରହିବ ଯେ ଆପଣଙ୍କ ନିକଟରେ ବହୁତ ବଡ଼ ଦାୟିତ୍ୱ ରହିଛି ଓ ଏହାକୁ ନେଇ ଆପଣ ଉନ୍ନତି କରିବେ ଓ ଆଗକୁ ବଢ଼ିପାରିବେ ।

ହଜୁର୍ ଅନୁୱର୍ କହିଲେ- ଯେଉଁ ଖୁଦାମ୍ ମାନେ ଏହା କହୁଛନ୍ତି କି ଆମର ଖର୍ଚ୍ଚ ବହୁତ ଅଧିକ ଓ ଆମଦାନୀ କମ୍ ସେଥିଯୋଗୁ ଆମେ ଚାନ୍ଦା ଦେଇପାରିବୁ ନାହିଁ, ତେବେ ସେମାନେ ନିଶ୍ଚିତ ରୂପେ ଚାନ୍ଦା ନଦିଅନ୍ତୁ । କିନ୍ତୁ ଚାନ୍ଦାର ଗୁରୁତ୍ୱ ଏବଂ ଏହାର ଆବଶ୍ୟକତା ବିଷୟରେ ଅନୁଭବ କରିବାକୁ ପଡ଼ିବ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ତରବିୟତ୍ କରନ୍ତୁ । ଏହାଦ୍ୱାରା ଆପଣଙ୍କର ଚାନ୍ଦାର ସମସ୍ୟା ଗୁଡ଼ିକ ସମାଧାନ ହୋଇଯିବ । ତତ୍ ସହିତ ଖୁଦାମ୍‌ମାନେ ମଧ୍ୟ ଆକ୍ଟିଭ୍ ହୋଇଯିବେ । ତରବିୟତ୍ ବିଭାଗ ବହୁତ ଗୁରୁତ୍ୱପୂର୍ଣ୍ଣ ବିଭାଗ ଅଟେ । ସେଥିପାଇଁ ସ୍କିମ୍ ବନାନ୍ତୁ ଯେ କିପରି ଲୋକମାନଙ୍କ ସହିତ ମିଳିପାରିବେ, କିପରି ନିଜି ସମ୍ପର୍କ ବନାଇପାରିବେ । କିପରି ବନ୍ଧୁତ୍ୱ ସୃଷ୍ଟି କରିପାରିବେ । କେହି ଖରାପ ହୁଅନ୍ତୁ ବା ଭଲ ହୁଅନ୍ତୁ, ଆପଣମାନେ ସମସ୍ତଙ୍କ ସହିତ ବନ୍ଧୁତ୍ୱ ସ୍ଥାପନ କରିବେ । ଏବଂ ପୁଣି ତାଙ୍କ ତରବିୟତ୍ କରିବା ନିମନ୍ତେ ସମ୍ପୂର୍ଣ୍ଣ ରୂପେ ଚେଷ୍ଟା କରିବେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ୟୁ.କେ ରେ ନର୍ଥର ମଜ୍‌ଲିସ୍ ବିଷୟରେ ଏ ଆପତି ଥିଲା ଯେ ସେମାନେ ପଛରେ ଅଛନ୍ତି, ଆକ୍ଟିଭ୍ ନାହାଁନ୍ତି । ଓ ପ୍ରକୃତରେ ସେଠିକାର କିଛି ଖୁଦାମ୍ ମଧ୍ୟ ବହୁତ ପଛରେ ରହିଥିଲେ । ତେଣୁ ତାଙ୍କ ସହିତ ଖୁଦାମୁଲ୍ ଅହେମଦୀୟା ଯୋଗାଯୋଗ କଲା । ତାଙ୍କ ସହିତ ସମ୍ପର୍କକୁ ବଢ଼ାଇଲା । ସେଠାରୁ ଗ୍ରୁପ୍‌ସ୍ ଲଣ୍ଡନ୍ ଆସିଲେ । ସେମାନଙ୍କ ସହିତ ମୋର ସାକ୍ଷାତ୍ ହେଲା । ସେଥିଯୋଗୁ ସେମାନଙ୍କ ମଧ୍ୟରେ ତାଙ୍କ ଭିତରେ ଏକ ବିଶେଷ ପରିବର୍ତନ ସୃଷ୍ଟି ହୋଇଗଲା । ବର୍ତମାନ କୁହାଯାଉଛି ଯେ ନର୍ଥର ମଜ୍‌ଲିସ୍ ଗୁଡ଼ିକ ଲଣ୍ଡନ୍‌ର ମଜ୍‌ଲିସ୍ ଠାରୁ ବହୁତ ଆଗକୁ ବଢ଼ି ସାରିଛନ୍ତି ।

ମୋହତମିମ୍ ତଜ୍‌ନିଦ୍‌ଙ୍କୁ ହଜୁର୍ ଅନୁୱର୍ ହିଦାୟତ୍ ଦେଲେ ଯେ ନିଜର ତଜ୍‌ନିଦ୍‌କୁ ସମ୍ପୂର୍ଣ୍ଣ କରନ୍ତୁ, ଦେଖନ୍ତୁ କେତୋଟି ମଜ୍‌ଲିସ୍ ଅଛନ୍ତି ଓ କେଉଁଠାରେ କାଏଦ୍ ନାହାଁନ୍ତି । ତଜ୍‌ନିଦ୍ ସମ୍ପୂର୍ଣ୍ଣ କରିବା ପାଇଁ ଉକ୍ତ ମଜ୍‌ଲିସ୍ ଗୁଡ଼ିକ ପଛରେ ଲାଗି ଯାଆନ୍ତୁ । ପ୍ରେମ ଓ ସ୍ନେହର ସହିତ ଲାଗି କାମ କରିବାକୁ ହେବ ।

ମୋହତମିମ୍ ତହ୍‌ରିକେ ଯଦିଦ୍‌ଙ୍କୁ ହଜୁର୍ ଅନୁୱର୍ ହିଦାୟତ୍ ଦେଇ କହିଲେ ଯେ ଆପଣ ତ ଯୁବକ ଅଛନ୍ତି ଓ କମ୍ ବୟସର ଅଛନ୍ତି । ଆପଣ ପଛରେ ଲାଗି କାର୍ଯ୍ୟ କରିପାରିବେ । ତହରିକ୍ ଯଦିଦ୍‌ରେ ସମସ୍ତଙ୍କୁ ସାମିଲ୍ କରିବା ପାଇଁ ଚେଷ୍ଟା କରନ୍ତୁ ।

ମୋହତମିମ୍ ତହ୍‌ରିକେ ଯଦିଦ୍ ବତାଇଲେ ଯେ ୭୦ ଜଣ ଖୁଦାମ୍ ତେହ୍‌ରିକ୍ ଯଦିଦ୍‌ର ଚାନ୍ଦା ପ୍ରଦାନ କରିଛନ୍ତି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଏହାର ଅର୍ଥ ହେଉଛି ମଜ୍‌ଲିସ୍‌ର ଚାନ୍ଦାଠାରୁ ଅଧିକା ଖୁଦାମ୍ ମାନେ ତେହ୍‌ରିକ୍ ଯଦିଦ୍‌ରେ ଚାନ୍ଦା ଦେଇଛନ୍ତି । ଏହାକୁ ଆହୁରି ଆଗକୁ ବଢ଼ାଇ ଦିଆଯାଇପାରିବ । ଏହାର ଅର୍ଥ ହେଉଛି ଖୁଦାମ୍‌ଙ୍କ ଠାରୁ ସେମାନଙ୍କର ମାସିକ ଚାନ୍ଦା ଆଦାୟ କରିବାରେ ଅବହେଳା କରାଯାଉଛି । ତେହ୍‌ରିକ୍ ଯଦିଦ୍‌ରେ ଭାଗ ନେଉଥିବା ଖୁଦାମ୍‌ଙ୍କର ସଂଖ୍ୟା ବଢ଼ିଗଲାଣି ।

ହଜୁର୍ ଅନୁୱର୍ ମୋହତମିମ୍ ମାଲ୍‌ଙ୍କୁ କହିଲେ ଯେ ଯେଉଁ ବିଦ୍ୟାର୍ଥୀମାନେ ରୋଜଗାର କରୁଛନ୍ତି ସେମାନଙ୍କର ଅଲଗା ସୂଚୀ ବନାନ୍ତୁ ଏବଂ ଯେଉଁମାନେ ରୋଜଗାର କରୁନାହାଁନ୍ତି ସେମାନଙ୍କର ମଧ୍ୟ ଅଲଗା ସୂଚୀ ହେବା ଉଚିତ୍ । ପୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ ପରିଶ୍ରମର ସହିତ କାର୍ଯ୍ୟ କରନ୍ତୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ସର୍ବପ୍ରଥମେ ଆମେଲାର ସଦସ୍ୟମାନେ ପାଂଚବେଳା ନମାଜକୁ ଅଭ୍ୟାସରେ ପରିଣତ କରନ୍ତୁ । ଏହାପରେ ପୁଣି ଆଗକୁ କାର୍ଯ୍ୟ କରନ୍ତୁ । ମୋହତମିମ୍ ସନ୍‌ଅତ୍ ଓ୍ୱ ତିଜାରତ୍ ସାହେବ୍‌ଙ୍କୁ ହଜୁର୍ ଅନୁୱର୍ ହିଦାୟତ୍ ଦେଇ କହିଲେ-ଯାହା କିଛି ମଧ୍ୟ ଆପଣଙ୍କର ଯୋଜନା ଅଛି ତା ମୁତାବକ କାର୍ଯ୍ୟ କରନ୍ତୁ ।

ମୋହତମିମ୍ ଇଶାଅତ୍‌ଙ୍କୁ ହଜୁର୍ ଅନୁୱର୍ ତାଙ୍କ କାର୍ଯ୍ୟ ସମ୍ବନ୍ଧରେ ପଚାରି ବୁଝିଲେ । ଏଥିରେ ମୋହତମିମ୍ ଇଶାଅତ୍ କହିଲେ ଯେ ଆମର ଯେଉଁ ପତ୍ରିକା ଅଛି ତାର ନାମ ନୁର୍ ମାଗାଜିନ୍ ଅଟେ । ଏହା ତ୍ରୈମାସିକ ଅଟେ । କିନ୍ତୁ ନିୟମିତ ପ୍ରକାଶ ହେଉନାହିଁ । ଏହି ପତ୍ରିକାଟି ଡେନିଶ୍ ଭାଷାରେ ଅଛି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ନିଜର ଏହି ପତ୍ରିକାଟିକୁ ନିୟମିତ ପ୍ରକାଶ କରନ୍ତୁ । ଯଦି ଏହି ପତ୍ରିକାଟି ପ୍ରଥମେ ବନ୍ଦ୍ ଥିଲା ଓ ଏହାର ପ୍ରକାଶନ ରୋକି ଯାଇଥିଲା ତେବେ ଏବେ ପୁନର୍ବାର ତାକୁ ଆରମ୍ଭ କରନ୍ତୁ । ଉନ୍ନତଶୀଳ ଜାତି ତ ଏପରି ହୁଏନାହିଁ ଯେ ଯେଉଁ କାର୍ଯ୍ୟ ହେଉଅଛି ତାକୁ ସେ ବନ୍ଦ୍ କରିଦେଉ । ପୁଣି ଯଦି ଏହା ରୋକିଯାଏ ସେ ସେଠାରେ ବସିଯାଉ । ମୋହତମିମ୍ ଇଶାଅତ୍ ନିଜର ରିପୋର୍ଟ ଉପସ୍ଥାପନ କରି କହିଲେ ଯେ ପୁସ୍ତକ 'ଲାଇଫ୍ ଅଫ୍ ମୁହମ୍ମଦ୍' ର ଡେନିଶ୍ ଭାଷାରେ ଅନୁବାଦ ହୋଇସାରିଛି । ଏହି କାର୍ଯ୍ୟକୁ ଖୁଦାମ୍‌ଙ୍କର ଟିମ୍ ସମ୍ପାଦନ କରିଛନ୍ତି । ଏବେ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକ *''ଗୁନ୍‌ହା ସେ ନଜାତ୍ କ୍ୟୁଁ କର୍ ମିଲ୍ ସକ୍‌ତି ହେ''* ଅର୍ଥାତ୍ ପାପରୁ ମୁକ୍ତି କିପରି ମିଳିପାରିବ ର ଅନୁବାଦ ହେଉଅଛି ।

ହଜୁର୍ ଅନୁୱର୍ ହିଦାୟତ୍ ଦେଇ କହିଲେ-ପୁସ୍ତକ ଲାଇଫ୍ ଅଫ୍ ମୁହମ୍ମଦ୍‌କୁ ଅଧିକରୁ ଅଧିକ ବଂଟନ କରାଯିବା ଉଚିତ୍ ।

ମୋହତମିମ୍ ଉମୁମୀଙ୍କ ଠାରୁ ହଜୁର୍ ଅନୁୱର୍ ଖୁଦାମ୍‌ଙ୍କ ଡ୍ୟୁଟି ବିଷୟରେ ପଚାରି ବୁଝିଲେ । ଏଥିରେ ମୋହତମିମ୍ ଉମୁମୀ ସାହେବ ବତାଇଲେ ଯେ ବର୍ତମାନ ୬୫ ଜଣ ଖୁଦାମ୍ ବିଭିନ୍ନ ବିଭାଗରେ ଡ୍ୟୁଟି ଦେଉଛନ୍ତି । ଏତଦ୍‌ବ୍ୟତୀତ ୧୦ ଜଣ ଅତ୍‌ଫାଲ୍ ମଧ୍ୟ ଡ୍ୟୁଟି କରୁଛନ୍ତି । ହଜୁର୍ ଅନୁୱର୍‌ଙ୍କର ଆଗମନ ଯୋଗୁ ଖୁଦାମ୍ ମାନେ ବହୁତ ଆକ୍ଟିଭ୍ ହୋଇଯାଇଛନ୍ତି

ମୋହତମିମ୍ ତାଲିମ୍ ସାହେବ୍ ନିଜର ରିପୋର୍ଟ୍ ଉପସ୍ଥାପନ କରି ବତାଇଲେ ଯେ ବର୍ଷ ୨୦୧୬ ମସିହାର ତାଲିମି ନିସାବ୍ (ଶିକ୍ଷା ପାଠ୍ୟକ୍ରମ) ପ୍ରସ୍ତୁତ କରାଯାଇ ଖୁଦାମ୍‌ଙ୍କୁ ଦିଆଯାଇଛି । ମୋତାଲିଆ କୁତୁବ୍ (ପୁସ୍ତକ ଅଧ୍ୟୟନ) କରିବା ପାଇଁ ''ବର୍‌କାତୁତ୍ ଦୁଆ'' ଏବଂ ''ଗୁନ୍‌ହା ସେ ନଜାତ୍ କ୍ୟୁଁ କର୍ ମିଲ୍ ସକ୍‌ତି ହେ'' ସାମିଲ୍ କରାଯାଇଛି ।

ଏଥିରେ ହଜୁର୍ ଅନୁୱର୍ କହିଲେ-ଖୁଦାମ୍ ମାନଙ୍କୁ ଅଧ୍ୟୟନ କରିବା ପାଇଁ ସେହି ସବୁ ପୁସ୍ତକ ଗୁଡ଼ିକୁ ରଖାଯାଉ ଯାହା ଡେନିଶ୍ ଭାଷାରେ ମଧ୍ୟ ଅଛି । ପୁସ୍ତକ ଗୁଡ଼ିକ ଦେଇ ବସି ଯାଆନ୍ତୁ ନାହିଁ । ଆପଣ ପ୍ରତ୍ୟେକ ଖାଦିମ୍‌ଙ୍କ ଠାରୁ ଏ ଖବର ରଖିବେ ଯେ ସେମାନେ ପୁସ୍ତକକୁ ପଢ଼ୁଛନ୍ତି ବା ପଢ଼ୁନାହାଁନ୍ତି । ନିୟମିତ ରୂପେ ଫିଡ୍‌ବ୍ୟାକ୍ ନିଅନ୍ତୁ । ଚେଷ୍ଟା କରନ୍ତୁ ଯେ ଯାହାକିଛି ପୁସ୍ତକ ଅଧ୍ୟୟନ ପାଇଁ ଦେଉଅଛ ସେଗୁଡ଼ିକ ଅନୁବାଦ କରି ଓ୍ୱେବ୍‌ସାଇଟ୍‌ରେ ରଖନ୍ତୁ ବା ପ୍ରିଂଟ୍ କରି ଖୁଦାମ୍‌ଙ୍କୁ ଯୋଗାଇ ଦିଅନ୍ତୁ ।

ପୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଅଲ୍‌ଫଜଲ୍ ରବ୍‌ଓ୍ୱାରେ ମୋ ଖୁତ୍‌ବା ଗୁଡ଼ିକ ପ୍ରଶ୍ନୋତର ଆକାରରେ ଛପାଯାଉଛି । ଆପଣ ମଧ୍ୟ ଖୁତ୍‌ବାରୁ ପ୍ରଶ୍ନୋତର ବାହାର କରି ଡେନିଶ୍ ଭାଷାରେ ଅନୁବାଦ କରି ନିଜ

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.3 Thursday 15 March 2018 Issue No.11

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.300/- (Per Issue:Rs.6/-) (**WEIGHT** - 20-50gms/issue)

## ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଡେନ୍‌ମାର୍କ ଗସ୍ତ-ମଇ ୨୦୧୬ ର କାର୍ଯ୍ୟବ୍ୟସ୍ତତା

◆ୱକ୍‌ଫେ ଆରଜି ପ୍ରଥମେ ନିଜ ଆମେଲାଙ୍କ ମଧ୍ୟରୁ ଆରମ୍ଭ କରନ୍ତୁ । ପୁଣି ଅନ୍ୟମାନଙ୍କୁ ୱକ୍‌ଫେ ଆରଜି କରିବା ପାଇଁ ପ୍ରୋତ୍ସାହିତ କରନ୍ତୁ ◆ ନମ୍ରତାର ସହିତ ଏ କଥାର ଅନୁଧ୍ୟାନ କରନ୍ତୁ ଯେ ନିୟମିତ ନମାଜ ପାଠ କରାଯାଉଛି ବା ନୁହେଁ । ପବିତ୍ର କୋରାନ୍‌ର ତିଲାୱତ୍ ହେଉଅଛି କି ନାହିଁ । ଏମ୍.ଟି.ଏ ସହିତ ସମ୍ପର୍କ ଅଛି ବା ନାହିଁ । ସମସ୍ତଙ୍କୁ ଏମ୍.ଟି.ଏ ସହିତ ସଂଯୋଗ କରନ୍ତୁ । ଏବଂ ପ୍ରେମଭାବ ଦ୍ୱାରା ନିକଟକୁ ଟାଣି ଆଣନ୍ତୁ ◆ ଏପରି ପ୍ରୋଗ୍ରାମ୍ ବନାନ୍ତୁ ଯେ ଯଦ୍ୱାରା ମସ୍‌ଜିଦ୍ ଓ ଜମାତି ସେଂଟର୍‌କୁ ଯିବା ଆସିବା ଲାଗିରହିବ । ଏବଂ ଜମାତ୍‌ର ଲୋକମାନେ ଆକ୍ଟିଭ୍ ରହିବେ◆Skype ମାଧ୍ୟମରେ ପବିତ୍ର କୋରାନ୍ ପଢ଼ାଇବା ବିଷୟରେ ଜାଏଜା ନିଅନ୍ତୁ◆ଚେକ୍ କରି ଦେଖନ୍ତୁ ଯେ ଅନ୍‌ସାରଙ୍କୁ କୁରୁଆନ୍ କରିମ୍ ପଢ଼ିବା ଆସୁଅଛି ବା ନାହିଁ । ଏବଂ ପୁଣି କୁରୁଆନ୍ କରିମ୍ ଶିଖାଇବାର ପ୍ରୋଗ୍ରାମ୍ ବନାନ୍ତୁ◆ ଆମେଲା ଯାହା କିଛି ପ୍ରୋଗ୍ରାମ୍ ବନାଉଛି ବା ବନାଇବ ସର୍ବଦା ପ୍ରଥମ ସମ୍ବୋଧନ ସେ ନିଜେ ନିଜକୁ ହିଁ ଭାବନ୍ତୁ । ମୋର ପ୍ରତ୍ୟେକ ଖୁତ୍‌ବାର ପ୍ରଥମ ସମ୍ବୋଧନ ନିଜକୁ ବୋଲି ଭାବନ୍ତୁ । ଏହାପରେ ଅନ୍ୟମାନଙ୍କୁ ତା ଉପରେ ଅମଲ କରାନ୍ତୁ◆ନିଜର ଅଭିଯୋଗ ଗୁଡ଼ିକୁ ନିଜ ଦୀନ୍ ଉପରେ ଗୁରୁତ୍ୱ ଦିଅନ୍ତୁ ନାହିଁ । ନିଜ ଅଭିଯୋଗ ଗୁଡ଼ିକୁ ନିଜ ଭିତରେ ହିଁ ସିମୀତ ରଖନ୍ତୁ । ଏହାକୁ ଆଗକୁ ବଢ଼ାନ୍ତୁ ନାହିଁ ଓ ନିଜ ଘରେ ମଧ୍ୟ ଏହାର ଚର୍ଚ୍ଚା କରନ୍ତୁ ନାହିଁ । ନିଜାମ୍ ବିରୁଦ୍ଧରେ କୌଣସି କଥା ହୁଅନ୍ତୁ ନାହିଁ । ଦୁଆ କରନ୍ତୁ ଓ ନିଜର ଅସୁବିଧା ଗୁଡ଼ିକ ନିମନ୍ତେ ଖୁଦାଙ୍କ ନିକଟରୁ ସାହାଯ୍ୟ ଭିକ୍ଷା କରନ୍ତୁ◆ଏମ୍.ଟି.ଏ ରେ ଆସୁଥିବା ମୋ ଖୁତ୍‌ବା ଗୁଡ଼ିକ ସହିତ ନିଜ ପିଲାମାନଙ୍କୁ ଯୋଡ଼ି ରଖନ୍ତୁ । ଏହ ବହୁତ ଜରୁରୀ ଅଟେ ଯେ ନିଜ ନିଜ ଘରେ ନିଜ ପିଲାମାନଙ୍କୁ ଏମ୍.ଟି.ଏ ସହିତ ସାମିଲ୍ କରାନ୍ତୁ ।

**(ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମେଲା ଅନ୍‌ସାରୁଲ୍ଲାଃ ଡେନ୍‌ମାର୍କଙ୍କୁ ହଜୁର୍ ଅନୁୱର୍ ଅ:ବ:ଅଙ୍କ ମୂଲ୍ୟବାନ ଉପଦେଶ)**

***(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ୱକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)***

**୦୭ ମଇ ୨୦୧୬ ଶନିବାର**

ଏହାପରେ ପ୍ରୋଗ୍ରାମ୍ ମୁତାବକ ହଜୁର୍ ଅନୁୱର୍ ଅ:ବ:ଅ ଲାଇବ୍ରେରି ହଲ୍‌ରେ ପଦାର୍ପଣ କଲେ, ଯେଉଁଠି ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମେଲା ଅନ୍‌ସାରୁଲ୍ଲାଃ ଡେନ୍‌ମାର୍କ୍‌ର ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ମିଟିଂ ଆରମ୍ଭ ହେଲା ।

**ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମେଲା ଅନ୍‌ସାରୁଲ୍ଲାଃ ଡେନ୍‌ମାର୍କ୍‌ର ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ମିଟିଂ**

ହଜୁର୍ ଅନୁୱର୍ ଅ:ବ:ଅ ପ୍ରଥମେ ଦୁଆ କରାଇଲେ । ପୁଣି କାଏଦ୍ ଉମୁମିଙ୍କ ଠାରୁ ମଜ୍‌ଲିସ୍‌ର ଉପସ୍ଥାନ ପ୍ରସଙ୍ଗରେ ରିପୋର୍ଟ ମାଗିଲେ । ଏଥିରେ କାଏଦ୍ ଉମୁମି କହିଲେ ଯେ ଅନ୍‌ସାରୁଲ୍ଲାଃର କେବଳ ଗୋଟିଏ ମଜ୍‌ଲିସ୍ ଅଛି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ-ଲଜ୍‌ନାଙ୍କର ତ ଛଅଟି ମଜ୍‌ଲିସ୍ ଅଛି, କିନ୍ତୁ ଆପଣମାନଙ୍କର କେବଳ ଗୋଟିଏ ମଜ୍‌ଲିସ୍ । ଏତେ ଆଳସ୍ୟତା କାହିଁକି ?

ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ପଚାରିବାରେ ତଜ୍‌ନିଦ୍ ବିଷୟରେ ବତାଗଲା ଯେ ୮୧ ଜଣ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ ଏହି ୮୧ ଜଣ ଅନ୍‌ସାରଙ୍କୁ କିପରି ସମ୍ଭାଳୁଛନ୍ତି । କେହି ଜଇମ୍ ନାହାଁନ୍ତି । ଆପଣମାନେ କିପରି ଅନ୍‌ସାରଙ୍କ ସହିତ ସମ୍ପର୍କ ରଖୁଛନ୍ତି । ଏମାନଙ୍କର ଛୋଟିଆ ୟୁନିଟ୍ ଗଢ଼ନ୍ତୁ । ଫଳତଃ ଏହାର ସଠିକ୍ ରୂପେ ତତ୍ତ୍ୱାବଧାନ ନିଆଯାଇପାରିବ ଏବଂ ସମସ୍ତଙ୍କ ସହିତ ସମ୍ପର୍କ ମଧ୍ୟ ରହିପାରିବ । ଆପଣଙ୍କ ନେଜାମ୍ ହେଉଛି ତାହା ଯାହା ଆପଣମାନଙ୍କ ହସ୍ତରେ ଅସାସୀରେ ଅଛି । ଆପଣମାନେ ତା ଉପରେ ଅମଳ କରି ନିଜର ହଲ୍‌କା ଓ ମଜ୍‌ଲିସ୍ ଗଢ଼ିବାକୁ ହେବ । ଏବଂ ତା ମୁତାବକ ଚାଲିବାକୁ ପଡ଼ିବ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଅନ୍‌ସାର୍‌ମାନଙ୍କ ଭିତରେ ଆପଣମାନଙ୍କର ଆମେଲାର ସଦସ୍ୟମାନେ ମଧ୍ୟ ଅଛନ୍ତି । କିଛି ସଦସ୍ୟଙ୍କ ଦାଢ଼ି ନାହିଁ । ଛୋଟ ଛୋଟ ଦାଢ଼ି ରଖିପାରିବେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଯେଉଁ ସବୁ ପୁରୁଣା ଅହେମଦୀମାନେ ଏଠାରେ ଆସି ବସବାସ କରୁଛନ୍ତି ସେମାନେ ନିଜ ସଂଖ୍ୟାକୁ ବଢ଼ିବା ପାଇଁ କୌଣସି କାର୍ଯ୍ୟ କରିନାହାଁନ୍ତି । ଅନ୍ୟ ଗଏର୍ ଅହେମଦୀ ମୁସଲମାନ୍‌ମାନେ ନିଜର ସଂଖ୍ୟାକୁ ହଜାର୍ ହଜାର୍‌କୁ ବଢ଼ାଇ ଚାଲିଛନ୍ତି । ଏବେ ସେମାନଙ୍କର ସଂଖ୍ୟା ଦୁଇ ଲକ୍ଷ୍ୟ କିନ୍ତୁ ଆପଣମାନେ ୫୦୦ ଭିତରେ ସିମୀତ ରହିଯାଇଛନ୍ତି । ଯଦି ପୁରୁଣା ଲୋକମାନେ କାମ କରିଥାନ୍ତେ ଓ ଅହେମଦୀମାନଙ୍କ ଏ ଦେଶକୁ ଆଣିଥାନ୍ତେ ତେବେ ଆଜି ଆପଣମାନଙ୍କର ମଧ୍ୟ ବହୁତ ବଡ଼ ସଂଖ୍ୟା ହୋଇଥାନ୍ତା ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ହଜରତ୍ ମୁସ୍‌ଲେହ ମଉଦ୍ ର:ଅ କହିଥିଲେ ଯେ ୪୦ ବର୍ଷ ବୟସ ପର୍ଯ୍ୟନ୍ତ ଖୁଦାମ୍ ବହୁତ ଭଲ କାମ କରିଛନ୍ତି । ଯେବେ ଅନ୍‌ସାର୍‌ରେ ଦାଖଲ ହୁଅନ୍ତି ତେବେ ଜଣାନାହିଁ କଣ ହୋଇଯାଏ ଯେ ସେମାନେ ଅଳସୁଆ ହୋଇଯାଆନ୍ତି । ହଜୁର୍ ଅନୁୱର୍ ଅ:ବ:ଅ କହିଲେ ନିଜକୁ କର୍ମଠ ରଖନ୍ତୁ ।

ରିପୋର୍ଟ ପଠାଇବା ପ୍ରସଙ୍ଗରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଜେଲି ତନ୍‌ଜିମ୍‌ର ରିପୋର୍ଟ୍ ଗୁଡ଼ିକ ମୋ ପାଖକୁ ସିଧା ସଳଖ ଆସିବା ଉଚିତ୍ । ଜେଲି ତନ୍‌ଜିମ୍ ନିଜ କାମରେ ଓ ରିପୋର୍ଟ ପଠାଇବାରେ ସ୍ୱାଧୀନ ଅଟନ୍ତି । ଆପଣମାନଙ୍କର ରିପୋର୍ଟ ଗୁଡ଼ିକ ଉପରେ ଅମୀର୍ ଜମାତ୍‌ଙ୍କ ଦସ୍ତଖତର ଆବଶ୍ୟକତା ନାହିଁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଆପଣମାନେ ସମସ୍ତେ ଜମାତ୍‌ର ଜଣେ ଜଣେ ସଦସ୍ୟ ହୋଇଥିବା ଯୋଗୁ ଅମୀର୍‌ଙ୍କ ଅନ୍ତର୍ଗତ ଅଟନ୍ତି । କିନ୍ତୁ ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ତନ୍‌ଜିମ୍ ସ୍ୱାଧୀନ ଅଟେ । ଜମାତ୍‌ର ଜଣେ ସଦସ୍ୟ ହୋଇଥିବା ଯୋଗୁ ଅମୀର୍ ଯାହା କିଛି କାମ ଦେବେ ବା ଯାହା ନିର୍ଦ୍ଦେଶ ଦେବେ ତାକୁ କରନ୍ତୁ । କିନ୍ତୁ ଯଦି ଅନ୍‌ସାରୁଲ୍ଲାଃ ତନ୍‌ଜିମ୍ ହୋଇଥିବା ଯୋଗୁ ଆପଣମାନଙ୍କ ଅମୀର୍ କୌଣସି ନିର୍ଦ୍ଦେଶ ଦିଅନ୍ତି ତେବେ ଏହି ପରିପ୍ରେକ୍ଷୀରେ ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃର ନିଜର ଯେଉଁ ପ୍ରୋଗ୍ରାମ୍ ନିର୍ଦ୍ଧାରିତ ହୋଇଛି, ତା ମୁତାବକ ଅମଲ କରିବେ । ଯଦି ଜମାତି ପ୍ରୋଗ୍ରାମ୍ ଓ ଜେଲି ତନ୍‌ଜିମ୍‌ର ପ୍ରୋଗ୍ରାମ୍ ଗୋଟିଏ ସମୟରେ ଅନୁଷ୍ଠିତ ହେବାକୁ ଅଛି ତେବେ ଜମାତି ପ୍ରୋଗ୍ରାମ୍‌କୁ ପ୍ରାଥମିକତା ଦେବାକୁ ହେବ । ଜେଲି ତନ୍‌ଜିମ୍ ଅନ୍ୟ ସମୟରେ ନିଜର ପ୍ରୋଗ୍ରାମ୍ କରିପାରିବେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ପ୍ରାଇଭେଟ୍ ସେକ୍ରେଟାରୀ ଲଣ୍ଡନ୍‌ଙ୍କ ଦଫ୍‌ତରରେ ଅନ୍‌ସାରୁଲ୍ଲାଃର ନିୟମିତ ଏକ ବିଭାଗ ଅଛି । ତେଣୁ ଆପଣମାନେ ମୋତେ ସିଧାସଳଖ ନିଜର ରିପୋର୍ଟ୍ ପଠାନ୍ତୁ ।

କାଏଦ୍ ତର୍‌ବିୟତ୍ ନୌମୁବାଇନ୍ ନିଜର ରିପୋର୍ଟ ଉପସ୍ଥାପନ କରି କହିଲେ ଯେ ଦୁଇତିନିଜଣ ନୌମୁବାଏ ଅଛନ୍ତି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ବିଗତ ଦୁଇ ତିନି ବର୍ଷରେ କେତେ ନୌମୁବାଏନ୍ ଅଛନ୍ତି । ଆହୁରି ଅଧିକା ନୌମୁବାଏନ୍ ବନାନ୍ତୁ ।

କାଏଦ୍ ୱକ୍‌ଫେ ଆରଜି ତାଲିମୁଲ୍ କୁର୍‌ଆନ୍‌କୁ ହଜୁର୍ ଅନୁୱର୍ ଅ:ବ:ଅ ନିର୍ଦ୍ଦେଶ ଦେଇ କହିଲେ ଯେ- ଆପଣଙ୍କ ଆମେଲାର ସଦସ୍ୟମାନେ ୱକ୍‌ଫେ ଆରଜି କରନ୍ତୁ । ଅନ୍ୟମାନଙ୍କୁ ମଧ୍ୟ ୱକ୍‌ଫେ ଆରଜି କରିବା ପାଇଁ ପ୍ରୋତ୍ସାହିତ କରନ୍ତୁ । କିଛି ଲୋକେ ରିଟାର୍ଡ୍ ହୋଇସାରିଛନ୍ତି, ସେମାନଙ୍କର ସ୍ୱାସ୍ଥ୍ୟ ମଧ୍ୟ ଭଲ ଅଛି । ସେମାନେ ମଧ୍ୟ ୱକ୍‌ଫ୍ କରି ତାଲିମ୍ ଓ ତର୍‌ବିୟତ୍‌ର କାର୍ଯ୍ୟ ସମ୍ପାଦନ କରିପାରିବେ । ତବ୍‌ଲିଗ୍ ପ୍ରତି ଧ୍ୟାନ ଦିଅନ୍ତୁ । ୱକ୍‌ଫେ ଆରଜି ପ୍ରଥମେ ନିଜ ଆମେଲାଙ୍କ ଠାରୁ ଆରମ୍ଭ କରନ୍ତୁ । ହଜୁର୍ ଅନୁୱର୍ କାଏଦ୍ ୱକ୍‌ଫେ ଆରଜିଙ୍କୁ କହିଲେ- ଆପଣ ନିଜେ ସର୍ବପ୍ରଥମେ ନିଜଠାରୁ ହିଁ ୱକ୍‌ଫେ ଆରଜି ଆରମ୍ଭ କରନ୍ତୁ ।

ତାଲିମୁଲ୍ କୁରୁଆନ୍ ପ୍ରସଙ୍ଗରେ କୁହାଗଲା ଯେ ମସ୍‌ଜିଦ୍‌ରେ ନିୟମିତ ରୂପେ କୋରାନ୍ କ୍ଲାସ୍ ହେଉଅଛି ଏବଂ ସେଥିରେ ୧୦ ଜଣ ଅନ୍‌ସାର୍ ସାମିଲ୍ ହେଉଛନ୍ତି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ୮୧ଜଣ ଲୋକଙ୍କ ମଧ୍ୟରୁ କେବଳ ୧୦ ଜଣ ସାମିଲ୍ ହେଉଛନ୍ତି । ଏହା ତ ବହୁତ କମ୍ ସଂଖ୍ୟା । ଏ ସଂଖ୍ୟାକୁ ବଢ଼ାନ୍ତୁ ।

କାଏଦ୍ ତର୍‌ବିୟତ୍‌ଙ୍କୁ ହଜୁର୍ ଅନୁୱର୍ ଅ:ବ:ଅ ନିର୍ଦ୍ଦେଶ ଦେଇ କହିଲେ:-ଆପଣ ନିୟମିତ ଏପରି ପ୍ରୋଗ୍ରାମ୍ ବନାନ୍ତୁ ଯେ ଯଦ୍ୱାରା ଘରେ ଥିବା ମହିଳା ଓ ପିଲାମାନଙ୍କର ତର୍‌ବିୟତ୍ ମଧ୍ୟ ହୋଇପାରିବ । ବହୁତ ନମ୍ରତାର ସହିତ ଏକଥା ପ୍ରତି ଧ୍ୟାନ ଦିଅନ୍ତୁ ଯେ ନିୟମିତ ନମାଜ ପାଠ ହେଉଛି କି ନାହିଁ । ପବିତ୍ର କୋରାନ୍ ତିଲାୱତ୍ ହେଉଛି

*ଅବଶିଷ୍ଟାଂଶ ପୃଷ୍ଠା-୮ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan